ବର୍ଷ-୨୬, ସଂଖ୍ୟା-୩୦୨
ଭୁବନେଶ୍ୱର
ନଭେମ୍ବର, ୧୨, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 302
Bhubaneswar
November, 12, 2026, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜାପାନ ବ୍ୟବସାୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ

ଜାପାନର 'ତତୋରି' ସହ ମୈତ୍ରୀ ସମ୍ପର୍କ ଚୁକ୍ତି



ଭୁବନେଶ୍ୱର,୧୧।୧୧(ମହାଭାରତ): ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କର ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଜାପାନର ତତୋରି ପ୍ରଦେଶ ସହ ଓଡ଼ିଶା ସରକାର ମୈତ୍ରୀ ସମ୍ପର୍କ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତତୋରି ପ୍ରଦେଶର ଗଭର୍ଣ୍ଣର ସିଞ୍ଜି ହିରାଇଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ଅର୍ଥନୀତି, ଶିକ୍ଷା, କର୍ମଚାରୀ ଓ ଯୁବକଯୁବତୀ ବିନିମୟ, ପର୍ଯ୍ୟଟନ, ସଂସ୍କୃତି ଓ ପରିବେଶ କ୍ଷେତ୍ରରେ ଉଭୟ ପ୍ରଦେଶ ସହଯୋଗିତା ବଢ଼ାଇବେ। ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସ୍ଥାନୀୟ ଉତ୍ପାଦ, ଛାତ୍ରଛାତ୍ରୀଙ୍କ ଆଦାନପ୍ରଦାନ ଓ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏଥି ସହିତ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍ଓୟୁ) ମଧ୍ୟ ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଏହି ଚୁକ୍ତି ଓଡ଼ିଶା ଓ ତତୋରି ପ୍ରଦେଶକୁ ନିକଟତର କରିବା ଦିଗରେ ଏକ ମାଇଲଖୁଣ୍ଟ। ଏହା ଆଞ୍ଚଳିକ ସହଯୋଗିତା ସୁଦୃଢ଼ କରିବାରେ ସହାୟକ ହେବ। ଓଡ଼ିଶାର ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍ ଓ ଶିକ୍ଷା କ୍ଷେତ୍ରରେ ନିବେଶ ଏବଂ ସହଭାଗିତାର ସୁଯୋଗ ସନ୍ଧାନ କରିବାକୁ ସେ ଜାପାନର ବ୍ୟବସାୟୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ ଇଣ୍ଡୋ ନିସିନ୍, ନିପନ୍ ଷ୍ଟିଲ୍, ଜେଏଫ୍ଇ ଷ୍ଟିଲ୍, କ୍ରୋସାକି, ଟିଓ୍ୱାଇକେ, ଯୋକୋହାମା, ଆଇଏଚ୍ଆଇ, ଟୋରେ ଆଦି ଜାପାନୀ କମ୍ପାନି କାର୍ଯ୍ୟ କରୁଥିବା ସେ କହିଥିଲେ। ତତୋରି ପ୍ରଦେଶର ରାଜ୍ୟପାଳ ସିଞ୍ଜି ହିରାଇ କହିଥିଲେ, ମୁଁ ଓଡ଼ିଶାକୁ ଭଲ ପାଏ। ଅର୍ଥନୈତିକ ସହଯୋଗ, ସାଂସ୍କୃତିକ ଆଦାନପ୍ରଦାନ ଓ ଉଭୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ମାଧ୍ୟମରେ ଏହି ବନ୍ଧୁତାକୁ ଦୀର୍ଘସ୍ଥାୟୀ କରାଯିବ।

ଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଏହି ସହଭାଗିତା ଶିକ୍ଷା ବିକାଶ ସହ ଦକ୍ଷତା ତାଲିମକୁ ଯୋଡ଼ିବ। ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓଡ଼ିଶାର କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ପାଇଁ ନୂଆ ବଜାର ଓ ବୈଷୟିକ ସହଯୋଗର ସୁଯୋଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡ଼ିଶା ଓ ତତୋରିର ଶିକ୍ଷା ନିର୍ଦ୍ଦେଶକଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହା ଅଧୀନରେ ଷ୍ଟାର୍ଟଅପ୍ ବିନିମୟ, ବ୍ୟାବସାୟିକ ସହଯୋଗ, ତାଲିମ, ପରାମର୍ଶ ଓ ନିବେଶକଙ୍କ ସହ ସମ୍ପର୍କ ବଢ଼ିବ। ସେହିପରି, ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଓ ତତୋରିର ନିହୋନ୍ ଏଡୁଟେକ୍ ମଧ୍ୟରେ ଅନୁରୂପ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗିତାରେ ବିନିର୍ମାଣ ଶିକ୍ଷା ଓ ନର୍ସିଂ ଯନ୍ତ୍ କ୍ଷେତ୍ରରେ ତାଲିମ ସହ ଜାପାନୀ ଭାଷା ଶିକ୍ଷା ଦିଆଯିବ। ଏହାଦ୍ୱାରା ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ଜାପାନରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ଅନୁ ଗର୍ଗ, କୋଲକାତାସ୍ଥିତ ଜାପାନର କନ୍ସୁଲ୍ ଜେନେରାଲ୍ ଇସିକାଓ୍ୱା ଯୋସିହିସା, ତତୋରି ପ୍ରଦେଶ ବିଧାନସଭାର ସଦସ୍ୟ, ଶିକ୍ଷା ପ୍ରତିନିଧି ଓ ୮୦ ଜଣିଆ ଜାପାନୀ ପ୍ରତିନିଧି ଦଳ ଯୋଗ ଦେଇଥିଲେ। ଶିଳ୍ପ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓଡ଼ିଶା-ଜାପାନ ସହଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଆଜି ତତୋରି ପ୍ରତିନିଧି ଦଳ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଓ କଳାଭୂମି ପରିଦର୍ଶନ କରିଥିଲେ।

କଟକ ବାଲିଯାତ୍ରାକୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ

କଟକ:୧୧।୧୧(ମହାଭାରତ): ଆସନ୍ତା ୨୪ ତାରିଖରୁ ଆରମ୍ଭ ହେଉଥିବା ଐତିହାସିକ ବାଲିଯାତ୍ରାର ଉଦ୍ ?ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏ ସଂକ୍ରାନ୍ତରେ ବାଲିଯାତ୍ରା ଆୟୋଜକ କଟକ ଜିଲ୍ଲା ସଂସ୍କୃତି ପରିଷଦ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ଦିଆଯାଇଥିଲା ବେଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ମତି ମିଳିଥିବା ଜଣାପଡ଼ିଛି।



ରାଷ୍ଟ୍ରପତି ବାଲିଯାତ୍ରା ଉଦ୍ ?ଘାଟନୀ ସମାରୋହରେ ଯୋଗ ଦେଲେ ଏହା ପ୍ରଥମ ଘଟଣା ହେବ। ପୂର୍ବରୁ କୌଣସି ରାଷ୍ଟ୍ରପତି ବାଲିଯାତ୍ରାରେ ସାମିଲ ହୋଇ ନଥିଲେ।ତେବେ ଏଥର ଜଣେ ଓଡ଼ିଆ ଦେଶର ସର୍ବୋଚ୍ଚ ନାଗରିକ ହୋଇଥିବାରୁ ଚଳିତ ବାଲିଯାତ୍ରା ଏକ ନୂଆ ଇତିହାସ ରଚିବାକୁ ଯାଉଛି। ରାଷ୍ଟ୍ରପତିଙ୍କ ବ୍ୟତୀତ ରାଜ୍ୟପାଳ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ ?ଘାଟନୀ ସମାରୋହରେ ଯୋଗ ଦେବାକୁ ସ୍ୱୀକୃତି ଦେଇଥିବା ଜଣାପଡ଼ିଛି। ଇଣ୍ଡୋନେସିଆ ବାଲି ପ୍ରଦେଶର ଗଭର୍ଣ୍ଣର ଆଇ. ଓ୍ୱାୟାନ କୋଷ୍ଟରଙ୍କୁ ବାଲିଯାତ୍ରାରେ ସାମିଲ ହେବାକୁ ନିମନ୍ତ୍ରଣ ଦିଆଯିବାକୁ ଯୋଜନା ଚାଲିଥିବା ସୂଚନା ମିଳିଛି। ବାଲିଯାତ୍ରା ଆୟୋଜନ ବିଷୟରେ ଶୁକ୍ରବାର ଦିନ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ସ୍ୱଚ୍ଛତା ରାଙ୍କିଂରେ ନୂଆ ରେକର୍ଡ

ଦେଶର ଏକ ନମ୍ବର ସ୍ୱଚ୍ଛ ସହର ନଭି ମୁମ୍ବାଇ

ଉପକୂଳ ସହର ବର୍ଗରେ ଚମକିଲା ପୁରୀ



ନୂଆଦିଲ୍ଲୀ୧୧।୧୧(ମହାଭାରତ):: ଦେଶର ସ୍ୱଚ୍ଛ ସହର ତାଲିକାରେ ଏଥର ବଡ଼ ଧରଣର ପରିବର୍ତ୍ତନ ଆସିଛି। ଦୀର୍ଘ ୮ ବର୍ଷ ଧରି ସ୍ୱଚ୍ଛତା ରାଙ୍କିଂରେ ଶୀର୍ଷ ସ୍ଥାନ ଦଖଲ କରିଆସୁଥିବା ମଧ୍ୟପ୍ରଦେଶର ଇନ୍ଦୋର ଏଥର ପଛରେ ପଡ଼ିଥିବା ବେଳେ ମହାରାଷ୍ଟ୍ରର ନଭି ମୁମ୍ବାଇ ଦେଶର ସବୁଠୁ ସ୍ୱଚ୍ଛ ସହର ମାନ୍ୟତା ହାସଲ କରିଛି। ଅନ୍ୟପଟେ ଓଡ଼ିଶା ପାଇଁ ଗର୍ବର ବିଷୟ ହେଉଛି, ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି।

କେନ୍ଦ୍ର ସରକାରଙ୍କ ବାର୍ଷିକ ସ୍ୱଚ୍ଛତା ସର୍ଭେକ୍ଷଣରେ ନଭି ମୁମ୍ବାଇ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୁଜରାଟର ସୁରଟ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ତୃତୀୟ ସ୍ଥାନ ହାସଲ କରିଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସର୍ଭ ?କ୍ଷଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସହରଗୁଡ଼ିକୁ ସମ୍ମାନିତ କରିଛନ୍ତି।ସ୍ୱଚ୍ଛ ଉପକୂଳ ସହର ବର୍ଗରେ ଓଡ଼ିଶାର ପୁରୀ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛି। ଏହି ବର୍ଗରେ କେରଳର ଅଲପ୍ପୁଝା ଦ୍ୱିତୀୟ ଏବଂ ମହାରାଷ୍ଟ୍ରର ରତ୍ନଗିରି ତୃତୀୟ ସ୍ଥାନରେ ରହିଛି। ଧାର୍ମିକ ଓ ପର୍ଯ୍ୟଟନ ସହର ଭାବେ ପରିଚିତ ପୁରୀର ଏହି ସଫଳତା ସହରର ସ୍ୱଚ୍ଛତା ପରିଚାଳନାକୁ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।

ସେହିପରି ସ୍ୱଚ୍ଛ ରିଭରଫ୍ରଣ୍ଟ ଟାଉନ ବର୍ଗରେ ମଧ୍ୟପ୍ରଦେଶର ରିଭା ପ୍ରଥମ ହୋଇଥିବା ବେଳେ ଛତିଶଗଡ଼ର ବିଳାସପୁର ଦ୍ୱିତୀୟ ଓ ଉତ୍ତରପ୍ରଦେଶର ବାରାଣାସୀ ତୃତୀୟ ସ୍ଥାନ ହାସଲ କରିଛି। ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହର ବର୍ଗରେ ଗ୍ରେଟର ବିଶାଖାପାଟଣା ସ୍ୱଚ୍ଛତା ରାଙ୍କିଂରେ ଶୀର୍ଷ ସ୍ଥାନ ହାସଲ କରିଛି। ଏହି ବର୍ଗରେ ମଧ୍ୟପ୍ରଦେଶର ଜବଲପୁର ଦ୍ୱିତୀୟ ଓ ଉତ୍ତରପ୍ରଦେଶର ଲକ୍ଷ୍ନୌ ତୃତୀୟ ସ୍ଥାନରେ ରହିଛି। ସେହିପରି ୩ରୁ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ମଧ୍ୟପ୍ରଦେଶର ଉଜ୍ଜୈନ ପ୍ରଥମ ହୋଇଛି। ଚଣ୍ଡିଗଡ଼ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ତୃତୀୟ ସ୍ଥାନ ଅଧିକାର କରିଛି।

ଲକ୍ଷ୍ମୀସାଗର ଘର ମାଲିକାଣୀଙ୍କୁ ହତ୍ୟା ମାମଲା

ଅଭିଯୁକ୍ତ କେୟାରଟେକର ସୁରଟରୁ ଗିରଫ

ଭୁବନେଶ୍ୱର,୧୧।୧୧(ମହାଭାରତ): ଭୁବନେଶ୍ୱର ଲକ୍ଷ୍ମୀସାଗର ଅଂଚଳର ଜନୈକା ଘର ମାଲିକାଣୀଙ୍କୁ ହତ୍ୟା କରିଥିବା କେୟାରଟେକର ବଳଭଦ୍ର ମହାରଣାକୁ ଗୁଜୁରାଟ ପୁଲିସ ସୁରଟରୁ ଗିରଫ କରିଛି। ଗତ ନଭେମ୍ବର ୩ ତାରିଖରେ ବଳଭଦ୍ର ଲକ୍ଷ୍ମୀସାଗର ଅଂଚଳରେ ରହୁଥିବା ୭୬ ବର୍ଷୀୟ କୁଂଜଲତା ନନ୍ଦଙ୍କୁ ହତ୍ୟା କରି ନଗଦ ୩୨ ହଜାର ଟଙ୍କା ଓ ୫୦ରୁ ୬୦ ଗ୍ରାମ ସୁନା ଗହଣା ଧରି ଫେରାର ହୋଇଯାଇଥିଲା। ସୁରଟ ଡିସିପି(କ୍ରାଇମ) ବି.ପି ରୋଜିୟାଙ୍କ କହିବା ଅନୁଯାୟୀ ହତ୍ୟାକାରୀ ବଳଭଦ୍ର ସୁରଟରେ ଥିବା ନେଇ ପୁଲିସକୁ ଖବର ମିଳିଥିଲା। ସୁରଟ କ୍ରାଇମବ୍ରାଞ୍ଚ ଏବଂ ଭଦୋଦରା ରୁରାଲ ସ୍ପ ?ଶିଆଲ ଅପରେସନସ ଗ୍ରୁପ ମଙ୍ଗଳବାର ଏକ ମିଳିତ ଅପରେସନ କରି ଅଭିଯୁକ୍ତଙ୍କୁ କର୍ଜନ ଅଂଚଳରେ ଥିବା କ୍ରିଷ୍ଣା ହୋଟେଲ ନିକଟରୁ ଗିରଫ କରିଥିଲେ। ଅଭିଯୁକ୍ତ ବଳଭଦ୍ର ଅନେକ ମୋବାଇଲ୍ ନମ୍ବର ବ୍ୟବହାର କରି ପୁଲିସକୁ ବାଟବଣା କରିବାକୁ ଚେଷ୍ଟା କରୁଥିଲା। ମଙ୍ଗଳବାର ଦିଲ୍ଲୀ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା। ସୁରଟ ଆସିବା ପୂର୍ବରୁ ସେ ପଂଜାବର ଲୁଧିଆନା ଚାଲି ଯାଇଥିଲା। ଗିରଫ ପରେ ତା ଠୁ କିଛି ମାତ୍ରାରେ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ଆଇନଗତ ଔପଚାରିକତା ପୂରଣ କରିବା ପରେ ଅଭିଯୁକ୍ତ ବଳଭଦ୍ର ମହାରଣାକୁ ଭୁବନେଶ୍ୱର ଲକ୍ଷ୍ମୀସାଗର ପୁଲିସକୁ ହସ୍ତାନ୍ତର କରାଯିବ ବୋଲି ଡିସିପି ରୋଜିୟା କହିଛନ୍ତି।

'ଅର୍ଣ୍ଣବ' ବିପ୍ରାତ: ୬ ଜିଲ୍ଲାର ପୁନରୁଦ୍ଧାର ପାଇଁ ୪୮୨ କୋଟି ମଞ୍ଜୁର

ଭୁବନେଶ୍ୱର,୧୧।୧୧(ମହାଭାରତ): ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ୬ଟି ଜିଲ୍ଲାରେ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଆଜି ୪୮୨କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାସହିତ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସବୁ ବ୍ଲକରେ ଯୋଗ୍ୟ ପ୍ରଭାବିତ ପରିବାରକୁ ୫୦କିଲୋ ଚାଉଳ ଓ ୨୫୦୦ଟଙ୍କା ନଗଦ ସହାୟତା ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଣ୍ଣବ ଯୋଗୁ ବିଭିନ୍ନ ଜିଲ୍ଲାର କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକର ଦ୍ରୁତ ମରାମତି ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ)ରୁ ମୋଟ ୪୮୨.୪୨କୋଟି ଟଙ୍କା ମଞ୍ଜୁର କରାଯାଇଛି।



ଏହାସହିତ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ରିଲିଫ୍ ପ୍ୟାକେଜକୁ ଅଧିକ ବ୍ୟାପକ କରି ସର୍ବାଧିକ ପ୍ରଭାବିତ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକର ସବୁ ଯୋଗ୍ୟ ପରିବାରକୁ ତୁରନ୍ତ ୫୦ କିଲୋ ଲେଖାଏଁ ଚାଉଳ ଓ ନଗଦ ୨୫୦୦ ଟଙ୍କାର ଜରୁରୀକାଳୀନ ସହାୟତା ଯୋଗାଇ ଦେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ (ଏସଆରସି) ଆଜି ନିର୍ଦ୍ଦେଶ ଦେଇଛନ୍ତି।କ୍ଷୟକ୍ଷତି ଆକଳନ ଅନୁସାରେ ରାଜ୍ୟର ମୋଟ ୬ଟି ଜିଲ୍ଲାରେ ଗ୍ରାମୀଣ ଭିତ୍ତିଭୂମି ଗୁରୁତର ଭାବେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ କ୍ଷତି ଘଟିଥିବାରୁ ଏହି ଜିଲ୍ଲାର ପ୍ରକଳ୍ପଗୁଡ଼ିକ ପାଇଁ ସର୍ବାଧିକ ୩୦୬.୫୪କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଗଜପତି ଜିଲ୍ଲା ପାଇଁ ୧୦୯.୯୭କୋଟି ଟଙ୍କା, କନ୍ଧମାଳ ଜିଲ୍ଲା ପାଇଁ ୪୨ .୫୭ କୋଟି ଟଙ୍କା, ନୂଆପଡ଼ା ଜିଲ୍ଲା ପାଇଁ ୧୫.୦୮କୋଟି ଟଙ୍କା, ନବରଙ୍ଗପୁର ଜିଲ୍ଲା ପାଇଁ ୭.୭୮କୋଟି ଟଙ୍କା ଓ ରାୟଗଡ଼ା ଜିଲ୍ଲା ପାଇଁ ୯୭.୬୦ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି।ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଲ କୋଠା, ପଂଚାୟତ କାର୍ଯ୍ୟାଳୟ, କମ୍ୟୁନିଟି ହଲ, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମାଂଚଳ ରାସ୍ତା, ପୋଲ, କଲଭର୍ଟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମେତ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ନଳକୂପଗୁଡ଼ିକର ପୁନରୁଦ୍ଧାର ପାଇଁ ଏହି ଅର୍ଥ ବିନିଯୋଗ କରାଯିବ, ଯାହାଫଳରେ ଜନଜୀବନ ଖୁବଶୀଘ୍ର ସ୍ୱାଭାବିକ ହୋଇପାରିବ।

ଅନ୍ୟପକ୍ଷରେ ପୂର୍ବରୁ ଘୋଷିତ ରିଲିଫ୍ ସହାୟତାର ପରିସରକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ବୃଦ୍ଧି କରିଛନ୍ତି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର କୌଣସି ବି ପ୍ରଭାବିତ ପରିବାର ଯେପରି ସହାୟତାରୁ ବଂଚିତ ନହୁଅନ୍ତି, ସେଥିପାଇଁ ଏସବୁ ଜିଲ୍ଲାର ସମସ୍ତ ବ୍ଲକରେ ତୁରନ୍ତ ହିତାଧିକାରୀ ତାଲିକା ପ୍ରସ୍ତୁତ ଓ ଯାଂଚ କାର୍ଯ୍ୟ ଶେଷ କରିବାକୁ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି।

ଖାଦ୍ୟ ଯୋଗାଣ ନିଗମ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହଯୋଗରେ ପ୍ରତ୍ୟେକ ପ୍ରଭାବିତ ପରିବାରକୁ ୫୦କିଲୋ ଚାଉଳ ବଣ୍ଟନ କରାଯିବା ସହ ୨୫୦୦ ଟଙ୍କାର ଆର୍ଥିକ ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ଯେଉଁ ଦୁର୍ଗମ ଅଂଚଳରେ ବ୍ୟାଙ୍କିଙ୍ଗ୍ ସେବା ବାଧାପ୍ରାପ୍ତ ହୋଇଛି, ସେଠାରେ ସ୍ୱଚ୍ଛତା ଓ ଉପଯୁକ୍ତ ରେକର୍ଡ ରଖି ବିକଳ୍ପ ଉପାୟରେ ଟଙ୍କା ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହିସମଗ୍ରବଣ୍ଟନ ପ୍ରକ୍ରିୟାର ଦ୍ରୁତ ତଦାରଖ ପାଇଁ ସମ୍ପୃକ୍ତ ତିନି ଜିଲ୍ଲାର ଜିଲ୍ଲାପାଳମାନେ ପ୍ରତିଦିନ ଅପରାହ୍ନ ୫ଟା ସୁଦ୍ଧା ରାଜ୍ୟ ଜରୁରୀକାଳୀନ କାର୍ଯ୍ୟାଳୟକୁ ବ୍ଲକୱାରି ଦୈନିକ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବେ ବୋଲି ଏସଆରସି ନିର୍ଦ୍ଦେଶ ଦେଇଛନ୍ତି।

ରାମ୍ପ ଦର୍ଶନ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ;ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୧।୧୧(ମହାଭାରତ):ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ଅଧିକ ସୁଗମ ଓ ସୁବ୍ୟବସ୍ଥିତ କରିବା ନେଇ ରାମ୍ପରେ ଦର୍ଶନ ବ୍ୟବସ୍ଥାର ରୂପରେଖ ପ୍ରସ୍ତୁତ ହୋଇଛି। ଏହାକୁ ନେଇ ସେବାୟତ ଓ ଟେକ୍ନିକାଲ କମିଟି ସହ ଆଲୋଚନା ମଧ୍ୟ ହୋଇଛି। ତେବେ ଶ୍ରୀମନ୍ଦିରର ପ୍ରାଚୀନ ପରମ୍ପରା ଓ ଧାର୍ମିକ ବିଧିବିଧାନ ଯେପରି କୌଣସି ପ୍ରକାରେ ପ୍ରଭାବିତ ନହୁଏ, ସେଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ଆମ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି। ଏହାକୁ ସେବାୟତ ଓ ଟେକ୍ନିକାଲ କମିଟିର ସଦସ୍ୟମାନେ ଦେଖିଛନ୍ତି। ତେବେ ରୂପରେଖରେ କିଛି ପରିବର୍ତ୍ତନ ଆଣିବାକୁ ସେବକ ବନ୍ଧୁମାନେ ପରାମର୍ଶ ଦେଇଛନ୍ତି। ସେହି ପରାମର୍ଶଗୁଡ଼ିକୁ ବିଚାରକୁ ନିଆଯାଇ ଆଗାମୀ ପଦକ୍ଷେପ ନିଆଯିବ।ତେବେ ରାମ୍ପ ?ରେ ଦର୍ଶନ ବ୍ୟବସ୍ଥା କେବେଠାରୁ କାର୍ଯ୍ୟକାରୀ ହେବ, ସେ ସମ୍ପର୍କରେ ଏବେଠାରୁ କିଛି କହିହେବ ନାହିଁ ବୋଲି ଅରବିନ୍ଦ ପାଢ଼ୀ ସ୍ପଷ୍ଟ କରିଛନ୍ତି।

ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ପରେ ଲଘୁଚାପ ଆଶଙ୍କା

ଭୁବନେଶ୍ୱର,୧୧।୧୧(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୧୪ ତାରିଖ ସୁଦ୍ଧା ସୁଦୃଶ୍ୟ ଲଘୁଚାପ ଏବଂ ୧୫ ତାରିଖ ବେଳକୁ ଅବପାତର ରୂପ ନେବା ସମ୍ଭାବନା ରହିଛି।ଏହାର ପ୍ରଭାବରେ ନଭେମ୍ବର ୧୪ରୁ ୧୬ ତାରିଖ ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ରହିପାରେ। ପବନର ଝଟକା ୬୦ କିଲୋମିଟର ଛୁଇଁବା ଆଶଙ୍କା ରହିଛି। ସେହିପରି ଏହାର ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ନଭେମ୍ବର ୧୭ରୁ ୨୦ ତାରିଖ ମଧ୍ୟରେ ବର୍ଷା ହୋଇପାରେ। ଏପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଧାନ ଅମଳ ଜୋରସୋରରେ ଚାଲିଛି। ଚାଷୀମାନେ ବିଲରୁ ଧାନ କାଟି ଖଳାକୁ ଆଣୁଥିବା ବେଳେ ପୁଣି ଲଘୁଚାପ ଓ ବର୍ଷା ଆଶଙ୍କା ଚିନ୍ତା ବଢ଼ାଇଛି।

ଗଞ୍ଜାମ ବନ୍ୟାକୁ ନେଇ ତଥ୍ୟ ସହ ସ୍ପଷ୍ଟୀକରଣ ଦେଲେ ମୁଖ୍ୟ ସଚିବ

ଭୁବନେଶ୍ୱର,୧୧।୧୧(ମହାଭାରତ): ଗଞ୍ଜାମ ଜିଲ୍ଲାର ପ୍ରଳୟଙ୍କରୀ ବନ୍ୟାକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ ହୋଇଥିବାବେଳେ ଆଜି ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ଅନୁ ଗର୍ଗ ସାମ୍ନାକୁ ଆସି ତଥ୍ୟ ସହ ସ୍ପଷ୍ଟୀକରଣ ରଖିଛନ୍ତି। ପୂର୍ବତନ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସଙ୍ଗୀନ ଅଭିଯୋଗ ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତ ଦାସଙ୍କ ସମାନଧରଣର ଅଭିଯୋଗ ଆଣି ଗଞ୍ଜାମ ବନ୍ୟାକୁ 'ମନୁଷ୍ୟକୃତ' ବୋଲି କହିବା ପରେ ରାଜନୀତି ସରଗରମ ହୋଇଛି।

ଗଞ୍ଜାମ ବନ୍ୟାକୁ ନେଇ ସୁରେଶ ମହାପାତ୍ରଙ୍କ ଅଭିଯୋଗ ପରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସଫେଇ ଦେଇଥିଲେ ମଧ୍ୟ ଆଜି ମୁଖ୍ୟ ସଚିବ ଅନୁ ଗର୍ଗ ସାମ୍ବାଦିକ ସମ୍ମିଳନୀ କରି ତଥ୍ୟଭିତ୍ତିକ ସ୍ପଷ୍ଟୀକରଣ ରଖିଛନ୍ତି। ଆଉ ଗଞ୍ଜାମ ବନ୍ୟା କୌଣସି ପରିଚାଳନାଗତ ତ୍ରୁଟି କିମ୍ବା ମନୁଷ୍ୟକୃତ ବନ୍ୟା ନୁହେଁ, ବରଂ ଇତିହାସର ଅଭୂତପୂର୍ବ ଓ ଅପ୍ରତ୍ୟାଶିତ ଅତି ପ୍ରବଳ ବର୍ଷା ଯୋଗୁଁ ହିଁ ହୋଇଛି ବୋଲି ସ୍ପଷ୍ଟ କରିଛନ୍ତି। ଏହାସହିତ କେନ୍ଦ୍ରୀୟ ଟିମ୍ ମଧ୍ୟ ଗଞ୍ଜାମ ବନ୍ୟାକୁ ଅପ୍ରତ୍ୟାଶିତ ବୋଲି କହିଥିବା ସେ ସୂଚନା ଦେଇଛନ୍ତି।

ଆଜି ଲୋକସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ଟିମ୍ ଗଞ୍ଜାମର ସ୍ଥିତି ଅନୁଧ୍ୟାନ କରିବା ପରେ ଏହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ପ୍ରାକୃତିକ ବର୍ଷା ଯୋଗୁଁ ଘଟିଛି ବୋଲି ନିର୍ଦ୍ଧାରଣ କରିଛନ୍ତି। ବର୍ଷାର ପରିମାଣ ପାତ୍ରପୁର ବ୍ଲକରେ ମାତ୍ର ଗୋଟିଏ ଦିନରେ ୫୪୬ ମିଲିମିଟର ଓ ତିନି ଦିନରେ ପ୍ରାୟ ୮୦୮ ମିଲିମିଟର ବର୍ଷା ହୋଇଥିଲା, ଯାହା ୧୯୯୦ ମସିହାର ଐତିହାସିକ ବର୍ଷା ତଥା ୨୦୧୩ ଫାଇଲିନ୍ ତୁଳନାରେ ମଧ୍ୟ ପ୍ରାୟ ୬୫ ପ୍ରତିଶତ ଅଧିକ। ଫାଇଲିନବେଳେ ମାତ୍ର ଗୋଟିଏ ଦିନ ବର୍ଷା ହୋଇଥିବାବେଳେ ଏଥର କ୍ରମାଗତ ତିନି ଦିନ ଧରି ମୂଷଳଧାରାରେ ବର୍ଷା ଲାଗିରହିଥିଲା।

କ୍ୟାଚମେଣ୍ଟ ଏରିଆ ବା ଅବବାହିକା ସମ୍ପର୍କରେ ତଥ୍ୟ ରଖି ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ଋଷିକୁଲ୍ୟା ଓ ବାହୁଦା ନଦୀର ସମୁଦାୟ କ୍ୟାଚମେଣ୍ଟ ଏରିଆ ପ୍ରାୟ ୯୮୦୦ ବର୍ଗ କିମି, ଯାହା ମଧ୍ୟରୁ ଡ୍ୟାମ୍ ମଧ୍ୟକୁ ମାତ୍ର ୮୮୦ ବର୍ଗ କିମି ବା ପ୍ରାୟ ୧୦ ପ୍ରତିଶତ ଅଂଚଳର ପାଣି ଆସିଥାଏ। ଅବଶିଷ୍ଟ ୯୦ ପ୍ରତିଶତ ପାଣି ସିଧାସଳଖ





ନଦୀକୁ ଯାଏ, ଯାହା ଉପରେ କୌଣସି ଡ୍ୟାମ୍ ବା ନିୟନ୍ତ୍ରଣ ବ୍ୟବସ୍ଥା ନଥାଏ। ଡ୍ୟାମ ଥାଉ ବା ନଥାଉ, ସେହି ୯୦ ପ୍ରତିଶତ ଜଳ ସିଧାସଳଖ ନଦୀରେ ପ୍ରବାହିତ ହୋଇଥାଏ।

ଡ୍ୟାମ୍ ପରିଚାଳନାରେ ଅବହେଳା ଓ ହଠାତ୍ ଗେଟ୍ ଖୋଲିବା ଅଭିଯୋଗକୁ ଖଣ୍ଡନ କରି ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ସରକାରୀ ପ୍ରୋଟୋକଲ୍ ଅନୁଯାୟୀ ବର୍ଷା ପୂର୍ବରୁ ହିଁ ଯନ୍ତ୍ରୀମାନେ ସ୍ଥିତି ଆକଳନ କରି କେନାଲ ମାଧ୍ୟମରେ ପାଣି ନିଷ୍କାସନ କରି ବିଭିନ୍ନ ଡ୍ୟାମକୁ ୫୫ ରୁ ୬୫ ପ୍ରତିଶତ ପର୍ଯ୍ୟନ୍ତ ଖାଲି ରଖିଥିଲେ। ପରବର୍ତ୍ତୀ ସମୟରେ ଯେତେବେଳେ ପ୍ରବଳ ପାଣି ପ୍ରବେଶ କଲା, ସେତେବେଳେ ଡ୍ୟାମର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ଯନ୍ତ୍ରୀମାନେ ପର୍ଯ୍ୟାୟକ୍ରମେ ଓ ନିୟନ୍ତ୍ରିତ ଭାବେ ଗେଟ୍ ଖୋଲିଥିଲେ। ପୁରୁଷୋତ୍ତମପୁର ନିକଟରେ ନଦୀର ଜଳ ଧାରଣ କ୍ଷମତାଠାରୁ ଦୁଇଗୁଣରୁ ଅଧିକ ଜଳ ପ୍ରବାହିତ ହେଉଥିଲା।

ଏହି ବନ୍ୟାରେ ସବୁଠାରୁ ବଡ଼ ସଫଳତା ହେଉଛି ଜିଲ୍ଲାରେ କୌଣସି ଜୀବନହାନି ଘଟିନାହିଁ। ଲୋକଙ୍କର ସମ୍ପତ୍ତି ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବାରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଦୁଇ ଦିନ ମଧ୍ୟରେ ପାନୀୟ ଜଳ ଓ ତିନି ଦିନ ମଧ୍ୟରେ ବିଦ୍ୟୁତ ସେବା ପୁନରୁଦ୍ଧାର କରିବା ସହ ରିଲିଫ ବଣ୍ଟନ କାର୍ଯ୍ୟ ଜାରି ରଖିଛି। ତେଣୁ ସରକାରଙ୍କ ପରିଚାଳନାରେ କୌଣସି ତ୍ରୁଟି ନଥିଲା ଓ ଏହି ବନ୍ୟା ମନୁଷ୍ୟକୃତ ନୁହେଁ ବରଂ ପ୍ରକୃତିର ଅତ୍ୟଧିକ ବର୍ଷା କାରଣରୁ ହିଁ ଘଟିଛି ବୋଲି ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ଦୃଢ଼ତାର ସହ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ଗତକାଲି ସୁରେଶ ମହାପାତ୍ରଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରି ସମାନ ସଫେଇ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ଏହା କୌଣସି ମନୁଷ୍ୟକୃତ ବନ୍ୟା ନୁହେଁ, ପୂର୍ବାନୁମାନଠାରୁ ବହୁ ଅଧିକ (୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ) ବର୍ଷା ଯୋଗୁଁ ହିଁ ଏଭଳି ପରିସ୍ଥିତି ଉପୁଜିଥିଲା ଏବଂ ଜିଲ୍ଲାର ସମସ୍ତ ଡ୍ୟାମର ଜଳସ୍ତର ଉପରେ କଡ଼ା ନଜର ରଖାଯାଇ ଠିକ୍ ସମୟରେ ନିୟମ ଅନୁସାରେ ହିଁ ପାଣି ଛଡ଼ାଯାଇଥିଲା। ଏହାସହ ସେ ଡ୍ୟାମଗୁଡ଼ିକର ବୈଷୟିକ ସ୍ଥିତି ବାବଦରେ ବୁଝାଇ କହିଥିଲେ ଯେ କିଛି ଜଳଭଣ୍ଡାରରେ ଅଟୋମେଟିକ୍ ଗେଟ୍ ରହିଛି ଯାହା ଜଳସ୍ତର ବଢ଼ିଲେ ଆପେ ନିୟନ୍ତ୍ରିତ ହୁଏ। ଭଞ୍ଜନଗର ତଥା ସୋରଡ଼ା ଭଳି ଜଳଭଣ୍ଡାରର ଜଳଧାରଣ କ୍ଷମତା ଓ କେନାଲ ମାଧ୍ୟମରେ ନିଷ୍କାସନ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ନିର୍ଦ୍ଦିଷ୍ଟ ନିୟମାବଳୀ ମୁତାବକ କାର୍ଯ୍ୟ କରିଥାଏ, ତେଣୁ ଜଳ ପରିଚାଳନାରେ କୌଣସି ତ୍ରୁଟି ହୋଇନଥିବା ସେ ଦୃଢ଼ତାର ସହ କହିଥିଲେ।

ଗତ ୩ଦିନ ପୂର୍ବରୁ ପୂର୍ବତନ ମୁଖ୍ୟ ସଚିବ ତଥା ଜଳସମ୍ପଦ ସଚିବ ସୁରେଶ ମହାପାତ୍ର ସୋସିଆଲ ମିଡିଆରେ ନିଜର ଦୀର୍ଘ ପ୍ରଶାସନିକ ଅନୁଭୂତିର ଉଲ୍ଲେଖ କରି ଜଳସମ୍ପଦ ବିଭାଗର ଦୂରଦୃଷ୍ଟିର ଅଭାବ ଓ ଭୁଲ ପରିଚାଳନା କାରଣରୁ ଗଞ୍ଜାମବାସୀ ଏଭଳି ଜଳବନ୍ଦୀ ଦୁର୍ଦ୍ଦଶା ଭୋଗିଲେ। ପ୍ରବଳ ବର୍ଷାର ପୂର୍ବାନୁମାନ ସତ୍ତ୍ୱେ ଜଳଭଣ୍ଡାରଗୁଡ଼ିକୁ ପୂର୍ବରୁ ଆବଶ୍ୟକ ପରିମାଣରେ ଖାଲି କରାଗଲା ନାହିଁ ଓ ଶେଷ ମୁହୂର୍ତ୍ତରେ ଭୟଭୀତ ହୋଇ ଏକାସଙ୍ଗେ ୩୦ରୁ ୪୦ଟି ଗେଟ୍ ଖୋଲିଦିଆଗଲା। ଫଳରେ ଡ୍ୟାମ୍ ଏକ 'ଓ୍ୱାଟର ବମ୍' ଭଳି କାମ କଲା ଓ ଉପରମୁଣ୍ଡର ପ୍ରବଳ ବର୍ଷା ସାଙ୍ଗକୁ ଡ୍ୟାମରୁ ହଠାତ୍ ନିଷ୍କାସିତ ବିପୁଳ ଜଳ ମିଶି ଋଷିକୁଲ୍ୟା ଅବବାହିକାରେ ଭୟଙ୍କର ବନ୍ୟା ସୃଷ୍ଟି କଲା, ଯାହାଫଳରେ ସାଧାରଣ ଲୋକଙ୍କୁ ସତର୍କ ହେବା ପାଇଁ ସାମାନ୍ୟ ସମୟ ମଧ୍ୟ ମିଳିଲାନାହିଁ ବୋଲି ଅଭିଯୋଗ କରିଥିଲେ।ଆଉ ଶ୍ରୀ ମହାପାତ୍ରଙ୍କ ଏଭଳି ଅଭିଯୋଗକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୩ପୃଷ୍ଠାର ଚିଠି ଲେଖି ଓ ପିସିସି ସଭାପତି ଭକ୍ତ ଦାସ ସାମ୍ବାଦିକ ସମ୍ମିଳନୀ କରି ଗଞ୍ଜାମ ବନ୍ୟା ମନୁଷ୍ୟକୃତ ବୋଲି ଅଭିଯୋଗ କରିଥିଲେ। ମୁଖ୍ୟ ସଚିବ ଆଜି ସାମ୍ବାଦିକ ସମ୍ମିଳନୀ କରି ସ୍ପଷ୍ଟୀକରଣ ଦେବାପରେ ବିଜେଡି ତାଙ୍କୁ କଟାକ୍ଷ କରିଛି। ଆଉ ବିଜେପି ମଧ୍ୟ ସିଧାସଳଖ ସୁରେଶ ମହାପାତ୍ରଙ୍କୁ ଟାର୍ଗେଟ୍ କରିଛି।



ଜୀବନଚର୍ଯ୍ୟା



ଚିଙ୍ଗୁଡ଼ି ଡାଲମା



ଆବଶ୍ୟକୀୟ ସାମଗ୍ରୀ : ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଅାଳୁ, ଫୁଲ କୋବି, ଟମାଟୋ, ପିଅାଜ, ରସୁଣ, ଅଦା, ପଞ୍ଚଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନି, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଅା ପତ୍ର, ଲୁଣ

ପ୍ରସ୍ତୁତି ପ୍ରଣାଳୀ : ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତୁ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଅାଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ। ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ। ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

ଖବର

'ରାମାୟଣ'ରେ ରଣବୀର କପୁରଙ୍କ କବଚ ବେତ ଓ ରବରରେ ତିଆରି



ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ବହୁପ୍ରତୀକ୍ଷିତ ମେଗା ବଜେଟ୍ ଚଳଚ୍ଚିତ୍ର 'ରାମାୟଣ' ନିକଟରେ ରିଲିଜ ହେବା ପରେ ପ୍ରଭୁ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ରଣବୀର କପୁରଙ୍କ ଲୁକ୍‌କୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି । ତେବେ ଫିଲ୍ମରେ ଶ୍ରୀରାମଙ୍କ ଯୁଦ୍ଧ ବେଶରେ ଦେଖାଯାଉଥିବା ବିଶେଷ କବଚକୁ ନେଇ ଏବେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି କବଚ କୌଣସି ସୁନା, ରୂପା କିମ୍ବା ଲୁହାରେ ତିଆରି ହୋଇନାହିଁ । ଏହା ସଂପୂର୍ଣ୍ଣ ଭାବେ ବେତ ଏବଂ ରବରର ମିଶ୍ରଣରେ ପ୍ରସ୍ତୁତ କରାଯାଇଛି ।ଆସାମର ବାରପେଟା ଜିଲ୍ଲା ଜାନିଆ ବାଙ୍ଗଲିପାଡ଼ା ଗାଁର ମୁଖ୍ୟ କାରିଗର ଜୈନୁଲ ଅବଦୀନଙ୍କ ନେତୃତ୍ୱରେ ୧୫ ଜଣିଆ ସ୍ଥାନୀୟ କାରିଗର ଟିମ୍ ଏହି କବଚଗୁଡ଼ିକୁ ନିଜ ହାତରେ ପ୍ରସ୍ତୁତ କରିଛନ୍ତି । ପ୍ରାୟ ସାଢ଼େ ୩ ବର୍ଷ ଧରି କାମ କରି ସେମାନେ ମୋଟ ୩୦ ରୁ ୩୫ଟି କବଚ ତିଆରି କରିଥିଲେ । କାରିଗର ଜୈନୁଲ ଅବଦୀନଙ୍କ କହିବା ଅନୁଯାୟୀ, ପ୍ରଥମେ କେବଳ ବେତରେ କବଚ ତିଆରି କରାଯାଇଥିଲା, କିନ୍ତୁ ଏହା ଅତ୍ୟନ୍ତ ଟାଣ ଥିବାରୁ ଅଭିନେତାଙ୍କୁ ଶରୀର ନୁଆଁଇବା ଓ ଅଙ୍ଗଚାଳନା କରିବାରେ ଅସୁବିଧା ହୋଇଥିଲା । ଏହାପରେ କୋଷ୍ଟ୍ୟୁମ୍ ଡିଜାଇନର ଅଜୟ କୁମାରଙ୍କ ସହ ଆଲୋଚନା କରି ବେତ ସହିତ କଳା ଓ ସବୁଜ ରଙ୍ଗର ରବର ମିଶାଇ କବଚ ଡିଜାଇନ୍ କରାଯାଇଥିଲା, ଯାହା ଫଳରେ ଏହା ସହଜରେ ମୋଡ଼ି ହୋଇପାରିଥିଲା ।କାରିଗରମାନଙ୍କୁ ପ୍ରଥମରୁ କୁହାଯାଇନଥିଲା ଯେ ଏହି କବଚ କେଉଁ ଫିଲ୍ମପାଇଁତିଆରି ହେଉଛି । କେବଳ ଏକ ବଡ଼ ସିନେମା ଶୁଟିଂ ପାଇଁଏହା ବ୍ୟବହୃତ ହେବ ବୋଲି ସେମାନଙ୍କୁ ସୂଚନା ଦିଆଯାଇଥିଲା ।

ପଖାଳର ଔଷଧୀୟ ଗୁଣ



ପଖାଳ ପିତ୍ତ ନାଶକ । ଝାଇଁ ପଖାଳ ଖାଇ ତା ତୋରାଣି ମୁନ୍ଦେ ପିଇଦେଲେ କୋଷ୍ଠ କାଠିନ୍ୟ, ଅଗ୍ନୀମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରିତ ହୋଇଥାଏ । ବାଧିକି ଥିବା ଲୋକର ପଥ୍ୟ ଭାବେ ଏହା ବ୍ୟବହାର କରା ଯାଇଥାଏ । ହାଣ୍ଡି କାଞ୍ଜିଦ୍ୱାରା ପେଟ ଥଣ୍ଡା ରହେ। ପିତ୍ତ ରୋଗ ବିସୂଚିକା, ଅତିସାର ଇତ୍ୟାଦିରେ ପଖାଳ ତୋରାଣି ଅତ୍ୟନ୍ତ ପ୍ରଶମନକାରୀ ଓ ଉପକାରୀ ଅଟେ । ମୂତ୍ରକୃଚ୍ଛ ରେ ପଖାଳ ଉପକାରୀ ଅଟେ। କଫ ପ୍ରଧାନ ରୋଗରେ ବାସି ପଖାଳ ଦେବା ଉଚିତ ନୁହେଁ । ପିତ୍ତ ଆଉ ବାତ ରୋଗଗୁଡ଼ିକରେ ସ୍ଥାନ ବିଶେଷରେ ପଖାଳ ଦିଆଯାଇ ପାରିବ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ ଭାତରେ ମାତ୍ର ୩.୪ମିଲି ଗ୍ରାମ ଲୌହ ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହ ପରିମାଣ ୭୩.୯୧ମିଲି ଗ୍ରାମକୁ ବଢ଼ି ଯାଇଥାଏ । ସେହିପରି ସୋଡ଼ିଅମ ୪୭୫ ମିଲି ଗ୍ରାମରୁ କମି ୩୦୩ମିଲି ଗ୍ରାମ, ପୋଟାସିଅମ ୮୩୯ମିଲି ଗ୍ରାମ ଓ କ୍ୟାଲ୍ସିଅମ ୨୧ମିଲି ଗ୍ରାମରୁ ବଢ଼ି ୮୫୦ମିଲି ଗ୍ରାମ ହୋଇ ଯାଇଥାଏ। ସାଧା ଭାତରେ ଥିବା ଫାଇଟିକ ଏସିଡ଼ ଓ ଓଲିଗୋସାକାରାଇଡ୍ସ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ କିନ୍ତୁ ପଖାଳ ହେବା ପରେ ଏ ଅସୁବିଧା ଦୂର ହୋଇ, ହଜମ କ୍ରିୟା ସହଜ ହୋଇଥାଏ।

ଜୀବନ-ମନ୍ତ୍ର: ମା' ଶାରଳା



ଅନ୍ୟାନ୍ୟ ଦେବୀପୀଠ ପରି ଝଙ୍କଡ଼ର ମା' ଶାରଳାଙ୍କ ପୀଠରେ ମଧ୍ୟ ଶାରଦୀୟ ଦୁର୍ଗାପୂଜା ବିଧିମତେ ଅନୁଷ୍ଠିତ ହୁଏ ।ଏହା 'ଶାରଦୀୟ ମହାପୂଜା' ଭାବରେ କଥିତ ହୋଇଥାଏ। ଏ ସଂପର୍କରେ ଉଲ୍ଲେଖ ଅଛି, ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ପରିଯନ୍ତେ / ଉଚ୍ଚବ ବିଧାନ କରିବ ଅର୍ଚ୍ଚନା କରି ନିତ୍ୟେୟ କିଂବଦନ୍ତି ଅଛି, ଯେ ପ□ଦଶ ଶତାବ୍ଦୀର ଓଡ଼ିଆ ଆଦିକବି ସାରଳା ଦାସ, କନ୍ୟାମାସ ଶୁକ୍ଳପକ୍ଷ ଦଶମୀ ଅର୍ଥା ଦଶହରା ରାତିରେ ଏହି ଦେବୀଙ୍କର କୃପାଲାଭ କରିଥିଲେ। 'ଶ୍ରୀଚଣ୍ଡୀପୁରାଣ'ର ଏକ ଉଲ୍ଲେଖ ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେଥିରେ ଉଲ୍ଲେଖ ଅଛି, ଅହୋ କନ୍ୟାମାସ ଶୁକ୍ଳ ପକ୍ଷ ଦଶମୀ ଅପରାଜିତେ / ରାତ୍ରେଣ ସ୍ତ୍ରୀ ଏକ ଭେଟିଲା ଆସି ମୋତେ। / ତୁଳସୀ ମାଳା ଗୋଟିଏ ମୋହର ହୃଦେ ଦେଇ / ଯେ ଶାସ୍ତକଥା ମୋତେଣ ବସି କହି। ଏହି ଶାରଳା ଦେବୀ 'ସାରୋଳ ଚଣ୍ଡୀ' ଓ 'ସାରଦା (ଶାରଦା) ଠାକୁରାଣୀ' ନାମରେ ମଧ୍ୟ କଥିତ ହୁଅନ୍ତି। ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକ୍‌ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି। ତାଙ୍କ କୃପାରେ ସାରଳା (ବା ସାରୋଳ) ଦାସ କବି ହେବା ତାଙ୍କର ଶାରଦାତ୍ୱ ପ୍ରତିପାଦିତ କରିଥାଏ।ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକ୍‌ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି।ଏହି ଦେବୀଙ୍କର ବିଗ୍ରହ ଏକ ନାତିଦୀର୍ଘ ଅଷ୍ଟଭୁଜା ସିଂହବାହିନୀ ମହିଷମର୍ଦ୍ଦିନୀ ବିଗ୍ରହ। ଏକ ଆୟତାକାର ମସୃଣ ଶିଳା ଉପରେ ଏହା ଖୋଦିତ। ଏଠାରେ ମହିଷାସୁରର ମସ୍ତକ ଦୈତ୍ୟର ଏବଂ ଶରୀର ଦାନବର। ଦେବୀଙ୍କର ଦକ୍ଷିଣପାଦ ସିଂହ ଉପରେ ରହିଛି। ସେ ଦୈତ୍ୟର ମସ୍ତକକୁ ଗୋଟିଏ ହସ୍ତରେ ଝପି ଧରି ଅନ୍ୟ ହସ୍ତର ତ୍ରିଶୂଳରେ ଦୈତ୍ୟର ବକ୍ଷଭେଦ କରୁଛନ୍ତି। ତାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ ଓ ଶ୍ରୀମୁଖ ସୌମ୍ୟ। ଦେବୀ ନିମ୍ନ ଦୁଇହସ୍ତରେ ବୀଣା ଓ ପୁସ୍ତକ ଧାରଣ କରିଛନ୍ତି। ଏଣୁ ପାରମ୍ପରିକ ଭାବରେ ଶାରଳା ଉତ୍କଳର ବାଗ୍ଦେବୀ ଭାବରେ ସ୍ୱୀକୃତ ହୋଇ ଆସିଛନ୍ତି। କବିବର ରାଧାନାଥ ରାୟ ତାଙ୍କ 'ମହାଯାତ୍ରା' କାବ୍ୟର ଆରମ୍ଭରେ ମଧ୍ୟ ତାଙ୍କୁ 'ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ' ବୋଲି କହିଛନ୍ତି।

ବିଳମ୍ବିତ ରାତିରେ ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ





ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀର ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା। ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ ଠିକ୍ ସମୟରେ ଖାଇବା ଉଚିତ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ଯଦି ଆପଣଙ୍କ ଲେଟ୍ ନାଇଟରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ। ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ ଲେଟ୍ ନାଇଟରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁତଳା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ।

ମଣିଷ ଭଳି ଆଚରଣ ଜରୁରୀ



ରଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍ୱଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

କେନ୍ଦ୍ରାଞ୍ଚଳରେ ଅପରାଧମୁକ୍ତ ଓ ଶାନ୍ତିପୂର୍ଣ୍ଣ ପର୍ବପର୍ବାଣୀ ପାଳନ ପାଇଁ ବ୍ୟାପକ ସୁରକ୍ଷା ରୋଡମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର,୧୧।୧୧(ମହାଭାରତ): ପବିତ୍ର କାର୍ତ୍ତିକ ମାସ, ଆଗାମୀ ବିଭିନ୍ନ ଧାର୍ମିକ ପର୍ବପର୍ବାଣୀ ଏବଂ ନୂତନ ବର୍ଷ ପାଳନ ଅବସରରେ ଶାନ୍ତିପୂର୍ଣ୍ଣ ଧାର୍ମିକ ରୀତିନୀତି ସମ୍ପନ୍ନ କରିବା, ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ କେନ୍ଦ୍ରାଞ୍ଚଳ ଅଧୀନସ୍ଥ ୭ଟି ଜିଲ୍ଲା ପାଇଁ ଏକ ବ୍ୟାପକ ସୁରକ୍ଷା ଓ ଅପରାଧ ନିରାକରଣ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଭୁବନେଶ୍ୱରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଡଃ ସତ୍ୟଜିତ ନାୟକ, ଆଇପିଏସ୍, ଏହି ସୂଚନା ଦେଇଛନ୍ତି । ଏହି ସୁରକ୍ଷା ଯୋଜନାରେ କଟକ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାକୁ ସାମିଲ କରାଯାଇଛି ।

ସମଗ୍ର ସୁରକ୍ଷା ବ୍ୟବସ୍ଥା ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ପରିଚାଳିତ ହେଉଛି । କେନ୍ଦ୍ରାଞ୍ଚଳ ଆଇଜିଙ୍କ ସମେତ ଏହି ରେଞ୍ଜ ଅଧୀନସ୍ଥ ସମସ୍ତ ୭ଟି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ମାନଙ୍କୁ ସତର୍କ କରାଯାଇଛି । ସୁରକ୍ଷା ପ୍ରସ୍ତୁତିକୁ ସୁଦୃଢ଼ କରିବା, ପ୍ରତିଷେଧମୂଳକ ପୋଲିସିଂକୁ ଅଧିକ କ୍ରିୟାଶୀଳ କରିବା ଏବଂ ସମସ୍ତ କ୍ଷେତ୍ରୀୟ ପୋଲିସ ୟୁନିଟ୍ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶାନ୍ତିପୂର୍ଣ୍ଣ ଓ ଅଘଟଣମୁକ୍ତ ଉତ୍ସବ ପାଳନ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବ୍ୟବସ୍ଥାର ନିୟମିତ ସମୀକ୍ଷା ଏବଂ ଯେକୌଣସି ଅପ୍ରୀତିକର ପରିସ୍ଥିତିର ତ୍ୱରିତ ମୁକାବିଲା ଉପରେ ଗୁରୁତ୍ୱ ଦିଆଯାଉଛି । ନଭେମ୍ବର ଓ ଡିସେମ୍ବର ମାସରେ କେନ୍ଦ୍ରାଞ୍ଚଳର ବିଭିନ୍ନ ସ୍ଥାନରେ ଧାର୍ମିକ କାର୍ଯ୍ୟକ୍ରମ, ପର୍ବପର୍ବାଣୀ, ମେଳା, ଯାତ୍ରା ଓ ବହୁ ଜନସମାଗମ ହୋଇଥାଏ । ଏହି ସମୟରେ ବହୁ ସଂଖ୍ୟକ ଭକ୍ତ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା, ସୁଗମ ଟ୍ରାଫିକ୍ ପରିଚାଳନା ଓ ଅପରାଧ ନିରାକରଣ ପାଇଁ ଏକ ସମନ୍ୱିତ ସୁରକ୍ଷା ରଣନୀତି ପ୍ରସ୍ତୁତ କରାଯାଇଛି ।

ଏହି ରୋଡମ୍ୟାପ୍‌ରେ ପ୍ରତିଷେଧମୂଳକ ପୋଲିସିଂ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନଜରଦାରି, ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବା ଏବଂ ଯେକୌଣସି ଆଇନଶୃଙ୍ଖଳା ପରିସ୍ଥିତିରେ ତ୍ୱରିତ ମୁକାବିଲା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ଜିଲ୍ଲା ପୋଲିସ ୟୁନିଟ୍‌ଗୁଡ଼ିକୁ ସର୍ବଦା ସତର୍କ ରହିବା ସହ ସ୍ଥାନୀୟ ପ୍ରଶାସନ, ଧାର୍ମିକ ଉତ୍ସବର



ଆୟୋଜକ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଯାଜପୁର ଜିଲ୍ଲାରେ କାଳୀପୂଜା ଏବଂ ପରବର୍ତ୍ତୀ ଭସାଣି ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ଏଥିପାଇଁ ଜିଲ୍ଲାରେ ୨୨ ପ୍ଲାଟୁନ୍ ପୋଲିସ ଫୋର୍ସ, ୧୦ ଜଣ ଡିଏସ୍‌ପି ଏବଂ ୬୫ ଜଣ ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ମୁତୟନ କରାଯିବ । ପୂଜା ମଣ୍ଡପ, ସମ୍ବେଦନଶୀଳ ସ୍ଥାନ ଓ ଭସାଣି ରୁଟ୍‌ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ରହିବ । ଶୋଭାଯାତ୍ରା ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ ଓ କୌଣସି ଅପ୍ରୀତିକର ଘଟଣାକୁ ରୋକିବା ଉପରେ ବିଶେଷ ନଜର ରଖାଯିବ ।

ପବିତ୍ର କାର୍ତ୍ତିକ ମାସରେ ପୁରୀ ଏକ ପ୍ରମୁଖ ତୀର୍ଥକ୍ଷେତ୍ର ହୋଇଥିବାରୁ ଏଠାରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ । ବିଶେଷକରି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷ୍ୟାଳିମାନଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ପୁରୀରେ ୨୬ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ ।ହବିଷ୍ୟାଳିଙ୍କ ରହଣି ସ୍ଥଳ, ପ୍ରମୁଖ ଧାର୍ମିକ ସ୍ଥାନ ଓ ଜନସମାଗମ ସ୍ଥଳରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସହ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ।ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୁରୀରେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ । ଏହି ଅବସରରେ ୬୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇ ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଯାତାୟାତ ଏବଂ ଆଇନଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯିବ । ପ୍ରମୁଖ ଧାର୍ମିକ ସ୍ଥାନଗୁଡ଼ିକରେ ସୁରକ୍ଷା, ଭକ୍ତମାନଙ୍କ ସୁରକ୍ଷିତ ଯାତାୟାତ ଓ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ।କାର୍ତ୍ତିକ ମାସରେ ଧବଳେଶ୍ୱର ମହାଦେବ ମନ୍ଦିର ଏକ ପ୍ରମୁଖ ଧାର୍ମିକ ସମାଗମସ୍ଥଳ ହୋଇଥିବାରୁ ଏଠାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ହେବାର ସମ୍ଭାବନା ରହିଛି ।

ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷିତ ଯାତାୟାତ ପାଇଁ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ୧୬ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ । ଏଥିସହ ଭିଡ଼ ନିୟନ୍ତ୍ରଣ, ଭକ୍ତମାନଙ୍କ ଯାତାୟାତ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ଆଇନଶୃଙ୍ଖଳା ରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ ।ପ୍ରମୁଖ ଧାର୍ମିକ ଉତ୍ସବଗୁଡ଼ିକରେ ପୋଲିସ ମୁତୟନ ସହିତ ସମଗ୍ର କେନ୍ଦ୍ରାଞ୍ଚଳରେ ପ୍ରତିଷେଧମୂଳକ ପୋଲିସିଂକୁ ଅଧିକ ସୁଦୃଢ଼ କରାଯାଉଛି । ଜିଲ୍ଲା ପୋଲିସକୁ ନିୟମିତ ପାଟ୍ରୋଲିଂ ବୃଦ୍ଧି କରିବା, ନଜରଦାରି ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅସାମାଜିକ ବ୍ୟକ୍ତି ଓ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସମୟୋଚିତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି ।ଜନଗହଳିପୂର୍ଣ୍ଣ ସ୍ଥାନ, ଧାର୍ମିକ ଅନୁଷ୍ଠାନ, ବଜାର, ଯାତାୟାତ କେନ୍ଦ୍ର ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ନଜର ରଖାଯିବ । କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖାଗଲେ ତୁରନ୍ତ ପଦକ୍ଷେପ ନେବା ସହ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନକୁ ଗୁରୁତ୍ୱ ଦିଆଯିବ ।

ପ୍ରମୁଖ ଧାର୍ମିକ ସ୍ଥଳ ଓ ଜନସମାଗମ ଅଞ୍ଚଳଗୁଡ଼ିକରେ ଯାନବାହନ ଏବଂ ପଥଚାରୀଙ୍କ ଯାତାୟାତକୁ ସୁଗମ କରିବା ସହ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ନହେବା ପାଇଁ ଟ୍ରାଫିକ୍ ପରିଚାଳନାକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି ।

ଆଗାମୀ ନୂତନ ବର୍ଷ ପାଳନକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରତିଷେଧମୂଳକ ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି । ଜନଗହଳିପୂର୍ଣ୍ଣ ସ୍ଥାନ, ପର୍ଯ୍ୟଟନସ୍ଥଳୀ, ହୋଟେଲ, ରେଷ୍ଟୁରାଣ୍ଟ, ମନୋରଞ୍ଜନ କେନ୍ଦ୍ର ଓ ଅନ୍ୟାନ୍ୟ ଜନସମାଗମ ସ୍ଥଳରେ ସ୍ୱତନ୍ତ୍ର ନଜର ରଖାଯିବ । ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ, ମଦ୍ୟପାନ କରି ଗାଡ଼ି ଚାଳନା ରୋକିବା, ବେପରୁଆ ଓ ବିପଜ୍ଜନକ ଗାଡ଼ି ଚାଳନା ଉପରେ ନିୟନ୍ତ୍ରଣ, ସର୍ବସାଧାରଣ ସ୍ଥାନରେ ଅଶାନ୍ତି ସୃଷ୍ଟିକୁ ରୋକିବା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏଥିପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ ସହ ପାଟ୍ରୋଲିଂକୁ ତୀବ୍ର କରାଯିବ । କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଡଃ ସତ୍ୟଜିତ ନାୟକ, ଆଇପିଏସ୍, ଆଗାମୀ ପର୍ବପର୍ବାଣୀ ସମୟରେ ଶାନ୍ତି, ଶୃଙ୍ଖଳା ଓ ଜନସୁରକ୍ଷା ବଜାୟ ରଖିବା ପାଇଁ ପୋଲିସ ଓ ପ୍ରଶାସନକୁ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ସେ ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ପୋଲିସର ପରାମର୍ଶ ଓ ନିର୍ଦ୍ଦେଶାବଳୀ ଅନୁସରଣ କରିବା, ସୁରକ୍ଷା କର୍ମଚାରୀଙ୍କୁ ସହଯୋଗ କରିବା, ଟ୍ରାଫିକ୍ ନିୟମ ମାନିବା ଏବଂ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଆଇନଶୃଙ୍ଖଳା ସମ୍ବନ୍ଧୀୟ ଘଟଣା ଦୃଷ୍ଟିକୁ ଆସିଲେ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ଥାନାକୁ ତୁରନ୍ତ ଜଣାଇବାକୁ ଅନୁରୋଧ କରିଛନ୍ତି ।ସେ ଆହୁରି କହିଛନ୍ତି ଯେ, ଏହି ବ୍ୟାପକ ସୁରକ୍ଷା ରୋଡମ୍ୟାପ୍‌ର ଉଦ୍ଦେଶ୍ୟ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ଏପରି ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସହଯୋଗପୂର୍ଣ୍ଣ ପରିବେଶ ସୃଷ୍ଟି କରିବା, ଯେଉଁଠାରେ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ନାଗରିକମାନେ ବିନା ଭୟ ଓ ଅସୁବିଧାରେ ଧାର୍ମିକ ତଥା ସାଂସ୍କୃତିକ ଉତ୍ସବରେ ଯୋଗଦେଇପାରିବେ ।

୫ ଦଫା ଦାବି ନେଇ ଛାତ୍ର କଂଗ୍ରେସ ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ

ଭୁବନେଶ୍ୱର,୧୧।୧୧(ମହାଭାରତ): ରାଜ୍ୟରେ ଖାଲି ପଡ଼ିଥିବା ୯୨୦୦୦ ରୁ ଉର୍ଦ୍ଧ୍ୱ ସରକାରୀ ପଦବୀ ତୁରନ୍ତ ପୂରଣ କରିବା , ରାଜ୍ୟରେ ଥିବା ପ୍ରତ୍ୟେକ କଳକାରଖାନାରେ ସର୍ବନିମ୍ନ ୭୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି , ନିଶା ମୁକ୍ତ ଓ ର୍ୟାଗିଂ ମୁକ୍ତ ଫ୍ରି କ୍ୟାମ୍ପସ , ଛାତ୍ରଛାତ୍ରୀଙ୍କୁ ସଂପୂର୍ଣ୍ଣ ମାଗଣା ବସ ସେବା ପ୍ରଦାନ ଏବଂ ଏସସି, ଏସଟି, ଓବିସି ଛାତ୍ରଛାତ୍ରୀଙ୍କୁ ସାମାଜିକ ନ୍ୟାୟ ବ୍ୟବସ୍ଥାରେ ସାମ୍ବିଧାନିକ ଅଧିକାରର ଗ୍ୟାରେଂଟି ସହ କ୍ୟାମ୍ପସକୁ ସବୁଜ ଓ ନିର୍ମଳ ରଖିବା ଏବଂ କ୍ୟାମ୍ପସରେ ଦୁର୍ନୀତି ବିରୋଧରେ



ଛାତ୍ର କଂଗ୍ରେସ ସଂଗ୍ରାମ କରିବ ବୋଲି ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ।

କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ରାଜ୍ୟର ଯୁବକ ଓ ଛାତ୍ର ମାନଙ୍କୁ ନିଯୁକ୍ତିର ଆଶ୍ୱାସନା ଦେଇ କ୍ଷମତାସୀନ ହୋଇଥିବା ବିଜେପି ଦଳ ଏବେ ନିର୍ବାଚନୀ ପ୍ରତିଶ୍ରୁତିକୁ ସଂପୂର୍ଣ୍ଣ ପାଶୋରି ଯାଇଛି । ରାଜ୍ୟରେ ପଞ୍ଜିକୃତ ୧୨ଲକ୍ଷ ବେକାର ଯୁବକ ଯୁବତୀ ନିଯୁକ୍ତି ପାଇଁ ଚିତ୍କାର କରୁଥିବା ବେଳେ ଓଡ଼ିଶା ସରକାରଙ୍କାର ୯୨ ହଜାର ସରକାରୀ ପଦବୀ ଖାଲିପଡ଼ିଛି ।
ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୂଷୁଡ଼ି ପଡ଼ିଛି । ପ୍ରତ୍ୟେକ ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅର୍ଧାଧିକ ଶିକ୍ଷକ ନାହାନ୍ତି । ସରକାରୀ ୨୦ଶିକ୍ଷାନୁଷ୍ଠାନର ଭିତିଭୂମି ନୈରାଶ୍ୟଜନକ । ଅନ୍ୟପକ୍ଷରେ କ୍ୟାମ୍ପସରେ ନିଶାର ବ୍ୟବହାର ହେଉଛି । ଅଣଛାତ୍ରମାନେ ପ୍ରବେଶ କରୁଛନ୍ତି । ର୍ୟାଗିଂ ବଢ଼ି ବଢ଼ି ଚାଲିଛି ।

ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ପାଠ ପଢ଼ିବାପାଇଁ ଯିବା ଆସିବା କରିବାରେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯିବା ଆସିବା ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପକ୍ଷରେ ସମ୍ଭବପର ହୋଇପାରୁନି । ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମ୍ବିଧାନ ଯେଉଁ ସୁଯୋଗ ପ୍ରଦାନ କରିଛି ତାହାକୁ ରୂପାୟନ କରିବାପାଇଁ ବିଜେପି ସରକାର ପଛଘୁଞ୍ଚା ଦେଉଛନ୍ତି । ସାମାଜିକ ନ୍ୟାୟକୁ ଆଖି ଆଗରେ ରଖି ସେମାନଙ୍କୁ ନିଯୁକ୍ତି ଓ ପାଠପଢ଼ା ପାଇଁ ଯେଉଁ ସଂରକ୍ଷଣ ସୁବିଧା ଦିଆଯାଇଛି ବିଜେପି ସରକାର ଏହାକୁ ଠିକ ଭାବେ ଲାଗୁ କରୁନାହାନ୍ତି ।

ଆତଙ୍କବାଦ, ନକ୍ସଲବାଦର ସମାପ୍ତି ଓ ସୁଦୃଢ଼ ଅର୍ଥନୀତିକୁ ସମ୍ଭବ କରିଛି ବିମୁଦ୍ରୀକରଣ : ବିଜେପି

ଭୁବନେଶ୍ୱର,୧୧।୧୧(ମହାଭାରତ): ବିମୁଦ୍ରୀକରଣ ଆତଙ୍କବାଦୀ ଓ ମାଓବାଦୀଙ୍କ ଅର୍ଥ ଯୋଗାଣକୁ ଦୁର୍ବଳ କରିବା ସହ ଜାଲ୍ ନୋଟ୍, ହାୱାଲା କାରବାର ଏବଂ କଳାଧନ ଉପରେ ଅଙ୍କୁଶ ଲଗାଇଥିଲା । ଏହା ସହ ଦେଶର ଅର୍ଥନୀତିକୁ ଡିଜିଟାଲ ଓ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।

ବିମୁଦ୍ରୀକରଣର ଦଶବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଥିଲେ ଯେ, ଏହି ପଦକ୍ଷେପ ଯୋଗୁଁ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ଜାଲ୍ ନୋଟ୍ ଅଚଳ ହୋଇଥିଲା ଏବଂ ଉଗ୍ରବାଦୀଙ୍କ ଆର୍ଥିକ ନେଟୱର୍କକୁ ଶକ୍ତ ଧକ୍କା ଲାଗିଥିଲା । ଦେଶରେ ମାଓବାଦୀ ହିଂସା ହ୍ରାସ ଓ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଘଟଣା ୯୫ ପ୍ରତିଶତ କମିବାରେ ସରକାରଙ୍କ ସୁରକ୍ଷା ଅଭିଯାନ ସହ ବିମୁଦ୍ରୀକରଣର ମଧ୍ୟ ଅବଦାନ ରହିଛି ବୋଲି ସେ ଦାବି କରିଥିଲେ ।

ସେ ଆହୁରି କହିଥିଲେ ଯେ, ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ବ୍ୟାଙ୍କିଂ ବ୍ୟବସ୍ଥାରେ ଚିହ୍ନଟ ଜାଲ୍ ନୋଟ୍ ସଂଖ୍ୟା ୨୦୧୬-୧୭ରେ ୭.୬୨ ଲକ୍ଷରୁ ୨୦୨୫-୨୬ରେ ୨.୨୯ ଲକ୍ଷକୁ ହ୍ରାସ ପାଇଛି । ଏଥିସହ ଆୟକର ରିଟର୍ଣ୍ଣ ଦାଖଲ, ଜନଧନ ଖାତା ଓ ଡିଜିଟାଲ କାରବାର ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ସଂଗଠିତ କରିଛି ।

ବିମୁଦ୍ରୀକରଣ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସମର୍ଥନ କରିଥିବାରୁ ଏବେ ମଧ୍ୟ କୌଣସି ସୁବିଧାବାଦୀ ରାଜନୀତିର ଶିକାର ନହୋଇ ସେହି ନିଷ୍ପତିକୁ ପୁନଃ ସମର୍ଥନ କରିବାକୁ ଶ୍ରୀ ପଣ୍ଡା ଆହ୍ୱାନ ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଭାଗୀୟ କମିଶନର

ଭୁବନେଶ୍ୱର,୧୧।୧୧(ମହାଭାରତ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନୂତନ କମିଶନର-ତଥା- ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଗିରୀଶ ଏସ୍.ଏନ୍. ସୋମବାର ଲୋକସେବା ଭବନସ୍ଥିତ । କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ . ମୁକେଶ ମହାଲିଙ୍ଗଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।

ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଲୋକାଭିମୁଖୀ କରିବା, ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକର ଆଧୁନିକୀକରଣ, ଦୁର୍ଗମ ଅଂଚଳରେ ଉନ୍ନତ ଚିକିତ୍ସା ସେବା ଉପଲବ୍ଧ କରାଇବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ସ୍ୱାସ୍ଥ୍ୟ ଯୋଜନାର ସଫଳ ଓ ସୁବ୍ୟବସ୍ଥିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

ରାଜ୍ୟବାସୀଙ୍କୁ ଗୁଣାତ୍ମକ, ସୁଲଭ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଆମ

ଜଟଣୀ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୧।୧୧(ମହାଭାରତ):ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଜଣାଶୁଣାଣିକୁ ଆସିଥିବା ଜନସାଧାରଣମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଓ ଆଜି ମୋଟ ୬୨ଟି ଆପତି ଅଭିଯୋଗ ଦାଖଲ ହୋଇଥିଲା ଓ ସେଥି ମଧ୍ୟରୁ ୩୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୩ଟି ଗୋଷ୍ଠୀଗତ ଅଭିଯୋଗ ଥିଲା ।

ସେଥି ମଧ୍ୟରୁ ୫ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ତିନି ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଜଣଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱରୋପ କରିଥିଲେ ।

ଆଜିର ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜଟଣୀ ବିଡିଓ, ତହସିଲଦାର, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାନ୍ତ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୧୧।୧୧(ମହାଭାରତ): ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ସୋମବାର ଦିନ ଓଡିଶା ବିଜ୍ଞାନ ଏକାଡେମୀର ୨୦୨୪ ମସିହା ପାଇଁ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ଏକାଡ଼େମୀର ସଭାପତି ଶ୍ରୀମତୀ ଶିବାନୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ୧୬ ଜଣ ବୈଜ୍ଞାନିକମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ । ଏହି ଅବସରରେ ଉନ୍ନୟନ କମିଶନରଦେଓରଞ୍ଜନ କୁମାର ସିଂହ ଏବଂ ବିଭାଗର ଅତିରିକ୍ତ



ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ ଯୋଗଦେଇଥିଲେ ।

ବରିଷ୍ଠ ବୈଜ୍ଞାନିକ ସମ୍ବର୍ଦ୍ଧନା ନିମନ୍ତେ ବନ୍ୟ ପ୍ରାଣୀ ବିଜ୍ଞାନୀ ଡାଃ. ଲାଲା ଅଶ୍ୱିନ କୁମାର ସିଂହ ଓ ଡା. ସୁଧାକର କର , କୃଷି ବିଜ୍ଞାନୀ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପ୍ରାଣୀ ବିଜ୍ଞାନୀ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ରସାୟନ ବିଜ୍ଞାନୀ ପ୍ରଫେସର ବିଜୟ କୁମାର ମିଶ୍ରଙ୍କୁ ବିଜ୍ଞାନ ଗବେଷଣା ଓ ବିଜ୍ଞାନକୁ ଲୋକପ୍ରିୟ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ (ମାନପତ୍ର, ସ୍ମୃତି ସ୍ମାରକ ଏବଂ ଉତରୀୟ) ଦେଇ ବରିଷ୍ଠ ବୈଜ୍ଞାନିକ ଭାବେ ସମବର୍ଦ୍ଧନା ଜ୍ଞାପନ କରଯାଇଥିଲା । 'ବୈଜ୍ଞାନିକ ଉତ୍କର୍ଷ ପାଇଁ ଡାଃ ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର) ପୁରସ୍କାର ରାଶି –ଦୁଇ ଲକ୍ଷ ଟଙ୍କା, ରୌପ୍ୟ ପଦକ , ପ୍ରମାଣ ପାତ୍ର ମାନପତ୍ର, ସ୍ମୃତି ସ୍ମାରକ ଏବଂ ଉତରୀୟ) ପ୍ରଦାନ କରଯାଇଥିଲା । ଓଡିଶାରେ କାର୍ଯ୍ୟରତ ବୈଜ୍ଞାନିକ ଡାଃ ଉମାକାନ୍ତ ଶୁବୁଦ୍ଧିଙ୍କୁ (ଜୀବ ବିଜ୍ଞାନ ବିଭାଗ), ପ୍ରଫେସର ଶୁଭଂକର ବେଦାନ୍ତ (ଭୌତିକ ବିଜ୍ଞାନ ବିଭାଗ), ପ୍ରଫେସର ଜଗଦୀଶ ଚନ୍ଦ୍ର ପାଲ (ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ) ଓ ଓଡିଶା ବାହାରେ କାର୍ଯ୍ୟରତ ବୈଜ୍ଞାନିକ ପ୍ରଫେସର ରଘୁନାଥ ସାହୁଙ୍କୁ ସାମନ୍ତ ଚନ୍ଦ୍ର ଶେଖର ପୁରସ୍କାରରେ ପୁରସ୍କୃତ ସ୍ୱରୂପ (ଏକ ଲକ୍ଷ ଟଙ୍କା, ରୌପ୍ୟ ପଦକ, ପ୍ରମାଣ ପତ୍ର, ମାନପତ୍ର, ସ୍ମୃତି ସ୍ମାରକ ଏବଂ ଉତରୀୟ) ପ୍ରଦାନ କରାଗଲା । ସେହିଭଳି ଓଡିଶା ଯୁବ ବୈଜ୍ଞାନିକ ପୁରସ୍କାର ପାଇଁ ଡାଃ ଚିତରଞ୍ଜନ ସାହୁ (ଜୀବ ବିଜ୍ଞାନ), ଡାଃ ରୁଦ୍ର ମାଝି (ଭୌତିକ ବିଜ୍ଞାନ), ଡାଃ ରାମ ପ୍ରସାଦ ପାଢୀ (ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା) ଓ ଓଡିଶା ବାହାରେ କାର୍ଯ୍ୟରତ ଓଡିଆ ଯୁବ ବୈଜ୍ଞାନିକ ରବୀନ୍ଦ୍ର ନାଥ ମହାନ୍ତିଙ୍କୁ (ପଚିଶି ହଜାର ଟଙ୍କା, ପ୍ରମାଣ ପତ୍ର, ମାନପତ୍ର, ସ୍ମୃତି ସ୍ମାରକ ଏବଂ ଉତରୀୟ) ପ୍ରଦାନ କରି ପୁରସ୍କୃତ କରାଗଲା । ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର (ସାଧାରଣ ବିଭାଗ) ଡାଃ ଭଗବାନ ପାତ୍ର ଓ (ଶିଶୁ ବିଜ୍ଞାନ ବିଭାଗ) ପାଇଁ ଡାଃ କୃତିବାସ ନାୟକଙ୍କୁ (ପଚିଶ ହଜାର ଟଙ୍କା, ପ୍ରମାଣ ପତ୍ର , ମାନପତ୍ର, ସ୍ମୃତି ସ୍ମାରକ ଏବଂ ଉତରୀୟ) ପ୍ରଦାନ କରାଗଲା । ଶ୍ରୀମତୀ ଅନୁଜା ।ତାରିଣୀ ମିଶ୍ର କାର୍ଯ୍ୟପରିଚାଳନା ଓ ବିଭାଗର ଉପଶାସନ ସଚିବ ଶ୍ରୀମତୀ ଊର୍ମିପ୍ରଭା ମହାରଣା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଏଗ୍ରିଷ୍ଟାକ୍ ନ ଥିଲେ ବି ଚାଷୀଙ୍କ ଧାନ ଉଠିବ

ଭୁବନେଶ୍ୱର,୧୧।୧୧(ମହାଭାରତ): ଏଗ୍ରିଷ୍ଟାକ୍ ନ ଥିଲେ ବି ଚାଷୀଙ୍କ ଧାନ ଉଠିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ସେ କହିଛନ୍ତି ଯେ ଯେଉଁମାନେ ଏଗ୍ରିଷ୍ଟାକ୍ କରି ନାହାନ୍ତି ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବେନି । ଏଗ୍ରିଷ୍ଟାକ୍ ନ ଥାଇ ବି ଚାଷୀ ନାମ ପଞ୍ଜୀକରଣ କରିପାରିଛନ୍ତି । ଆମେ ସମ୍ପୂର୍ଣ୍ଣ ଧାନ କିଣିବୁ, ଏଗ୍ରିଷ୍ଟାକ୍ ସହ କୌଣସି ସମ୍ପର୍କ ନାହିଁ । କିନ୍ତୁ ଏଗ୍ରିଷ୍ଟାକ୍ କରାଇ ନିଅନ୍ତୁ, କଲେ ଅନ୍ୟାନ୍ୟ ସୁବିଧା ମିଳିବ । ସାର, ବିହନ ଆଦି ମିଳିବ, କୃଷି ଋଣ ମଧ୍ୟ ମିଳିପାରିବ । ତେଣୁ ଜଲଦି ଏଗ୍ରିଷ୍ଟାକ୍ କରାଇ ନେବାକୁ ଚାଷୀଙ୍କୁ ଅନୁରୋଧ କରିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ପୌର ନିର୍ବାଚନରେ ଏସଇବିସି ଓ ଓବିସିଙ୍କୁ ମିଳିପାରେ ସଂରକ୍ଷଣ

ଭୁବନେଶ୍ୱର,୧୧।୧୧(ମହାଭାରତ):ଆଗାମୀ ପୌର ନିର୍ବାଚନରେ ଏସଇବିସି ଓ ଓବିସିଙ୍କ ପାଇଁ ସଂରକ୍ଷଣ ରହିପାରେ ବୋଲି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହି କଥାକୁ ଗୁରୁତ୍ୱ ଦେଉଛନ୍ତି । ଏସଇବିସି କମିଶନ ଗଠନ ହୋଇଛି । ସଠିକ୍ ସମୟରେ ନିର୍ବାଚନ କରିବା ନେଇ ସରକାର ଯୋଜନା କରୁଛନ୍ତି । ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ନିର୍ବାଚନ ପାଇଁ ସୀମା ପୁନଃଗଠନ କାମ ଚାଲିଛି ।

ବାଣ ଫୁଟା ଯୋଗୁ ବିଭିନ୍ନ ସହରର ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି

ଭୁବନେଶ୍ୱର, ,୧୧।୧୧(ମହାଭାରତ): ଦୀପାବଳିରେ ବାଣ ଫୁଟାଇବା ଯୋଗୁଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି । ଆଜି ସକାଳେ ଭୁବନେଶ୍ୱରର ଆକାଶ ଧୂଆଁ ଓ କୁହୁଡ଼ିର ଧଳା ଚାଦରରେ ଢାଙ୍କି ହୋଇଯାଇଥିବା ଦେଖିବାକୁ ମିଳିଥିଲା ।

ଆଜି ସକାଳ ୧୧ଟା ୩୦ ସୁଦ୍ଧା ତାଳଚେରରେ ବାୟୁ ଗୁଣବତ୍ତା ସୂଚକାଙ୍କ ୨୮୧ ରହିଥିବା ବେଳେ ଭୁବନେଶ୍ୱରରେ ୨୦୬ ଏବଂ କଟକରେ ୧୯୨ ,ଅନୁଗୁଳ ରେ ୧୮୬,ବିଲେଇପଦା ରେ ୨୫୮,ରାଉରକେଲା ୧୭୮ ରେକର୍ଡ କରାଯାଇଛି ।ତାଳଚେର,ଭୁବନେଶ୍ୱର ,କଟକ ସହରର ବାୟୁ ଗୁଣବତ୍ତା 'ଖରାପ' ଶ୍ରେଣୀରେ ରହିଛି । ସବୁଜ ବାଣ ପରିବର୍ତ୍ତେ ପାରମ୍ପରିକ ବାଣ ଫୁଟାଇବା ଯୋଗୁଁ ପରିବେଶରେ ପିଏମ୧୦ ଓ ପିଏମ୨.୫ ଧୂଳିକଣାର ମାତ୍ରା ବୃଦ୍ଧି ପାଇଛି । ଏହା ସହ ତାପମାତ୍ରା ହ୍ରାସ ଏବଂ ଟେମ୍ପେରେଚର ଇନଭର୍ସନ୍ ଯୋଗୁଁ ପ୍ରଦୂଷିତ ବାୟୁ ଭୂପୃଷ୍ଠ ନିକଟରେ ଅଟକି ରହିବାରୁ ଧୂଆଁ ଓ କୁହୁଡ଼ିର ଆସ୍ତରଣ ସୃଷ୍ଟି ହୋଇଥିଲା ।

ଏହି ପ୍ରଦୂଷଣ ଶ୍ୱାସଜନିତ ରୋଗୀ, ହୃଦ୍‌ରୋଗୀ ଏବଂ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ । ଅନ୍ୟପକ୍ଷରେ, ଯୋଡ଼ା ଓ ଖଣି ଅଞ୍ଚଳରେ ବାୟୁ ପ୍ରଦୂଷଣ ପାଇଁ ବାଣ ଫୁଟାଇବା ସହ ଖଣି ଖନନ ଓ ଶିଳ୍ପାନୁଷ୍ଠାନରୁ ନିର୍ଗତ ଧୂଳି ଓ ଧୂଆଁ ମଧ୍ୟ ଦାୟୀ । ତେବେ ଦୀପାବଳି ପରେ ବାଣ ଫୁଟାଇବା କମିବା ସହ ତାପମାତ୍ରା ବୃଦ୍ଧି ପାଇଥିବାରୁ ବାୟୁର ଗୁଣବତ୍ତାରେ ସୁଧାର ଆସିବା ନେଇ ପୂର୍ବାନୁମାନ କରିଛନ୍ତି ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ବିଜ୍ଞାନୀ ନିରଞ୍ଜନ ମଲ୍ଲିକ ।

ପ୍ରସିଦ୍ଧ ପୀଠ ବିଶ୍ୱନାଥ ମୁଣ୍ଡିଆର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଭିତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,,୧୧।୧୧(ମହାଭାରତ): ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୋମବାର ଦିନ ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ପ୍ରସିଦ୍ଧ ପୀଠ ବିଶ୍ୱନାଥ ମୁଣ୍ଡିଆର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ବିଶ୍ୱନାଥ ମୁଣ୍ଡିଆକୁ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରାଯିବ ।ଏହି ଅବସରରେ ପୁରୀର ସାଂସଦ ସମ୍ବିତ ପାତ୍ର ଏବଂ ଡେଲାଙ୍ଗ-ପିପିଲିର ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ ।

ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ଯୋଜନାରେ ତ୍ୱରାନ୍ୱିତ ହେଉଛି କାର୍ଯ୍ୟ

ଭୁବନେଶ୍ୱର,୧୧।୧୧(ମହାଭାରତ):ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚରଯୋଜନାକୁ ଆଇଏସଏସ୍ ୨.୦ ଅଧୀନରେ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ୪ଟି ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଂଚଳରେ ମୋଟ ୮୯ଟି ପ୍ରକଳ୍ପ ହାତକୁ ନିଆଯାଇଅଛି ।

ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୧୦ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏହାଦ୍ୱାରା ପ୍ରାୟ ୧.୧୦ କୋଟି ଘନମିଟର ଜଳ ସଂରକ୍ଷଣ କ୍ଷମତା ସୃଷ୍ଟି ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୨୨ରୁ ଅଧିକ ଗ୍ରାମର ପ୍ରାୟ ୧.୮୨ ଲକ୍ଷ ଲୋକ ଉପକୃତ ହେବେ । କଳାହାଣ୍ଡିର ଜୁଲ୍ ?କୋ, ବଲାଙ୍ଗୀରର ଛତାମଖନା, ଗଞ୍ଜାମର ଜକମାରପଲ୍ଲୀ, ଢୋଲପିଟା ଓ ଧନେଇ, ବରଗଡ଼ର ମହୁଲପାଲି, ଯାଜପୁରର ସପ୍ତମାତୃକା ଏବଂ ସମ୍ବଲପୁରର ଗୋଚରା, କିରାସାସନ ଓ ବୁଢ଼ାରଜାଠାରେ ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି ।ବର୍ତ୍ତମାନ ୧୩ଟି ଜିଲ୍ଲାରେ ୨୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି । ସୁନ୍ଦରଗଡ଼ରେ ୫ଟି ଓ ଖୋର୍ଦ୍ଧାରେ ୩ଟି ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ କାର୍ଯ୍ୟ ଅଗ୍ରଗତି କରୁଛି । ଏହାବ୍ୟତୀତ ଆଉ ୩୫ଟି ପ୍ରକଳ୍ପ ପାଇପଲାଇନ୍‌ରେ ରହିଛି । ସେଥିମଧ୍ୟରୁ ୧୨ଟି ପ୍ରକଳ୍ପର କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ।ଏହି ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକ ଦ୍ୱାରା ବର୍ଷା ଋତୁରେ ନଦୀରେ ପ୍ରବାହିତ ଜଳକୁ ସଂରକ୍ଷଣ କରି ଅଣମୌସୁମୀ ସମୟରେ ଉପଯୋଗ କରାଯାଇପାରିବ । ଏହାଦ୍ୱାରା କୃଷି ପାଇଁ ଜଳସେଚନ, ଭୂତଳ ଜଳସ୍ତର ବୃଦ୍ଧି, ପାନୀୟ ଜଳ ଉପଲବ୍ଧତା, ମତ୍ସ୍ୟଚାଷ ଓ ଗ୍ରାମୀଣ ଜୀବିକା ସୁଦୃଢ଼ ହେବ । ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଜନିତ ଜଳ ସଙ୍କଟର ମୁକାବିଲାରେ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।ଆଇଏସଏସ ୨.୦ ମାଧ୍ୟମରେ ରାଜ୍ୟରେ ଜଳ ସଂରକ୍ଷଣ ଭିତିଭୂମିର ସମ୍ପ୍ରସାରଣ ସହ କୃଷି, ଗ୍ରାମୀଣ ଅର୍ଥନୀତି ଓ ଜଳ ସୁରକ୍ଷାକୁ ଦୀର୍ଘମିଆଦୀ ଭିତିରେ ସୁଦୃଢ଼ କରିବା ଦିଗରେ ସରକାରଙ୍କ ପ୍ରୟାସ ଜାରି ରହିଛି ।

ନବୀନଙ୍କ ଗଞ୍ଜାମ ଗସ୍ତ ଥିଲା ବିଜେଡିର ପ୍ରାୟୋଜିତ କର୍ମୀ ସମାବେଶ : ବିଜେପି

ଭୁବନେଶ୍ୱର,,୧୧।୧୧(ମହାଭାରତ):ପ୍ରାକୃତିକ ଦୁର୍ବିପାକ ଓ ବିପର୍ଯ୍ୟୟର ଶିକାର ହୋଇ ଦୁଃଖ ଦୁର୍ଦ୍ଦଶା ଥିଲେ ଗଂଜାମବାସୀ । ୨୦୨୪ ସାଧାରଣ ନିର୍ବାଚନ ଶେଷ ହେବାର ଦୀର୍ଘ ଅଢେଇ ବର୍ଷ ପରେ ପ୍ରଥମ ଥର ପାଇଁ ନବୀନ ବାବୁ ନିଜ ଅଂଚଳ ଗସ୍ତ କରିଥିଲେ । ଯଦିଓ ବାଧବାଧକତାରେ ଗଲେ, ତାହା ପୁଣି ବନ୍ୟାଜନିତ କଷ୍ଟ ସମୟରେ ନୁହେଁ ବରଂ ବନ୍ୟା ଛାଡିବା ପରେ ଗଣାମାଧ୍ୟମକୁ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ନିଜ ଦୋଷ ଓ ଦୁର୍ବଳତାକୁ ଘୋଡାଇବାର ଅପଚେଷ୍ଟା କରିଥିଲେ । ବାସ୍ତବରେ ହିଞ୍ଜିଳି ବିଧାୟକ ଶ୍ରୀ ନବୀନ ପଟ୍ଟନାୟକଙ୍କ ଗଞ୍ଜାମ ଗସ୍ତ ଥିଲା ବିଜେଡିର ପ୍ରାୟୋଜିତ କର୍ମୀ ସମାବେଶ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।



ଗଞ୍ଜାମ ଜିଲ୍ଲାରୁ ନିର୍ବାଚିତ ବିଜେପିର ୧୧ ଜଣ ବିଧାୟକ (ଯେଉଁଥିରୁ ୨ ଜଣ ମନ୍ତ୍ରୀ) ଓ ୨ ଜଣ ସାଂସଦ ନିରନ୍ତର ଭାବେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି. ପୁରୁନ୍ଦେଶ୍ୱରୀଙ୍କ ସମେତ ପାର୍ଟୀର ବରିଷ୍ଠ ନେତୃବୃନ୍ଦମାନେ କ୍ଷତିଗ୍ରସ୍ତ ଅଂଚଳ ଗସ୍ତ କରି ଦୁଃଖଦୁର୍ଦ୍ଦଶାରେ ଛିଡା ହୋଇଥିଲେ । ଏପରିକି ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକୁ ଗଞ୍ଜାମ ଜିଲ୍ଲାରୁ ନିର୍ବାଚିତ ହୋଇଥିବା ଏକମାତ୍ର କଂଗ୍ରେସ ବିଧାୟକ ଭୂୟସୀ ପ୍ରଶଂସା କରିଥିଲେ । ମାତ୍ର ଗଞ୍ଜାମ ଜିଲ୍ଲାରୁ ନିର୍ବାଚିତ ଏକମାତ୍ର ବିଜେଡି ବିଧାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଦୀର୍ଘ ୧୦ ଦିନ ଧରି କୁଆଡ଼େ ଯାଇଥିଲେ ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି ।

ଅପର ପକ୍ଷରେ ନବୀନ ବାବୁଙ୍କ ଗସ୍ତ ପୂର୍ବରୁ ପରିଚୟ ସଂକଟର ସମ୍ମୁଖୀନ ହୋଇଥିବା ବିଜେଡିର ଛାମୁଆଁ ନେତାମାନେ ଗଞ୍ଜାମ ଯାଇ ପ୍ରପୀଡିତ ଜନସାଧାରଣମାନଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ ପ୍ରାୟୋଜିତ କର୍ମୀ ସମାବେଶ ପ୍ରସ୍ତୁତିରେ ଲାଗି ପଡିଥିଲେ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ

ଭାରତୀୟ ଗଣତନ୍ତ୍ରର ଶୀର୍ଷ ସାମ୍ବିଧାନିକ ପଦବି ମଧ୍ୟରୁ ଅନ୍ୟତମ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ କେବଳ ଏକ ଔପଚାରିକ ରାଜକୀୟ କାର୍ଯ୍ୟକ୍ରମ ନୁହେଁ, ଏହା ରାଜ୍ୟର ସାମ୍ବିଧାନିକ ପରମ୍ପରା, ଗଣତାନ୍ତ୍ରିକ ଚେତନା ଓ ବିଧାନସଭାର ଗରିମାକୁ ନୂତନ ଦିଗ ଦେବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ଚଳିତ ନଭେମ୍ବର ୧୫ ତାରିଖରେ ଭାରତର ମାନ୍ୟବର ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହୋଇଛି। ପ୍ରକାଶିତ ସୂଚନା ଅନୁଯାୟୀ, ତାଙ୍କର ଦୁଇଦିନିଆ ଗସ୍ତର ଏକ ପ୍ରମୁଖ କାର୍ଯ୍ୟକ୍ରମ ନଭେମ୍ବର ୧୬ ତାରିଖରେ ଓଡ଼ିଶା ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ଆୟୋଜିତ ବିଶେଷ ପ୍ରଶିକ୍ଷଣ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମର ଉଦ୍ ?ଘାଟନ। ଏହି ଅବସରର ମହତ୍ତ୍ୱକୁ କେବଳ ଅତିଥିଙ୍କ ଆଗମନ କିମ୍ବା ସ୍ୱାଗତ ସମ୍ବର୍ଦ୍ଧନାରେ ସୀମିତ ରଖିବା ଉଚିତ ନୁହେଁ; ବରଂ ଏହାକୁ ଓଡ଼ିଶାର ବିଧାନ ପରମ୍ପରାକୁ ଅଧିକ ସୁଦୃଢ଼ କରିବାର ଏକ ଐତିହାସିକ ସୁଯୋଗ ଭାବେ ଦେଖିବା ଆବଶ୍ୟକ। ଏଠାରେ ଏକ ଐତିହାସିକ ତଥ୍ୟ ମଧ୍ୟ ଉଲ୍ଲେଖନୀୟ। ଶ୍ରୀ ରାଧାକୃଷ୍ଣନ ଏହା ପୂର୍ବରୁ ଓଡ଼ିଶା ଆସିଛନ୍ତି କି ନାହିଁ, ତାହାର ଉତ୍ତର ହେଉଛି—ହଁ। ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ଥିଲା ୨୦୨୬ ଜାନୁଆରି ୨୩ ତାରିଖରେ। କଟକରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗଦେଇ ସେ ନେତାଜୀଙ୍କ ଜନ୍ମସ୍ଥାନରୁ ଦେଶର ଯୁବପିଢ଼ିଙ୍କୁ ଦେଶପ୍ରେମ, ସାହସ ଓ ରାଷ୍ଟ୍ରନିର୍ମାଣର ବାର୍ତ୍ତା ଦେଇଥିଲେ। ଏହା ପରେ ଜୁଲାଇ ୯ ତାରିଖରେ ସେ ପୁଣି ଓଡ଼ିଶା ଆସିଥିଲେ। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ସମୁଦ୍ରର ଗଭୀର ଜଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସମ୍ପର୍କିତ ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ଅଭିଯାନର ଦଲିଲ ଉନ୍ମୋଚନ କରିଥିଲେ ଏବଂ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ତେଣୁ ନଭେମ୍ବର ୧୫ର ଗସ୍ତ ତାଙ୍କର ଓଡ଼ିଶାକୁ ପ୍ରଥମ ଆଗମନ ନୁହେଁ; ବରଂ ଏହା ଚଳିତ ବର୍ଷରେ ତୃତୀୟ ଗସ୍ତ। ଏହି ନିରନ୍ତର ଆଗମନ ଓଡ଼ିଶାର ଜାତୀୟ ଗୁରୁତ୍ୱ, ଶିକ୍ଷା, ସଂସ୍କୃତି ଓ ଗଣତାନ୍ତ୍ରିକ ପ୍ରତିଷ୍ଠା ପ୍ରତି ଏକ ଉଲ୍ଲେଖନୀୟ ଧ୍ୟାନର ପରିଚୟ ଦେଉଛି।ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନବନିର୍ବାଚିତ ବିଧାୟକମାନଙ୍କ ପ୍ରଶିକ୍ଷଣ। ଗଣତନ୍ତ୍ରରେ ନିର୍ବାଚନ ଜିତିବା ଜଣେ ଜନପ୍ରତିନିଧିଙ୍କ ସଫଳତାର ଆରମ୍ଭ ମାତ୍ର; ପ୍ରକୃତ ସଫଳତା ହେଉଛି ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ଅଧିକାରକୁ ବିଧାନସଭାରେ ଦାୟିତ୍ୱର ସହିତ ପ୍ରତିନିଧିତ୍ୱ କରିବା। ବିଧାୟକଙ୍କ ଆସନ କେବଳ କ୍ଷମତାର ଆସନ ନୁହେଁ, ଏହା ଜନବିଶ୍ୱାସର ଆସନ। ସେହି ଆସନରେ ବସିବା ପରେ ଜଣେ ପ୍ରତିନିଧିଙ୍କ ଉପରେ ସମ୍ବିଧାନ, ଜନସାଧାରଣ ଓ ନିଜ ନିର୍ବାଚନମଣ୍ଡଳୀ ପ୍ରତି ଅପାର ଦାୟିତ୍ୱ ନ୍ୟସ୍ତ ହୁଏ। ବିଧାନସଭାର କାର୍ଯ୍ୟପ୍ରଣାଳୀ, ପ୍ରଶ୍ନକାଳର ଗୁରୁତ୍ୱ, ଆଲୋଚନାର ଶୃଙ୍ଖଳା, ନୀତିନିର୍ଦ୍ଧାରଣର ପ୍ରକ୍ରିୟା, ବିଧେୟକ ଉପରେ ବିଚାରବିମର୍ଶ, ସମିତିଗୁଡ଼ିକର ଭୂମିକା ଏବଂ ଗୃହର ନିୟମାବଳୀ ବିଷୟରେ ଜ୍ଞାନ ଜଣେ ବିଧାୟକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। ଗୃହରେ କେବଳ ହଟ୍ଟଗୋଳ କରିବା, ନାରାବାଜି କରିବା କିମ୍ବା ରାଜନୈତିକ ଆକ୍ଷେପ କରିବା ଜନସେବା ନୁହେଁ। ଜନସମସ୍ୟାକୁ ତଥ୍ୟ, ଯୁକ୍ତି ଓ ଦାୟିତ୍ୱବୋଧ ସହ ଉପସ୍ଥାପନ କରିବା ହିଁ ପ୍ରକୃତ ବିଧାନୀୟ ଦକ୍ଷତା। ଶାସକ ଦଳର ସଦସ୍ୟ ହୁଅନ୍ତୁ କିମ୍ବା ବିରୋଧୀ ଦଳର, ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ଓଡ଼ିଶାର ସ୍ୱାର୍ଥ। ଶାସକ ଦଳର ବିଧାୟକମାନେ ସରକାରୀ ନୀତିର ସଠିକ୍ ମୂଲ୍ୟାଙ୍କନ କରିବା ସହ ଜନସାଧାରଣଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ସେହିପରି ବିରୋଧୀ ଦଳର ଦାୟିତ୍ୱ କେବଳ ବିରୋଧ କରିବା ନୁହେଁ, ବରଂ ରଚନାତ୍ମକ ପ୍ରଶ୍ନ ଉଠାଇବା, ତ୍ରୁଟି ଦର୍ଶାଇବା ଏବଂ ବିକଳ୍ପ ପ୍ରସ୍ତାବ ଦେବା। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ ମଧ୍ୟରେ ସମ୍ମାନ, ଆଲୋଚନା ମଧ୍ୟରେ ଶୃଙ୍ଖଳା ଏବଂ ରାଜନୈତିକ ପ୍ରତିଯୋଗିତା ମଧ୍ୟରେ ରାଜ୍ୟହିତର ସୁରକ୍ଷା। ଉପରାଷ୍ଟ୍ରପତି ନିଜେ ରାଜ୍ୟସଭାର ପଦାଧିକ୍ଷ ଭାବେ ଦାୟିତ୍ୱ ତୁଲାଉଥିବାରୁ ବିଧାନୀୟ ପରମ୍ପରା ଓ ସଂସଦୀୟ ଶୃଙ୍ଖଳା ସମ୍ପର୍କରେ ତାଙ୍କର ଅନୁଭବ ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ହୋଇପାରିବ। ତାଙ୍କର ଉପସ୍ଥିତି ଏହି ପ୍ରଶିକ୍ଷଣକୁ ଅଧିକ ଗାମ୍ଭୀର୍ଯ୍ୟ ଓ ଜାତୀୟ ଗୁରୁତ୍ୱ ପ୍ରଦାନ କରିବ। ଓଡ଼ିଶାର ବିଧାନସଭାର ଇତିହାସ ଦୀର୍ଘ, ଗୌରବମୟ ଓ ସଂଘର୍ଷପୂର୍ଣ୍ଣ। ଏହି ଗୃହରେ ଅନେକ ଦୂରଦର୍ଶୀ ନେତା ରାଜ୍ୟର ଭବିଷ୍ୟତ ଗଠନ ପାଇଁ ନିଜର ମତ ରଖିଛନ୍ତି। ତେଣୁ ଏହି ଗୃହର ମର୍ଯ୍ୟାଦା ରକ୍ଷା କରିବା ପ୍ରତ୍ୟେକ ସଦସ୍ୟଙ୍କ ପବିତ୍ର କର୍ତ୍ତବ୍ୟ। ଆଜି ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଯୋଗାଯୋଗ, ନିଯୁକ୍ତି, ଆଦିବାସୀ ଉନ୍ନତି, ମହିଳା ସଶକ୍ତୀକରଣ ଓ ଯୁବଶକ୍ତିର ସୁଯୋଗକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ। ଏହି ସମସ୍ତ ବିଷୟରେ ବିଧାନସଭାରେ ଗଭୀର ଆଲୋଚନା ହେବା ଦରକାର। ରାଜ୍ୟର ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ, ଯୁବକଙ୍କୁ ରୋଜଗାର, ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା, ମହିଳାଙ୍କୁ ସୁରକ୍ଷା, ଗରିବଙ୍କୁ ସ୍ୱାସ୍ଥ୍ୟସେବା ଏବଂ ଦୁର୍ଗମ ଅଞ୍ଚଳକୁ ମୌଳିକ ସୁବିଧା ଯୋଗାଇବା ପାଇଁ ନୀତିଗତ ନିଷ୍ପତ୍ତି ଆବଶ୍ୟକ। ଏହି ପ୍ରଶିକ୍ଷଣରୁ ଯଦି ନବନିର୍ବାଚିତ ବିଧାୟକମାନେ ଅଧିକ ଦକ୍ଷ, ସମ୍ବେଦନଶୀଳ ଓ ଦାୟିତ୍ୱବାନ ହୋଇ ବାହାରିବେ, ତେବେ ଏହାର ସୁଫଳ ସମଗ୍ର ରାଜ୍ୟ ପାଇବ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ପାଇଁ ମଧ୍ୟ ଏହା ଏକ ସୁଯୋଗ—ବିଧାନସଭାରେ ଗୁଣାତ୍ମକ ଆଲୋଚନା, ସ୍ୱଚ୍ଛ ପ୍ରଶାସନ ଓ ଲୋକାଭିମୁଖୀ ନୀତିକୁ ଅଧିକ ପ୍ରୋତ୍ସାହନ ଦେବାର। ତେବେ ଏହି ଅବସରରେ ଆମେ ଏକ କଥା ସ୍ପଷ୍ଟ କରିବା ଆବଶ୍ୟକ—ସାମ୍ବିଧାନିକ ପଦବିର ସମ୍ମାନ ଦଳୀୟ ସୀମାରୁ ଉର୍ଦ୍ଧ୍ୱରେ। ଉପରାଷ୍ଟ୍ରପତି ସମଗ୍ର ଦେଶର ସାମ୍ବିଧାନିକ ପ୍ରତିନିଧି; ତାଙ୍କର ଆଗମନକୁ ରାଜନୈତିକ ଲାଭ କିମ୍ବା ପ୍ରଚାରର ମାଧ୍ୟମ କରିବା ଉଚିତ ନୁହେଁ। ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରଶାସନ, ଜନପ୍ରତିନିଧି ଓ ନାଗରିକଙ୍କ ଦାୟିତ୍ୱ ହେଉଛି ଏହି ଗସ୍ତକୁ ମର୍ଯ୍ୟାଦାପୂର୍ଣ୍ଣ ଓ ଶୃଙ୍ଖଳିତ କରିବା। ସୁରକ୍ଷା ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ସାଧାରଣ ଲୋକଙ୍କ ଅସୁବିଧା ହ୍ରାସ ଓ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପ୍ରତି ପ୍ରଶାସନ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ଅତିଥିଙ୍କ ସ୍ୱାଗତ ଯେତିକି ଗୁରୁତ୍ୱପୂର୍ଣ୍ଣ, ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।ଏହି ଗସ୍ତ ଆମକୁ ଆଉ ଏକ ଐତିହାସିକ ସତ୍ୟ ମନେ ପକାଇଦେଉଛି। ଓଡ଼ିଶା କେବଳ ଏକ ଭୌଗୋଳିକ ରାଜ୍ୟ ନୁହେଁ; ଏହା ଭାରତୀୟ ଜାତୀୟ ଚେତନାର ଏକ ଗୌରବମୟ ଅଧ୍ୟାୟ। ନେତାଜୀଙ୍କ ଜନ୍ମଭୂମି କଟକ, ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ, କଳିଙ୍ଗର ଐତିହାସିକ ମାଟି, ଓଡ଼ିଶାର ସମୃଦ୍ଧ ଜନଜାତି ପରମ୍ପରା ଓ ଓଡ଼ିଆ ଭାଷାର ସ୍ୱାଭିମାନ ଆମକୁ ଦେଶର ସାଂସ୍କୃତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ପରିଚୟକୁ ଆଧୁନିକ ବିକାଶ ସହ ଯୋଡ଼ିବା ଆଜିର ପିଢ଼ିର ଦାୟିତ୍ୱ। ଉପରାଷ୍ଟ୍ରପତିଙ୍କ ଗସ୍ତ ଏହି ଦାୟିତ୍ୱକୁ ନୂଆ ଭାବରେ ସ୍ମରଣ କରାଇବା ଉଚିତ। ନଭେମ୍ବର ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଏହି ପ୍ରଶିକ୍ଷଣ ଆହୁରି ଗୁରୁତ୍ୱ ବହନ କରୁଛି। ନବନିର୍ବାଚିତ ବିଧାୟକମାନେ ଏହି ଅବସରକୁ ଗମ୍ଭୀରତାର ସହ ଗ୍ରହଣ କରି ନିଜର ଜ୍ଞାନ, ଅଭିଜ୍ଞତା ଓ ବିଧାନୀୟ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ଯେଉଁ ବିଧାନସଭାରେ ଜନସମସ୍ୟା ଉପରେ ଯୁକ୍ତିସଙ୍ଗତ ଆଲୋଚନା ହୁଏ, ଯେଉଁଠାରେ ଶାସକ ଓ ବିରୋଧୀ ପରସ୍ପରର ମତକୁ ସମ୍ମାନ ଦିଅନ୍ତି, ସେହି ବିଧାନସଭା ହିଁ ଗଣତନ୍ତ୍ରକୁ ସୁଦୃଢ଼ କରେ। ଆମର ଆଶା, ଉପରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଓ ଏହି ପ୍ରଶିକ୍ଷଣ ଓଡ଼ିଶାର ବିଧାନୀୟ ଇତିହାସରେ ଏକ ସକାରାତ୍ମକ ଅଧ୍ୟାୟ ସୃଷ୍ଟି କରିବ। ଅତିଥି ଆସିବେ, ସ୍ୱାଗତ ହେବ, କାର୍ଯ୍ୟକ୍ରମ ସମ୍ପନ୍ନ ହେବ; କିନ୍ତୁ ଏହି ଗସ୍ତର ପ୍ରକୃତ ସଫଳତା ସେତେବେଳେ ପ୍ରମାଣିତ ହେବ, ଯେତେବେଳେ ଜନପ୍ରତିନିଧିମାନେ ନିଜର କାର୍ଯ୍ୟଶୈଳୀରେ ସମ୍ବିଧାନର ମର୍ଯ୍ୟାଦା, ଜନତାଙ୍କ ଆଶା ଓ ରାଜ୍ୟର ସ୍ୱାର୍ଥକୁ ସର୍ବୋଚ୍ଚ ସ୍ଥାନ ଦେବେ। ଉପରାଷ୍ଟ୍ରପତିଙ୍କ ଏହି ଆଗମନ ଓଡ଼ିଶା ପାଇଁ କେବଳ ଗର୍ବର ମୁହୂର୍ତ୍ତ ନହୋଇ ଏକ ନୂତନ ସଂକଳ୍ପର ଆରମ୍ଭ ହେଉ। ଆମର ଆକାଂକ୍ଷା ଏକ ଏପରି ଓଡ଼ିଶା, ଯେଉଁଠାରେ ବିଧାନସଭାରେ ଜନତାଙ୍କ ସ୍ୱର ଶୁଭିବ, ପ୍ରଶାସନରେ ଦାୟିତ୍ୱବୋଧ ପ୍ରତିଫଳିତ ହେବ ଏବଂ ବିକାଶର ସୁଫଳ ଶେଷ ଧାଡ଼ିରେ ଥିବା ମଣିଷ ପାଖରେ ପହଞ୍ଚିବ। ଗଣତନ୍ତ୍ରର ଗରିମା ନେତାଙ୍କ ପଦବିରେ ନୁହେଁ, ସେମାନଙ୍କ କର୍ତ୍ତବ୍ୟନିଷ୍ଠାରେ ପ୍ରତିଫଳିତ ହୁଏ। ଏହି ବାର୍ତ୍ତା ହିଁ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ସବୁଠାରୁ ବଡ଼ ଉପଲବ୍ଧି ହେଉ।

କୋଟିଆରେ ମତଦାନ ବୃଦ୍ଧି ଓଡ଼ିଶା ପ୍ରଶାସନ ପାଇଁ କଡ଼ା ଚେତାବନୀ

ସୌଭାଗ୍ୟ ରଞ୍ଜନ ମହାନ୍ତି

କୋଟିଆର ମାଟି କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ, ଏହା ଓଡ଼ିଶାର ଆତ୍ମସମ୍ମାନ, ଭାଷା, ସଂସ୍କୃତି, ପ୍ରଶାସନିକ ଅଧିକାର ଓ ସୀମା ସୁରକ୍ଷାର ଏକ ଜ୍ୱଳନ୍ତ ପ୍ରତୀକ। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ଏହି ଅଞ୍ଚଳକୁ ରାଜନୈତିକ ଘୋଷଣା, ପ୍ରଶାସନିକ ପ୍ରତିଶ୍ରୁତି ଓ ଆଇନଗତ ଲଢ଼େଇର ଏକ ଅନନ୍ତ କ୍ଷେତ୍ରରେ ପରିଣତ କରିଛି। କିନ୍ତୁ ନଭେମ୍ବର ୫ ତାରିଖରେ ଆନ୍ଧ୍ରପ୍ରଦେଶର ସ୍ଥାନୀୟ ନିର୍ବାଚନ ସମୟରେ କୋଟିଆ ଅଞ୍ଚଳର କିଛି ଗ୍ରାମବାସୀ ଆନ୍ଧ୍ରପ୍ରଦେଶରେ ଯାଇ ମତଦାନ କରିବା ଏବଂ ପୂର୍ବ ନିର୍ବାଚନ ତୁଳନାରେ ମତଦାନ ହାର ବୃଦ୍ଧି ପାଇଥିବା ଖବର ଓଡ଼ିଶା ସରକାରଙ୍କ ପାଇଁ ଏକ ଗଭୀର ଆତ୍ମସମୀକ୍ଷାର ବିଷୟ ହେବା ଉଚିତ। ଏହାକୁ କେବଳ କିଛି ଲୋକଙ୍କ ମତଦାନ ବୋଲି ହାଲୁକା ଭାବେ ନେବା ରାଜନୈତିକ ଆତ୍ମପ୍ରବଞ୍ଚନା ହେବ। ଉପଲବ୍ଧ ସମ୍ବାଦ ଅନୁସାରେ, ୨୦୨୧ରେ ସେହି ଅଞ୍ଚଳରେ ମତଦାନ ହାର ୨୩.୦୪ ପ୍ରତିଶତ ଥିବାବେଳେ ଚଳିତ ନିର୍ବାଚନରେ ଏହା ୩୧.୫୮ ପ୍ରତିଶତକୁ ପହଞ୍ଚିଥିବା ରିପୋର୍ଟ ପ୍ରକାଶ ପାଇଛି। ପ୍ରାୟ ୮୫୦ଟି ମତଦାନ ହୋଇଥିବା ନେଇ ମଧ୍ୟ ଖବର ଆସିଛି। ଏହି ସଂଖ୍ୟା କେବଳ ଏକ ନିର୍ବାଚନୀ ହିସାବ ନୁହେଁ; ଏହା ଓଡ଼ିଶାର ପ୍ରଶାସନିକ ପହଞ୍ଚ, ସ୍ଥାନୀୟ ଲୋକଙ୍କ ଆସ୍ଥା ଏବଂ ସୀମାନ୍ତ ଅଞ୍ଚଳରେ ରାଜ୍ୟର ପ୍ରଭାବ ସମ୍ପର୍କରେ ଅନେକ ପ୍ରଶ୍ନ ଉଠାଉଛି।

ପ୍ରଥମ ପ୍ରଶ୍ନ ହେଉଛି, ଯଦି କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଂଶ ବୋଲି ସରକାରଙ୍କ ଦୃଢ଼ ଦାବି, ଯଦି ଏହି ଅଞ୍ଚଳର ଲୋକଙ୍କ ହୃଦୟରେ ଓଡ଼ିଶା ପ୍ରତି ଅତୁଟ ଆସ୍ଥା ରହିଛି, ତେବେ ଆନ୍ଧ୍ରପ୍ରଦେଶର ନିର୍ବାଚନରେ ମତଦାନ କରିବାକୁ ଲୋକେ କାହିଁକି ଯାଉଛନ୍ତି ? ଏହାର ଉତ୍ତର କେବଳ ପୁଲିସର ନିୟୋଜନ, ରାସ୍ତାରେ ବ୍ୟାରିକେଡ୍ ? ନିର୍ମାଣ କିମ୍ବା ନିଷେଧାଦେଶ ଜାରି କରିବା ମଧ୍ୟରେ ଖୋଜିଲେ ହେବ ନାହିଁ। ଏହାର ଉତ୍ତର ଖୋଜିବାକୁ ହେବ ଗ୍ରାମବାସୀଙ୍କ ନୈନ୍ଦିନ ଜୀବନରେ, ସେମାନଙ୍କ ପିଲାଙ୍କ ଶିକ୍ଷାରେ, ରୋଗୀଙ୍କ ଚିକିତ୍ସାରେ, ପାନୀୟ ଜଳରେ, ରାସ୍ତାଘାଟରେ, ଜୀବିକାରେ ଏବଂ ସରକାରୀ ସେବା ପାଇବାର ସୁବିଧାରେ। ସୀମାନ୍ତରେ ରାଜ୍ୟର ଉପସ୍ଥିତି କେବଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆଦେଶରେ ପ୍ରମାଣିତ ହୁଏ ନାହିଁ; ଲୋକଙ୍କ ଘରଦୁଆରରେ ସରକାରୀ ସେବା ପହଞ୍ଚିଲେ ହିଁ ତାହାର ପ୍ରକୃତ ପରିଚୟ ମିଳେ। ଯେଉଁ ରାଜ୍ୟ ନିଜ ନାଗରିକଙ୍କୁ ନିଜ ପାଖରେ ରଖିବାକୁ ଚାହେଁ, ସେହି ରାଜ୍ୟକୁ ପ୍ରଥମେ ସେମାନଙ୍କ ଜୀବନରେ ନିଜର ଉପସ୍ଥିତି ଅନୁଭବ କରାଇବାକୁ ପଡ଼ିବ। ମନେ ରଖିବାକୁ ହେବ, ଜଣେ ଗ୍ରାମବାସୀଙ୍କ ପାଇଁ ରାଜ୍ୟର ପରିଚୟ କୌଣସି ରାଜନୈତିକ ଭାଷଣ ନୁହେଁ; ତାଙ୍କ ପିଲାକୁ ଭଲ ବିଦ୍ୟାଳୟ ମିଳୁଛି କି ନାହିଁ, ତାଙ୍କ ଘରକୁ ପିଇବା ପାଣି ପହଞ୍ଚୁଛି କି ନାହିଁ, ଅସୁସ୍ଥ ହେଲେ ଡାକ୍ତରଖାନା ଯିବାକୁ କେତେ ଦୂର ଚାଲିବାକୁ ପଡୁଛି, ତାଙ୍କ ଫସଲର ଉଚିତ ମୂଲ୍ୟ ମିଳୁଛି କି ନାହିଁ ଏବଂ ତାଙ୍କ ଅଭିଯୋଗ ଶୁଣିବାକୁ ଅଧିକାରୀ ତାଙ୍କ ଗାଁକୁ ଆସୁଛନ୍ତି କି ନାହିଁ—ଏହି ସବୁ ହେଉଛି ତାଙ୍କ ପାଇଁ ଶାସନର ପ୍ରକୃତ ମାପକାଠି। ଏହି ମାପକାଠିରେ ଯଦି ଓଡ଼ିଶା ପଛରେ ରହିଯାଏ, ତେବେ କେବଳ ସୀମାରେ ପୁଲିସ ବଢ଼ାଇ ରାଜ୍ୟର ଅଧିକାରକୁ ଲୋକଙ୍କ ମନରେ ଦୃଢ଼ କରିହେବ ନାହିଁ। ଚଳିତ ଘଟଣାରେ ଓଡ଼ିଶା ପ୍ରଶାସନ ଯେଉଁ ସୁରକ୍ଷା ବ୍ୟବସ୍ଥା କରିଥିଲା, ତାହାକୁ ଅଣଦେଖା କରିବା ଠିକ୍ ? ହେବ ନାହିଁ। ସମ୍ବାଦ ଅନୁସାରେ, କୋଟିଆ ଅଞ୍ଚଳରେ ପ୍ରାୟ ୧୫ ପ୍ଲାଟୁନ୍ ? ସୁରକ୍ଷାବଳ, ଅନେକ ମାଜିଷ୍ଟ୍ରେଟ୍ ? ଓ ଅଧିକାରୀ ନିୟୋଜିତ ହୋଇଥିଲେ; ବିଭିନ୍ନ ସ୍ଥାନରେ ଯାଞ୍ଚ ବ୍ୟବସ୍ଥା ଓ ବ୍ୟାରିକେଡ୍ ? କରାଯାଇଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ନେରେଡିଭାଲସାରେ ମତଦାନ କେନ୍ଦ୍ର ସ୍ଥାପନ ଉଦ୍ୟମକୁ ଓଡ଼ିଶା ପ୍ରଶାସନ ବିରୋଧ କରିଥିଲା ଏବଂ ପରେ ମତଦାନ କେନ୍ଦ୍ରକୁ ଆନ୍ଧ୍ରପ୍ରଦେଶ ସୀମା ଭିତରେ ଥିବା ସାରିକି ଗ୍ରାମକୁ ସ୍ଥାନାନ୍ତର କରାଯାଇଥିଲା। ଏହା ଓଡ଼ିଶା ପ୍ରଶାସନର ଏକ ପ୍ରଶାସନିକ ସଫଳତା ଭାବେ ଦେଖାଯାଇପାରେ। କିନ୍ତୁ ମତଦାନ କେନ୍ଦ୍ର ସ୍ଥାନାନ୍ତର ହେବା ଓ ସୀମାନ୍ତବାସୀଙ୍କ ମନରେ ଓଡ଼ିଶା ପ୍ରତି ଅଟଳ ଆସ୍ଥା ସୃଷ୍ଟି ହେବା ଦୁଇଟି ଭିନ୍ନ ବିଷୟ। ପ୍ରଥମଟି ପ୍ରଶାସନିକ ପଦକ୍ଷେପ; ଦ୍ୱିତୀୟଟି ଦୀର୍ଘକାଳୀନ ଜନସମ୍ପର୍କ, ଉନ୍ନୟନ ଓ ବିଶ୍ୱାସର ପରିଣାମ। ଆନ୍ଧ୍ରପ୍ରଦେଶର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଯେତିକି ତତ୍ପରତା ଦେଖାଗଲା, ସେହି ତତ୍ପରତା ଯଦି ବର୍ଷର ସମସ୍ତ ଦିନ ଗ୍ରାମବାସୀଙ୍କ ସମସ୍ୟା ସମାଧାନରେ ଦେଖାଯାଇଥାନ୍ତା, ତେବେ ଆଜି ଏପରି ପ୍ରଶ୍ନ ଉଠିବାର ଅବକାଶ କମ୍ ? ଥାଆନ୍ତା। ଏଠାରେ ସରକାରଙ୍କୁ ଏକ ସ୍ପଷ୍ଟ ପ୍ରଶ୍ନ ପଚାରିବାକୁ ହେବ—ନିର୍ବାଚନ ଘୋଷଣା ହେବା ପରେ ଯେଉଁ ଅଧିକାରୀମାନେ ଦିନରାତି କୋଟିଆରେ ଡେରା ପକାଇଲେ, ସେମାନେ ଏହା ପୂର୍ବରୁ କେତେଥର ଗ୍ରାମବାସୀଙ୍କ ଦୁଆରକୁ ଯାଇଥିଲେ ? କେତେ ଗ୍ରାମରେ ସ୍ଥାୟୀ ଭାବେ ସରକାରୀ ସେବା ପହଞ୍ଚିଛି ? କେତେ ଯୁବକଙ୍କୁ ରୋଜଗାର ମିଳିଛି ? କେତେ ଚାଷୀଙ୍କୁ ଉଚିତ ବଜାର ସୁବିଧା ମିଳିଛି ? କେତେ ପରିବାରର ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟାର ସ୍ଥାୟୀ ସମାଧାନ ହୋଇଛି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନଦେଇ କେବଳ ନିର୍ବାଚନ ଦିନର ସୁରକ୍ଷା ବ୍ୟବସ୍ଥାକୁ ସଫଳତାର ମୁକୁଟ ପିନ୍ଧାଇବା ଲୋକଙ୍କ ଆଖିରେ ଧୂଳି ଦେବା ସହ ସମାନ। ଆଉ ଏକ ଗୁରୁତର ପ୍ରସଙ୍ଗ ହେଉଛି, ଦଶନ୍ଧି ଧରି ଏହି ସୀମା ବିବାଦର ସ୍ଥାୟୀ ସମାଧାନ ହୋଇପାରିନାହିଁ। କୋଟିଆ ଗ୍ରାମପଞ୍ଚାୟତରେ ୨୮ଟି ଗ୍ରାମ ଥିବାବେଳେ ସେଥିରୁ ୨୧ଟି ଗ୍ରାମକୁ ନେଇ ଉଭୟ ରାଜ୍ୟର ଦାବି ରହିଛି। ଏହି ବିବାଦ ଦୀର୍ଘଦିନ ଧରି ନ୍ୟାୟିକ ଓ ପ୍ରଶାସନିକ ସ୍ତରରେ ଚାଲିଆସୁଛି। ୨୦୦୬ରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟ ରାଜ୍ୟକୁ ସ୍ଥିତାବସ୍ଥା ବଜାୟ ରଖିବାକୁ କହିଥିବା ସମ୍ପର୍କରେ ଖବର ପ୍ରକାଶ ପାଇଛି। ଓଡ଼ିଶା ପକ୍ଷରୁ ୨୦୨୨ ଜାନୁଆରିରେ ଦାଖଲ ହୋଇଥିବା ମାମଲା ମଧ୍ୟ ବିଚାରାଧୀନ ରହିଛି। ଏପରି ସ୍ଥିତିରେ ଆନ୍ଧ୍ରପ୍ରଦେଶର ନିର୍ବାଚନୀ ପଦକ୍ଷେପକୁ ନେଇ ଓଡ଼ିଶାର ଆପତ୍ତି ଗମ୍ଭୀର ଓ ଯୁକ୍ତିସଙ୍ଗତ। କିନ୍ତୁ ଆପତ୍ତି ଜଣାଇବା ମାତ୍ରେ ଦାୟିତ୍ୱ ସରିଯାଏ ନାହିଁ। ଏହି ବିବାଦର ଆଇନଗତ, ରାଜନୈତିକ ଓ ପ୍ରଶାସନିକ ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ନିରନ୍ତର ଚେଷ୍ଟା କରିବାକୁ ପଡ଼ିବ। କେବଳ ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ଏକାଠି ହେବା ଯଥେଷ୍ଟ ନୁହେଁ; ସେମାନେ ସ୍ଥାୟୀ ସମାଧାନ ପାଇଁ ଏକ ସାଧାରଣ ରାଜ୍ୟସ୍ତରୀୟ ରଣନୀତି ଗଢ଼ିବା ଆବଶ୍ୟକ। କୋଟିଆକୁ ନେଇ ଦଳୀୟ ଶ୍ରେୟ ନେବାର ପ୍ରତିଯୋଗିତା ଓଡ଼ିଶାର ସ୍ୱାର୍ଥକୁ ଦୁର୍ବଳ କରିବ। ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ଉଭୟଙ୍କ ଦାୟିତ୍ୱ ରହିଛି। ପୂର୍ବତନ ସରକାରଙ୍କ ସମୟରେ କେଉଁ କାମ ଅଧାରେ ରହିଗଲା, କେଉଁଠି ପ୍ରଶାସନିକ ଅବହେଳା ହେଲା, କେଉଁ ଯୋଜନା କାଗଜରେ ସୀମିତ ରହିଲା—ତାହାର ହିସାବ ନିଶ୍ଚୟ ହେବା ଦରକାର। କିନ୍ତୁ ନୂଆ ସରକାର ଦାୟିତ୍ୱ ନେବା ପରେ ପୂର୍ବତନ ସରକାରକୁ ଦୋଷ ଦେଇ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବ ନାହିଁ। ଆଜି ଶାସନରେ ଥିବା ସରକାରଙ୍କୁ ହିଁ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ନିର୍ବାଚନ ଦିନ ପୁଲିସ ନିୟୋଜନ କରିବା ଯେପରି ସରକାରଙ୍କ ଦାୟିତ୍ୱ, ସେହିପରି ପ୍ରତିଦିନ ଗ୍ରାମବାସୀଙ୍କୁ ସୁରକ୍ଷା, ସେବା ଓ ସମ୍ମାନ ଦେବା ମଧ୍ୟ ସରକାରଙ୍କ ଦାୟିତ୍ୱ। ମନ୍ତ୍ରୀଙ୍କ ପକ୍ଷରୁ ଆନ୍ଧ୍ରପ୍ରଦେଶର ଉଦ୍ୟମ ବିଫଳ ହୋଇଥିବା ଦାବି କରାଯାଇଛି। ଏହା ସରକାରଙ୍କ ମତ; କିନ୍ତୁ ଅନ୍ୟପଟେ ମତଦାନ ହାର ବୃଦ୍ଧି ଓ କିଛି କୋଟିଆବାସୀଙ୍କ ଆନ୍ଧ୍ରପ୍ରଦେଶରେ ଭୋଟ ଦେବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ତେଣୁ ଏକପକ୍ଷୀୟ ବିଜୟ ଘୋଷଣା କରିବା ପରିବର୍ତ୍ତ ? ସରକାରଙ୍କୁ ସମସ୍ତ ତଥ୍ୟ ସାର୍ବଜନୀନ କରିବା ଉଚିତ। କେତେ ଲୋକ ମତଦାନ କଲେ, ସେମାନେ କେଉଁ ଗ୍ରାମର, କେଉଁ ପରିସ୍ଥିତିରେ ଗଲେ, ଦ୍ୱ ?ତ ଭୋଟର ପରିଚୟପତ୍ର ସମସ୍ୟା କେତେ ରହିଛି, ଏବଂ ଏହାର ଆଇନଗତ ସ୍ଥିତି କ'ଣ—ଏହି ସବୁ ପ୍ରଶ୍ନର ନିରପେକ୍ଷ ଯାଞ୍ଚ ହେବା ଦରକାର। ଯେଉଁ ଗ୍ରାମବାସୀ ଆନ୍ଧ୍ରପ୍ରଦେଶରେ ଭୋଟ ଦେଇଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ କିମ୍ବା ଓଡ଼ିଶାବିରୋଧୀ ବୋଲି ଅଭିହିତ କରିବା ଅତ୍ୟନ୍ତ ଅନୁଚିତ। ଲୋକଙ୍କୁ ଦୋଷ ଦେବା ସହଜ; କିନ୍ତୁ ସେମାନଙ୍କ ଏପରି ନିଷ୍ପତ୍ତି ପଛରେ ଥିବା କାରଣ ବୁଝିବା ହିଁ ପ୍ରଶାସନର ପ୍ରକୃତ ପରୀକ୍ଷା। ଯଦି କୌଣସି ଲୋକ ଚାପ, ପ୍ରଲୋଭନ କିମ୍ବା ଭୟରେ ମତଦାନ କରିଥାନ୍ତି, ତେବେ ତାହାର ତଦନ୍ତ ହେଉ; କିନ୍ତୁ ଯଦି ସେମାନେ ନିଜ ଇଚ୍ଛାରେ ଯାଇଥାନ୍ତି, ତେବେ ସେମାନଙ୍କ ଆବଶ୍ୟକତା ଓ ଅଭିଯୋଗ ଶୁଣିବାକୁ ପଡ଼ିବ। ଗଣତନ୍ତ୍ରରେ ମତଦାନ ଜଣେ ନାଗରିକଙ୍କ ଅଧିକାର। ଏହି ଅଧିକାରର ଆଇନଗତ ସୀମା ଓ ଦ୍ୱ ?ତ ପରିଚୟପତ୍ରର ପ୍ରଶ୍ନ ନିର୍ବାଚନ କର୍ତ୍ତୃପକ୍ଷ ଓ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ସ୍ପଷ୍ଟ ହେବା ଦରକାର। ଲୋକଙ୍କୁ ଧମକ ଦେଇ, ରାସ୍ତା ଅବରୋଧ କରି କିମ୍ବା ଗାଁକୁ ଭୟର ପରିବେଶରେ ରଖି ରାଜ୍ୟ ପ୍ରତି ଆସ୍ଥା ଜିତିହେବ ନାହିଁ। ଆସ୍ଥା ଜିତିବାକୁ ହେଲେ ସେମାନଙ୍କୁ ସମ୍ମାନ ଦେବାକୁ ପଡ଼ିବ। ଏହି ଘଟଣାର ସବୁଠାରୁ ବଡ଼ ଶିକ୍ଷା ହେଉଛି, ସୀମାନ୍ତ ଅଞ୍ଚଳରେ ଶାସନର ଉପସ୍ଥିତି ନିର୍ବାଚନ ଦିନରେ ନୁହେଁ, ବର୍ଷର ପ୍ରତ୍ୟେକ ଦିନ ପ୍ରମାଣିତ ହେବା ଦରକାର। ଆନ୍ଧ୍ରପ୍ରଦେଶ ଯଦି ଲୋକଙ୍କୁ ନିଜ ପ୍ରଶାସନିକ ପରିଧିରେ ଆଣିବା ପାଇଁ ଯୋଜନା କରୁଛି, ତେବେ ଓଡ଼ିଶାକୁ ତାହାଠାରୁ ଅଧିକ ଦୃଢ଼, ମାନବିକ ଓ ଦୂରଦର୍ଶୀ ଯୋଜନା ନେବାକୁ ପଡ଼ିବ। ପ୍ରତ୍ୟେକ ଗ୍ରାମରେ ନିୟମିତ ପ୍ରଶାସନିକ ଶିବିର, ସ୍ୱାସ୍ଥ୍ୟ ଶିବିର, ଶିକ୍ଷାର ଗୁଣାତ୍ମକ ଉନ୍ନତି, ମାତୃଭାଷାରେ ଶିକ୍ଷା, ଯୁବକଙ୍କ ପାଇଁ ଦକ୍ଷତା ବିକାଶ, ଚାଷୀଙ୍କ ପାଇଁ ବଜାର ଓ ଯାତାୟାତ ସୁବିଧା, ପାନୀୟ ଜଳ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେବାକୁ ହେବ। ସରକାର ଏକ ସମୟସୀମାଭିତ୍ତିକ କୋଟିଆ ଉନ୍ନୟନ ଯୋଜନା ପ୍ରସ୍ତୁତ କରନ୍ତୁ। ପ୍ରତ୍ୟେକ ଗ୍ରାମର ସମସ୍ୟା ଓ ଆବଶ୍ୟକତାର ତାଲିକା ପ୍ରସ୍ତୁତ ହେଉ। କେଉଁ କାମ କେବେ ଆରମ୍ଭ ହେବ, କେବେ ଶେଷ ହେବ, କେଉଁ ଅଧିକାରୀ ଦାୟିତ୍ୱରେ ରହିବେ ଏବଂ କେତେ ଅର୍ଥ ବ୍ୟୟ ହେବ—ସବୁ ତଥ୍ୟ ଲୋକଙ୍କ ସାମ୍ନାରେ ରଖାଯାଉ। କେବଳ ଘୋଷଣା ନୁହେଁ, କାମର ସାମାଜିକ ଯାଞ୍ଚ ହେଉ। ଜିଲ୍ଲା ପ୍ରଶାସନର ଅଧିକାରୀମାନେ ନିୟମିତ ଭାବେ ଗ୍ରାମକୁ ଯାଇ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରନ୍ତୁ। ସ୍ଥାନୀୟ ଯୁବକ, ମହିଳା, ଶିକ୍ଷକ, ଚାଷୀ ଓ ସାମାଜିକ ସଂଗଠନକୁ ଏହି ପ୍ରକ୍ରିୟାରେ ଭାଗୀଦାର କରାଯାଉ। କୋଟିଆରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା କେବଳ ସଭାସମିତିରେ ଭାଷଣ ଦେଇ ହେବ ନାହିଁ। ସ୍ଥାନୀୟ ପିଲାଙ୍କୁ ମାତୃଭାଷାରେ ଉତ୍ତମ ଶିକ୍ଷା, ଓଡ଼ିଆ ପୁସ୍ତକ, ଶିକ୍ଷକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୁଯୋଗ ଦେବାକୁ ହେବ। ଏହା ସହିତ ସେଠାକାର ଆଦିବାସୀ ଭାଷା, ପରମ୍ପରା ଓ ସ୍ଥାନୀୟ ପରିଚୟକୁ ମଧ୍ୟ ସମ୍ମାନ ଦେବା ଦରକାର। ଓଡ଼ିଶାର ପରିଚୟ ଲୋକଙ୍କ ଉପରେ ଥୋପିଦେବା ନୁହେଁ; ଲୋକଙ୍କ ଜୀବନରେ ଓଡ଼ିଶାର ଉପକାରିତାକୁ ପହଞ୍ଚାଇବା ହିଁ ପ୍ରକୃତ ଲକ୍ଷ୍ୟ ହେବା ଉଚିତ। ରାଜନୈତିକ ଦଳମାନେ ମଧ୍ୟ ଏହି ପ୍ରସଙ୍ଗରେ ଆତ୍ମସମୀକ୍ଷା କରନ୍ତୁ। କୋଟିଆକୁ ନେଇ କେବଳ ନିର୍ବାଚନୀ ସଭା, ଅଭିଯୋଗ, ପ୍ରତିଅଭିଯୋଗ ଓ ସାମାଜିକ ମାଧ୍ୟମରେ ବିବୃତି ଦେବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ଶାସକ ଦଳ ନିଜର କାର୍ଯ୍ୟର ହିସାବ ଦେଉ, ବିରୋଧୀ ଦଳ ନିର୍ଦ୍ଦିଷ୍ଟ ପ୍ରସ୍ତାବ ରଖୁ ଏବଂ ସମସ୍ତେ ମିଶି ରାଜ୍ୟର ସ୍ୱାର୍ଥ ପାଇଁ କାମ କରନ୍ତୁ। ଦଳୀୟ ପତାକା ଅଲଗା ହୋଇପାରେ, କିନ୍ତୁ ଓଡ଼ିଶାର ସୀମା ଓ ଲୋକଙ୍କ ଅଧିକାର ପ୍ରସଙ୍ଗରେ ରାଜନୈତିକ ମତଭେଦ ରାଜ୍ୟର ସାମୂହିକ ସ୍ୱାର୍ଥକୁ ଆଘାତ କରିବା ଉଚିତ ନୁହେଁ। ଏହି ଘଟଣାରେ ଆଉ ଏକ ଦିଗ ଉପରେ ଗମ୍ଭୀର ଧ୍ୟାନ ଦେବା ଦରକାର। ସୀମାନ୍ତ ଅଞ୍ଚଳର ଲୋକମାନେ ଯଦି ଉଭୟ ରାଜ୍ୟରୁ ସରକାରୀ ସୁବିଧା ପାଉଛନ୍ତି, ତେବେ ତାହାର ଆଇନଗତ ଓ ପ୍ରଶାସନିକ ସ୍ଥିତି ସ୍ପଷ୍ଟ କରିବା ଆବଶ୍ୟକ। ଦ୍ୱ ?ତ ଭୋଟର ପରିଚୟପତ୍ର ଥିବା ନେଇ ଯେଉଁ ଖବର ଆସିଛି, ତାହାକୁ ନିର୍ବାଚନ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ଯାଞ୍ଚ କରନ୍ତୁ। ଯଦି ନିୟମର ଉଲ୍ଲଂଘନ ହୋଇଛି, ଆଇନ ଅନୁସାରେ ପଦକ୍ଷେପ ନିଆଯାଉ; ଯଦି ପ୍ରଶାସନିକ ଅସ୍ପଷ୍ଟତା ରହିଛି, ତାହାର ସମାଧାନ କରାଯାଉ। କିନ୍ତୁ ଏହି ଜଟିଳତାର ଭାର ଗ୍ରାମବାସୀଙ୍କ ଉପରେ ଲଦିଦେବା ଉଚିତ ନୁହେଁ। ରାଜ୍ୟର ଦାବିକୁ ଆଇନଗତ ଭାବେ ଦୃଢ଼ କରିବା ସହିତ ଲୋକଙ୍କ ଅଧିକାର ଓ ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଏହା କୌଣସି ଦଳର ବିଜୟ କିମ୍ବା ପରାଜୟର ପ୍ରଶ୍ନ ନୁହେଁ; ଏହା ଓଡ଼ିଶାର ଶାସନ କ୍ଷମତାର ପରୀକ୍ଷା। ୨୦୨୧ର ୨୩.୦୪ ପ୍ରତିଶତ ତୁଳନାରେ ଚଳିତ ମତଦାନ ହାର ୩୧.୫୮ ପ୍ରତିଶତ ହେବାର ଖବର ନିଶ୍ଚୟ ଚିନ୍ତାର କାରଣ। ଏହାକୁ ଓଡ଼ିଶାର ଲୋକଙ୍କ ପରାଜୟ ବୋଲି କହିବା ଅନ୍ୟାୟ ହେବ; ବରଂ ଏହା ଓଡ଼ିଶାର ପ୍ରଶାସନ ଓ ରାଜନୈତିକ ନେତୃତ୍ୱ ପାଇଁ ଏକ କଡ଼ା ଚେତାବନୀ। ଲୋକଙ୍କୁ ଦୋଷ ଦେବା ପୂର୍ବରୁ ସରକାର ନିଜର ଦାୟିତ୍ୱ ଯାଞ୍ଚ କରୁ। ଯେଉଁ ଅଞ୍ଚଳରେ ନିଜ ରାଜ୍ୟର ଉପସ୍ଥିତିକୁ ପ୍ରମାଣ କରିବା ପାଇଁ ନିର୍ବାଚନ ଦିନ ଶତାଧିକ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ ପଡୁଛି, ସେଠାରେ ସାଧାରଣ ଦିନରେ ଲୋକଙ୍କ ଜୀବନ କେତେ ସୁବିଧାଜନକ, ତାହାର ମଧ୍ୟ ହିସାବ ହେବା ଦରକାର। ରାଜ୍ୟର ସୀମା କେବଳ ନକ୍ସାରେ ରେଖା ଟାଣି ସୁରକ୍ଷିତ ରହେ ନାହିଁ; ସୀମାନ୍ତର ଲୋକଙ୍କ ହୃଦୟରେ ରାଜ୍ୟ ପ୍ରତି ଆସ୍ଥା ଓ ଆତ୍ମୀୟତା ଥିଲେ ହିଁ ତାହାର ପ୍ରକୃତ ସୁରକ୍ଷା ହୁଏ। ଆନ୍ଧ୍ରପ୍ରଦେଶର ନିର୍ବାଚନରେ ଯେଉଁମାନେ ଭୋଟ ଦେଇଛନ୍ତି, ସେମାନଙ୍କୁ ନେଇ ରାଜନୈତିକ ଦୋଷାରୋପ କରିବା ପରିବର୍ତ୍ତ ? ଓଡ଼ିଶା ସରକାର ସେମାନଙ୍କ ପାଖକୁ ଯାଇ ପଚାରନ୍ତୁ—ଆପଣଙ୍କ ସମସ୍ୟା କ'ଣ, ଆପଣଙ୍କ ଆବଶ୍ୟକତା କ'ଣ, ଓଡ଼ିଶା ସରକାରଙ୍କଠାରୁ ଆପଣ କ'ଣ ଆଶା କରୁଛନ୍ତି ? ଏହି ଗୋଟିଏ ପ୍ରଶ୍ନ ଯଦି ସଚ୍ଚୋଟ ଭାବେ ପଚରାଯାଏ ଏବଂ ଉତ୍ତର ଅନୁସାରେ କାମ କରାଯାଏ, ତେବେ କୋଟିଆରେ ଓଡ଼ିଶାର ଆସ୍ଥା ଦୃଢ଼ ହେବ। ନଚେତ୍ ? ପ୍ରତ୍ୟେକ ନିର୍ବାଚନ ପରେ ସରକାର ବିଜୟ ଘୋଷଣା କରିବେ, ରାଜନୈତିକ ନେତାମାନେ ପରସ୍ପରକୁ ଅଭିନନ୍ଦନ ଜଣାଇବେ, କିନ୍ତୁ ସୀମାନ୍ତର ଲୋକଙ୍କ ମନରେ ଥିବା ପ୍ରଶ୍ନ ଅନୁତ୍ତରିତ ରହିଯିବ। କୋଟିଆର ମାଟି ଉପରେ ଅଧିକାର ଦାବି କରିବା ସହଜ, କିନ୍ତୁ ସେହି ମାଟିର ଲୋକଙ୍କ ଜୀବନର ଦାୟିତ୍ୱ ନେବା ହିଁ ପ୍ରକୃତ ଶାସନ। ଆଜି ଓଡ଼ିଶା ସରକାରଙ୍କୁ ନିଜକୁ ନିଜେ ପଚାରିବାକୁ ହେବ—ଆମେ କୋଟିଆକୁ କେବଳ ନିର୍ବାଚନ ସମୟରେ ମନେ ପକାଉଛୁ କି, ନା ପ୍ରତ୍ୟେକ ଦିନ ସେଠାକାର ଲୋକଙ୍କ ସହ ଠିଆ ହେଉଛୁ ? ଯଦି ଉତ୍ତର ଦ୍ୱିତୀୟଟି ନୁହେଁ, ତେବେ ଏହି ମତଦାନ ହାର ବୃଦ୍ଧି ଏକ ସତର୍କ ଘଣ୍ଟି। ଏହାକୁ ଅପମାନ ଭାବି କ୍ରୋଧ ପ୍ରକାଶ କରିବା ନୁହେଁ, ନିଜର ଅବହେଳା ଓ ଦୁର୍ବଳତା ସୁଧାରିବାର ସୁଯୋଗ ଭାବେ ଗ୍ରହଣ କରିବା ଉଚିତ। କୋଟିଆରେ ଓଡ଼ିଶାର ସତ୍ୟ ସଫଳତା ସେହିଦିନ ହେବ, ଯେଉଁଦିନ ଜଣେ ଗ୍ରାମବାସୀ ନିଜ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସୁରକ୍ଷା ଓ ସମ୍ମାନ ପାଇବା ପାଇଁ ଅନ୍ୟ ରାଜ୍ୟର ଦ୍ୱାର ଠକ୍ ?ଠକାଇବାକୁ ବାଧ ହେବେ ନାହିଁ। ସେହିଦିନ ହିଁ ଓଡ଼ିଶାର ଦାବି କେବଳ ଶାସନର ଭାଷାରେ ନୁହେଁ, ଲୋକଙ୍କ ଜୀବନରେ ମଧ୍ୟ ପ୍ରତିଫଳିତ ହେବ। ଆଜିର ମତଦାନ ବୃଦ୍ଧି ଓଡ଼ିଶା ପାଇଁ ଏକ କଡ଼ା ଚେତାବନୀ—ଏହାକୁ ଅସ୍ୱୀକାର କରିବା ନୁହେଁ, ଏଥିରୁ ଶିକ୍ଷା ନେଇ କୋଟିଆରେ ଶାସନର ନୂଆ ଅଧ୍ୟାୟ ଆରମ୍ଭ କରିବା ହିଁ ଏବେ ସମୟର ଦାବି।

ବଙ୍ଗୋପସାଗର ପାଲଟିଛି ଚକ୍ରବାତର ଜନ୍ମସ୍ଥଳୀ

ଗୋପାଳ ମହାପାତ୍ର

ଆକାଶର ରଙ୍ଗ ବଦଳୁଛି, ସମୁଦ୍ରର ସ୍ଥିରତା ବଦଳୁଛି ଏବଂ ଉପକୂଳ ଅଞ୍ଚଳରେ ବିପଦ ଆଶଙ୍କା ବଢ଼ିବାରେ ଲାଗିଛି। ବଙ୍ଗୋପସାଗରରେ କିଛିଦିନି ମଧ୍ୟରେ ଚକ୍ରବାତ ଅର୍ଣ୍ଣବ ଏବଂ ମୁରାସୁ ଆସିବା ସାଧାରଣ ଭାବେ ପାଣିପାଗ ବା ମୌସୁମୀବାୟୁର ଘଟଣା ନୁହେଁ ବରଂ ପ୍ରକୃତିର ପରବର୍ତ୍ତିତ ସ୍ଥିତି ର ଗମ୍ଭୀର ସଙ୍କେତ ଅଟେ। ଅକ୍ଟୋବର ୨୮ ତାରିଖରେ ଚକ୍ରବାତ ଅର୍ଣ୍ଣବ ଆନ୍ଧ୍ରପ୍ରଦେଶ ତଟ ସମେତ ଓଡ଼ିଶାର କେତେକ ଅଞ୍ଚଳକୁ ପ୍ରଭାବିତ କରିଥିଲା ଏବଂ ନଭେମ୍ବର ୩ ତାରିଖରେ ମୁରାସୁ ସେଇ ଅଞ୍ଚଳକୁ ପ୍ରଭାବିତ କରିଥିଲା। ଏ ଦୁଇ ଚକ୍ରବାତ ମଧ୍ୟରେ ଏତେ କମ୍ ବ୍ୟବଧାନ ଥିବାରୁ ସ୍ପଷ୍ଟ ଯେ ବଙ୍ଗୋପସାଗର ଏବେ କେବଳ ଚକ୍ରବାତର ଜନ୍ମସ୍ଥଳୀ ପାଲଟିବାରେ ଲାଗିଛି। ସମୁଦ୍ରରେ ବଢୁଥିବା ଉତ୍ତାପ ଏବଂ ଗ୍ଲୋବାଲ ୱାର୍ମିଙ୍ଗ୍ ବିପଦକୁ ଅଧିକ କରିଦେଇଛି। ଏବେ ଚିନ୍ତା କେବଳ ଆଗାମୀ ଚକ୍ରବାତ ପାଇଁ ନୁହେଁ ବରଂ ବଙ୍ଗୋପସାଗର ଉପକୂଳ ବର୍ତ୍ତୀ ଅଞ୍ଚଳର ଲୋକେ ଆସୁଥିବା ଚକ୍ରବାତ ପରେ ଆଗାମୀ ଚକ୍ରବାତକୁ ନେଇ ଆଶଙ୍କା ପ୍ରକାଶ କରିବାର ଚିନ୍ତା। ଚକ୍ରବାତର ପ୍ରଚଣ୍ଡତା ର ରହସ୍ୟ ସମୁଦ୍ରର ଗଭୀର ଉତ୍ତାପ ଉପରେ ନିର୍ଭର କରୁଛି। ସମୁଦ୍ରର ତାପମାନ ବଢ଼ିଲେ ବାଷ୍ପିକରଣ ଅଧିକ ହୋଇଥାଏ। ଅନୁକୂଳ ପରିସ୍ଥିତି ସୃଷ୍ଟିହେଲେ ଏହା ଚକ୍ରବାତ ର ରୂପ ନେଇଥାଏ। ବଙ୍ଗୋପସାଗର ଉପରେ କରାଯାଇଥିବା ଏକ ଗବେଷଣା (ସାଇଣ୍ଟିଫିକ୍ ରିପୋର୍ଟ-୨୦୨୩) ଅନୁସାରେ ୧୯୮୨ ରୁ ୨୦୨୧ ମଧ୍ୟରେ ସାମୁଦ୍ରିକ ଉଷ୍ମ ଲହରୀର ୧୦୭ ଟି ଘଟଣା ଘଟିଥିଲା ଏବଂ ଏସବୁ କରାଳ ରୂପ ନେଇଥିଲା। ବିଗତ ୧୦ ବର୍ଷ ମଧ୍ୟରେ ୩୩ ରୁ ୩୫ଟି ଚକ୍ରବାତ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୧୮ ର ତିତଲି, ୨୦୧୯ ର ଫନି, ବାୟୁ, ମହା ଏବଂ ବୁଲବୁଲ ଅନ୍ୟତମ। ୨୦୨୦ ରେ ଆମ୍ପାନ ଏବଂ ନିଭାର, ୨୦୨୧ ର ୟାସ, ଗୁଲାବ ଏବଂ ଜାୱାଦ ଘଟିଥିଲା। ସେହିପରି ୨୦୨୨ ରେ ସାନି, ସିତରଙ୍ଗ, ୨୦୨୩ ରେ ମୋଚା ଏବଂ ମିଚୁଙ୍ଗ, ୨୦୨୪ ରେ ରିମାଲ, ଦାନା, ଘଟିଥିଲା। ଏଥି ପୂର୍ବରୁ ୧୯୯୯ ରେ ହୋଇଥିବା ପ୍ରଚଣ୍ଡ ସାଇକ୍ଲୋନ ବା ଚକ୍ରବାତ କାରଣରୁ ଓଡ଼ିଶା ବିଶେଷକରି ଜଗତସିଂହପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ଫାଇଲିନ, ୨୦୧୪ ର ହୁଡ୍‌ହୁଡ୍ ର ଉତ୍ପତ୍ତିସ୍ଥଳ ଥିଲା ବଙ୍ଗୋପସାଗର ।
ଏହି ସଂଖ୍ୟା କେବଳ ବୈଜ୍ଞାନିକ ନିଷ୍କର୍ଷ ନୁହେଁ, ସମୁଦ୍ରର ବଦଳୁଥିବା ସ୍ୱଭାବର ଗମ୍ଭୀର ଚେତାବନୀ। ସବୁ ଚକ୍ରବାତ ପାଇଁ ଗ୍ଲୋବାଲ ୱାର୍ମିଙ୍ଗ୍ କୁ ଦାୟୀ କରାଯାଇନପାରେ କାରଣ ଏହାର ଉତ୍ପତ୍ତି ଓ ତୀବ୍ରତା ଅନେକ ପାଣିପାଗର ପରିସ୍ଥିତିରେ ନିର୍ଣ୍ଣୟ ହୋଇଥାଏ। କିନ୍ତୁ ଏକଥା ସ୍ପଷ୍ଟ ଯେ କ୍ରମାଗତ ଭାବେ ଉତପ୍ତ ହେଉଥିବା ଜଳବାୟୁ ଚକ୍ରବାତ ର ବିନାଶକାରୀ ପ୍ରଭାବ କୁ ଅଧିକ ବଢ଼ାଇ ଦେଇଥାଏ।

ପାଣିପାଗ ଏବେ ତାର ପୁରୁଣା ଅଭ୍ୟାସ ଛାଡ଼ିଦେଇଛି। ଜଳବାୟୁ ପରିବର୍ତ୍ତନର ସଙ୍କଟ ଧିରେଧିରେ ବଢ଼ିବାରେ ଲାଗିଛି ଏବଂ ଆଖି ପିଛୁଳାକେ ପ୍ରଳୟ ସୃଷ୍ଟି କରିପାରୁଛି। ସମୁଦ୍ରରେ ବଢୁଥିବା ଉତ୍ତାପ, ବାୟୁମଣ୍ଡଳୀୟ ଅବସ୍ଥା, ପବନର ଦିଗ ଏବଂ ଅଲ୍‌ନିନୋ ଭଳି ପରିସ୍ଥିତି ଚକ୍ରବାତର ତୀବ୍ରତା ଓ ବର୍ଷାକୁ ପ୍ରଭାବିତ କରିଥାଏ। ଚକ୍ରବାତର ସଂଖ୍ୟା ଯେ ପ୍ରତିବର୍ଷ ବଢ଼ିବ ତାହା ଜରୁରୀ ନୁହେଁ କିନ୍ତୁ ଉତପ୍ତ ଜଳବାୟୁ କାରଣରୁ ଶକ୍ତିଶାଳୀ ତୋଫାନ ଏବଂ ଅଧିକ ବର୍ଷା ବି ହୋଇପାରେ। ଅର୍ଣ୍ଣବ ଏବଂ ମୁରାସୁ ଦେଖାଇ ଦେଇଛି ଯେ ଗୋଟିଏ



ବିପଦ ପରେ ଆଉ ଏକ ବିପଦ ମଧ୍ୟ ଆସିପାରେ। ଏଣୁ ପ୍ରଶାସନ କୁ ତୋଫାନର ଗତି, ଏହା ମଧ୍ୟରେ ଥିବା ବ୍ୟବଧାନ, ସମ୍ଭାବିତ ବର୍ଷା, ସମୁଦ୍ରର ଜଳସ୍ତର ବୃଦ୍ଧି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ କଥା କୁ ଚିନ୍ତା କରିବା ଜରୁରୀ। ଚକ୍ରବାତ ଯେତେବେଳେ ଭୂମି ଉପରେ ବାଡ଼େଇ ହୋଇଥାଏ ବା ଲ୍ୟାଣ୍ଡଫଲ କରିଥାଏ ସେତେବେଳେ ଗରୀବ ଲୋକେ ହିଁ କ୍ଷତିଗ୍ରସ୍ତ ହୋଇଥାନ୍ତି। କୃଷକର କ୍ଷେତ ଏବଂ ମତ୍ସ୍ୟଜୀବିଙ୍କ ଦୈନନ୍ଦିନର ଗୁଜୁରାଣ ଉଜୁଡ଼ି ଯାଇଥାଏ। ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ଘରଦ୍ୱାରା ଭାଙ୍ଗିଯାଇଥାଏ। ଚକ୍ରବାତ କାରଣରୁ ଗଛ ସବୁ ଉପୁଡ଼ିଯାଏ, ବିଦ୍ୟୁତ୍ ଖୁଣ୍ଟି ମଧ୍ୟ ଉପୁଡ଼ି ଯାଏ, ଚକ୍ରବାତ ଜନିତ ବର୍ଷା କାରଣରୁ ରାସ୍ତାଘାଟ ଜଳମଗ୍ନ ଯୋଇଯାଏ, ସଞ୍ଚାର ବ୍ୟବସ୍ଥା, ବିଦ୍ୟୁତ୍ ସବରାହ ବାଧାପ୍ରାପ୍ତ ହୁଏ। ଏ ଭଳି ସମୟରେ ସରକାରୀ ସହାୟତା ଆଶ୍ୱସ୍ତି ତ ଦେଇଥାଏ କିନ୍ତୁ ସ୍ଥାୟୀ ସୁରକ୍ଷା ପାଇଁ ଆଜୀବିକା, ସୁରକ୍ଷିତ ଆବାସ, ବୀମା ଏବଂ ଆପଦା ର ପରବର୍ତ୍ତୀ ସହାୟତା ମଧ୍ୟ ଜରୁରୀ ଅଟେ।

ପ୍ରକୃତି କୁ ଅଣଦେଖାକରି ବିକାଶ ଅସମ୍ଭବ। ବନ୍ଦର, ସଡ଼କ, ଶିଳ୍ପ ଏବଂ ଶହରାଞ୍ଚଳର ବସ୍ତି ର ବିସ୍ତାର ଅର୍ଥ ବ୍ୟବସ୍ଥାକୁ ଗତି ଦେଇପାରେ କିନ୍ତୁ ଉପକୂଳର ପରିସ୍ଥିତିକୁ ଅଣଦେଖା କରି କରାଯାଉଥିବା ବିକାଶ ବିନାଶର କାରଣ ହେଇପାରେ। ହେନ୍ତାଳ (ମ୍ୟାନଗ୍ରୋଭସ) ଜଙ୍ଗଲ ସମୁଦ୍ରର ଲହରୀ ଏବଂ ତୋଫାନ କାରଣରୁ ଉଠୁଥିବା ଜଳସ୍ତରକୁ ରୋକିବାରେ ସକ୍ଷମ ହୋଇଥାଏ। ଏହା ସମୁଦ୍ର ଲହରୀ ଓ ତୋଫାନ ପାଇଁ ପ୍ରାକୃତିକ ଢ଼ାଲ ଭଳି କାର୍ଯ୍ୟ କରିଥାଏ। ହେନ୍ତାଳ ବନର ବିନାଶ ଏହି ସୁରକ୍ଷା କବଚକୁ ଦୁର୍ବଳ କରି ଦେଇଥାଏ। ଏଣୁ ବିକାଶ କୁ ପ୍ରକୃତିର ଅନୁକୂଳ କରାଯିବା ଜରୁରୀ। ସମୁଦ୍ରର ବଢୁଥିବା ଜଳସ୍ତର ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଜଳସ୍ରୋତ କୁ ମଧ୍ୟ ପ୍ରଭାବିତ କରିପାରେ ଫଳରେ ପାନୀୟ ଜଳର ଅଭାବ ମଧ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯିବାର ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଏବେ କେବଳ ପଢ଼ିବାର ବା ଶୁଣିବାର ବିଷୟ ନୁହେଁ ବରଂ ଭବିଷ୍ୟତ ଏବଂ ଜୀବନ ସହ ଯୋଡ଼ିହୋଇଥିବା ସତ୍ୟ ରେ ପରିଣତ ହୋଇଛି। ବଙ୍ଗୋପସାଗର ଏବେ କେବଳ ଚକ୍ରବାତ ଓ ତୋଫାନର ଜନ୍ମସ୍ଥଳୀ ହୋଇ ରହିନାହିଁ ବରଂ ଲୋକଙ୍କ ଆଜୀବିକା ଏବଂ ଦେଶର ପରିସ୍ଥିତି ଜନିତ ସୁରକ୍ଷା ର ଜୀବନରେଖା ପାଲଟିଯାଇଛି। ଅର୍ଣ୍ଣବ ଏବଂ ମୁରାସୁ ଚେତାଇ ଦେଇଛି ଯେ ପ୍ରକୃତିର ସଙ୍କେତକୁ ଅଣଦେଖା କରିବା କେତେ ଭାରି ପଡ଼ିପାରେ। ସମୁଦ୍ରର ଆଗାମୀ ଗର୍ଜନ ପୂର୍ବରୁ ଆମକୁ ପ୍ରସ୍ତୁତ ରହିବାକୁ ହେବ କାରଣ ଆଗାମୀ ଚେତାବନୀ ହୁଏତ ଆମକୁ ସମ୍ଭାଳିବାର ଅବସର ଦେଇ ନପାରେ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ପାରାଦୀପ ପୋର୍ଟ ଡିଏଲଆର କର୍ମଚାରୀଙ୍କ ବନ୍ଧୁମିଳନ ଓ ସାଧାରଣ ସଭା ଅନୁଷ୍ଠିତ



ପାରାଦୀପ, (ମହାଭାରତ): ପାରାଦୀପ ପୋର୍ଟ ଏମ୍ପଲୋଇଜ ଡିଏଲାର୍ସ ଆଣ୍ଡ କଣ୍ଟ୍ରାକ୍ଟର ୱାର୍କ୍ସ ୟୁନିୟନ ପକ୍ଷରୁ ଏକ ବନ୍ଧୁମିଳନ ଓ ସାଧାରଣ ସଭା ସ୍ଥାନୀୟ ମଧୁବନ ସ୍ଥିତ ଶ୍ରମିକ ଭବନ ଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ଏଥିରେ ପାରାଦୀପ ବନ୍ଦରର ସ୍ଥାୟୀ କର୍ମଚାରୀ ଙ୍କ ସମେତ ୪ ଶହ ରୁ ଉର୍ଦ୍ଧ ଡିଏଲଆର କର୍ମଚାରୀ ମାନେ ଯୋଗ ଦେଇଥିଲେ । କର୍ମଚାରୀ ମାନଙ୍କ ଦରମା ବୃଦ୍ଧି, ମେଡିକାଲ ସୁବିଧା ଓ ଅବସରକାଳୀନ ଗ୍ରାଚୁଇଟି ଓ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇଥିଲା । ଡିଏଲଆର କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ବନ୍ଦର ପ୍ରଶାସନ ଏ ବାବଦରେ ଦାବୀ ଉପସ୍ଥାପନା କରାଯାଇଥିଲେ ମଧ ଏଥିରେ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ । ତେବେ ଏବାବଦରେ ପୂର୍ବରୁ ବନ୍ଦର ଅଧକ୍ଷ, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରା ନଯିବାକୁ ନେଇ ଡିଏଲଆର ଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଥିଲା । ତେବେ ଆଗାମୀ ଦିନରେ ଯଦି ଡିଏଲଆର ମାନଙ୍କ ଦାବୀ ପୂରଣ ନହୁଏ, ତେବେ ୟୁନିୟନ ବାଧ ହୋଇ ଆନ୍ଦୋଳନ କୁ ଓହ୍ଲାଇବା ନେଇ ମତ ପ୍ରକାଶ ପାଇଛି । ବିଜେପି ଯୁବମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ପ୍ରବକ୍ତା ଏବଂ ଡିଏଲଆର ୟୁନିୟନ ର ସଭାପତି ଉମାକାନ୍ତ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଡିଏଲଆର ୟୁନିୟନ ର ଉପସଭାପତି ପରମେଶ୍ୱର ଆଚାର୍ଯ୍ୟ,ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଅନନ୍ତ କିଶୋର ମଲ୍ଲିକ, ସମ୍ପାଦକ ମନ୍ମଥ ବେହୁରା, ସାହ ସମ୍ପାଦକ ପ୍ରଶାନ୍ତ ରାଉତରାୟ, କୋଷାଧକ୍ଷ ଧ୍ରୁବ ଚରଣ ବେହେରା, ସହ କୋଷାଧକ୍ଷ ବିଭୁତି ଭୂଷଣ ପାତ୍ର ଯୋଗଦେଇ ଡିଏଲଆର ମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ କମିଟି ସଦସ୍ୟ ମଳୟ ବଳ, ପ୍ରିୟ ରଞ୍ଜନ ମହାନ୍ତି, ରମାକାନ୍ତ ନାୟକ, ଅଜୟ ବଳବନ୍ତରାୟ, ରମେଶ ସାହୁ, ତରଣୀ କୁମାର ନାୟକ, ପ୍ରକାଶ କୁମାର ଗୋଛାୟତ, ପଙ୍କଜ ସ୍ୱାଇଁ, କେଦାରନାଥ ସ୍ୱାଇଁ, ତ୍ରିଲୋଚନ ସାହୁ, ଦାମୋଦର ସାମଲ, ଦୀପକ ଗୋଛାୟତ, ସୁମନ୍ତ ସ୍ୱାଇଁ, ଲକ୍ଷ୍ମୀଧର ମଲ୍ଲିକ, ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

ଦୁଇଟିକିଆ ହାତୀପଲଙ୍କ ଉପଦ୍ରବ, ବ୍ୟାପକ ଧାନ ଫସଲ ନଷ୍ଟ



ରେଢ଼ାଖୋଲ, (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ପ୍ରାୟ ଦୁଇ ଦିନ ହେବ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଲ ରେଞ୍ଜ ଅଧୀନ ବଡକୁଡା ଗ୍ରାମରେ ୨ ଟିକିଆ ହାତୀପଲ ଉପଦ୍ରବ କରି ବ୍ୟାପକ ମାତ୍ରାରେ ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଧାନଫସଲ ଏବେ ଅମଳ ସମୟ ହୋଇଥିବାରୁ ଆଉ କିଛି ଦିନ ପରେ ଚାଷୀ ଧାନ କାଟି ଘରକୁ ଆଣିଥାନ୍ତା ହେଲେ ହାତୀ ପଲ ଫସଲ ଖାଇବା ସହିତ ମାଡ଼ି ଦଳି ନଷ୍ଟ କରି ଦେଉଥିବାରୁ ଚାଷୀ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ହାତୀପଲ ସଂନ୍ଧ୍ୟା ସମୟରେ ନିକଟସ୍ଥ ଜଙ୍ଗଲରୁ ଗାଁ ମୁହାଁ ହୋଇଛନ୍ତି, ମୁଖ୍ୟତଃ ଲଗାତାର ଭାବେ ବଡକୁଡା ,ଅଙ୍ଗରପୋଡା ଗ୍ରାମକୁ ଆସି ଉପଦ୍ରବ କରୁଛନ୍ତି। ଚାଷୀଙ୍କ ପ୍ରାୟ ୨ ଏକରରୁ ଉର୍ଦ୍ଧ ଧାନ ଜମିରେ କେଣ୍ଡା ବାହାରୁ ଥିବା ଧାନ ଫସଲ ଖାଇବା ସହିତ ମାଡ଼ିଦଳି ନଷ୍ଟ କରି ଦେଇଛନ୍ତି। ଗ୍ରାମବାସୀ ହାତୀ ପଲଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିଲେ ମଧ ହାତୀ ବାରମ୍ବାର ଆସି ଫସଲ ନଷ୍ଟ କରୁଛନ୍ତି। ହାତୀ ଉପଦ୍ରବର କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀକୁ ଉପଯୁକ୍ତ କ୍ଷତିପୂରଣ ସହିତ ହାତୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚାଷୀ ଦାବି କରିଛନ୍ତି। ସେପଟେ ବନ ବିଭାଗ ପହଞ୍ଚି ହାତୀପଲ ଘୋଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ଜେନାଙ୍କୁ ଓଡିଶା ୧୬ ବର୍ଷରୁ କମ କ୍ରିକେଟ ଦଳର ମ୍ୟାନେଜର ଦାୟିତ୍ୱ

ପାରାଦୀପ, (ମହାଭାରତ) : ସୂର୍ଯ୍ୟକାନ୍ତ ଜେନା ଦୀର୍ଘ କିଛି ବର୍ଷ ହେବ ଓଡିଶା କ୍ରିକେଟ ଆସୋସିଏସନ ଏବଂ ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡା ସଂସଦ ଅଧୀନରେ ରହି ପାରାଦୀପ ସ୍ଥିତ ଗୋପବନ୍ଧୁ ଷ୍ଟାଡିଅମରେ ପିଲାମାନଙ୍କୁ କ୍ରିକେଟ ପ୍ରଶିକ୍ଷଣ ଦେଇଆସୁଛନ୍ତି । ବର୍ତ୍ତମାନ ତାଙ୍କୁ ଓଡିଶା ୧୬ ବର୍ଷରୁ କମ ବାଳକ ବିଭାଗ କ୍ରିକେଟ ଦଳର ର ମ୍ୟାନେଜେର ଭାବେ ଦାୟିତ୍ୱ ମିଳିଛି। ଆନ୍ତରାଜ୍ୟ ୧୬ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସେ ଏବେ ଓଡିଶା ଟିମ ସହ କର୍ଣ୍ଣାଟକ ଗସ୍ତ କରିଛନ୍ତି । ତେବେ ସୂର୍ଯ୍ୟକାନ୍ତ ଙ୍କୁ ଏହି ନୂତନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ପରେ ସ୍ଥାନୀୟ କ୍ରିକେଟ ପ୍ରେମୀ ଓ ଖେଳାଳିଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ଏହା ପାରାଦୀପ ପାଇଁ ଏକ ଗର୍ବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ

ସଂନ୍ତୋଷ ଭାରତୀ ସଭାପତି, ସୁଦର୍ଶନ ବିଶ୍ୱାଳ ସମ୍ପାଦକ



ପାରାଦୀପ, (ମହାଭାରତ): ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ, ପାରାଦୀପ ୟୁନିଟ୍‌ର କାର୍ଯ୍ୟକାରିଣୀ ବୈଠକ ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ମନୋଜ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମିଶ୍ର, ଜିଲ୍ଲା ସମ୍ପାଦକ ମାନସ କାନୁନଗୋ, ଜିଲ୍ଲା ସହସମ୍ପାଦକ ସିଦ୍ଧେଶ୍ୱର ସ୍ୱାଇଁ ଏହି ବୈଠକରେ ଯୋଗ ଦେଇଥିଲେ । ପାରାଦୀପ ୟୁନିଟ୍‌ର ଏହି କାର୍ଯ୍ୟକାରିଣୀ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପର୍ବ ଅନୁଷ୍ଠିତ ହୋଇଥିଲା । ସର୍ବସମ୍ମତିକ୍ରମେ ସନ୍ତୋଷ ଭାରତୀ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ପ୍ରଶାନ୍ତ କୁମାର ରାଉତ, ସାଧାରଣ ସମ୍ପାଦକ ସୁଦର୍ଶନ ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ସୁମନ୍ତ ସ୍ୱାଇଁ, ସହସମ୍ପାଦକ ବିରଜା ସେଠୀ, କୋଷାଧକ୍ଷ ପ୍ରଭାସ ଦାସ ନିର୍ବାଚିତ ହୋଇଥିଲେ । ଉପଦେଷ୍ଟା ଭାବେ ନାରାୟଣ ବେହେରା ଏବଂ ରତ୍ନାକର ଜେନା ମନୋନୀତ ହୋଇଥିଲେ । ସଂଘରେ ନୂତନ ସଦସ୍ୟ ଭାବେ ତ୍ରିଲୋଚନ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଆଗାମୀ ଦିନରେ ସାମ୍ବାଦିମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ଜିଲ୍ଲା ସଭାପତି ମନୋଜ ଦାଶ କହିଛନ୍ତି । ପାରାଦୀପ ୟୁନିଟ୍‌ର ସଭାପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଭାରତୀ ସାମ୍ବାଦିକମାନଙ୍କ ସମସ୍ୟାର ସମାଧାନ ଦିଗରେ ସମସ୍ତଙ୍କ ମତାମତକୁ ନେଇ ଆଗେଇବା ସହିତ ସୁବିଧା ଅସୁବିଧାରେ ଠିଆ ହେବାର ପ୍ରତିଶୃତି ଦେଇଥିଲେ ।

ବର୍ଷ ବର୍ଷର ମଶାଣି ଜମି ସମସ୍ୟାର ଅନ୍ତ : ବିଧାୟକ ପବିତ୍ର ସାଉଁନ୍ତାଙ୍କ ହସ୍ତକ୍ଷେପରେ କେଲ୍ଲାର ଗ୍ରାମରେ ଜମି ଚିହ୍ନଟ, ଗ୍ରାମବାସୀଙ୍କ ମଧରେ ଖୁସି



ଲକ୍ଷ୍ମୀପୁର, (ମହାଭାରତ): ଦୀର୍ଘ ବର୍ଷ ଧରି ଲାଗି ରହିଥିବା ମଶାଣି ଜମି ସମସ୍ୟାର ସମାଧାନ ଦିଗରେ ମିଳିଲା ବଡ଼ ସଫଳତା। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ହସ୍ତକ୍ଷେପ ଓ ତହସିଲ ପ୍ରଶାସନର ତତ୍ପରତାରେ କେଲ୍ଲାର ଗ୍ରାମରେ ମଶାଣି ପାଇଁ ଜମି ଚିହ୍ନଟ କରାଯାଇଛି। ଦୀର୍ଘ ଦିନର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ଓ ଆଶ୍ୱସ୍ତିର ପରିବେଶ ସୃଷ୍ଟି ହୋଇଛି।କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁସୁମଗୁଡ଼ା ଗ୍ରାମ ପଞ୍ଚାୟତର କେଲ୍ଲାର ଗ୍ରାମରେ ଦୀର୍ଘ ସମୟ ଧରି ମଶାଣି ପାଇଁ ଉପଯୁକ୍ତ ଜମିର ଅଭାବ ରହିଥିଲା। ଗ୍ରାମରେ ମଶାଣି ଜମି ନଥିବାରୁ ଗ୍ରାମବାସୀ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି ଜଣାଇଥିଲେ। ତେବେ ବିଭିନ୍ନ କାରଣରୁ ଜମି ଚିହ୍ନଟ କାର୍ଯ୍ୟ ଦୀର୍ଘ ଦିନ ଧରି ଅଟକି ରହିଥିଲା। ଶେଷରେ ଗ୍ରାମବାସୀ ଏହି ସମସ୍ୟାକୁ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ନଜରକୁ ଆଣି ମଶାଣି ପାଇଁ ଜମି ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ବିଧାୟକ ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବିକୁ ଗୁରୁତ୍ୱ ଦେଇ ତହସିଲ ପ୍ରଶାସନ ସହ ଆଲୋଚନା କରିଥିଲେ। ତାଙ୍କର ଏହି ହସ୍ତକ୍ଷେପ ପରେ ଜମି ଚିହ୍ନଟ ପ୍ରକ୍ରିୟା ଆଗକୁ ବଢ଼ିଥିଲା।ଏହି କ୍ରମରେ ୧୧ ନଭେମ୍ବର ଦିନ ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ଅମିନ ମାଝୀ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଏବଂ କଂଗ୍ରେସ ବ୍ଲକ ସଭାପତି କୈଳାସ ଖୋସ୍ଲା କେଲ୍ଲାର ଗ୍ରାମରେ ପହଞ୍ଚି ମଶାଣି ପାଇଁ ଜମି ଚିହ୍ନଟ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ପଦକ୍ଷେପ ଗ୍ରାମବାସୀଙ୍କ ବହୁ ଦିନର ଅପେକ୍ଷାକୁ ଏକ ନୂତନ ଆଶା ଦେଇଛି।ବର୍ଷ ବର୍ଷ ଧରି ମଶାଣି ଜମି ପାଇଁ ହୋଇଆସୁଥିବା ଦାବି ଏବେ ପୂରଣ ହେବାର ପଥରେ ଥିବାରୁ ଗ୍ରାମବାସୀ ବିଧାୟକ ପବିତ୍ର ସାଉଁନ୍ତା ଓ ଲକ୍ଷ୍ମୀପୁର ତହସିଲ ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗ୍ରାମର କୈଳାସ ଖୋସ୍ଲା, ପ୍ରଦୀପ ଖରା, ଭୁବନ ଖୋସ୍ଲା, ଗଙ୍ଗା ଖରାଙ୍କ ସମେତ ଅନେକ ଗ୍ରାମବାସୀ ଓ ଯୁବକ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।ଗ୍ରାମବାସୀଙ୍କ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ମଶାଣି ଜମି ଚିହ୍ନଟ କରାଯିବା କେଲ୍ଲାର ଗ୍ରାମ ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଦେଖାଯାଉଛି।

ନବନିର୍ମିତ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟିତ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ରାସଙ୍ଗ ପଞ୍ଚାୟତର ମାଳତୀପୁଟ ଗ୍ରାମରେ ମା' ମଙ୍ଗଳା ଠାକୁରାଣୀଙ୍କ ନବନିର୍ମିତ ସାଂସ୍କୃତିକ ମଣ୍ଡପ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ପ୍ରଥମେ ମା' ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ ଏହି ନୂତନ ସାଂସ୍କୃତିକ ମଣ୍ଡପ ଗ୍ରାମର ସାମାଜିକ ଏକତା ବୃଦ୍ଧି କରିବା ସହିତ ବିଭିନ୍ନ ଉତ୍ସବ, ପର୍ବପର୍ବାଣି ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ଗ୍ରାମର ବରିଷ୍ଠ ବ୍ୟକ୍ତିବିଶେଷ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ନାବାଳିକା ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ଗିରଫ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୁଲିସ ଝାଡ଼ଖଣ୍ଡ ରାଜ୍ୟର ଗିରିଡିହି ଜିଲ୍ଲାରୁ ଜଣେ ୪୨ ବର୍ଷୀୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମହମ୍ମଦ ଆନୱାର। ଘଟଣା ପରେ ସେ ଫେରାର ହୋଇଯାଇଥିବା ବେଳେ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତାଙ୍କୁ ଠାବ କରିବାରେ ସଫଳ ହୋଇଛି। ସୂଚନା ଅନୁଯାୟୀ, ଗତ ନଭେମ୍ବର ୧ ତାରିଖ ଦିନ ନାବାଳିକାଙ୍କ ଘରେ ଥିବା ଦୋକାନକୁ ଅଭିଯୁକ୍ତ ଗୁଟଖା କିଣିବା ପାଇଁ ଆସିଥିଲେ। ସେହି ସମୟରେ ନାବାଳିକା ଘରେ ଏକୁଟିଆ ଥିବା ସୁଯୋଗ ନେଇ ତାଙ୍କୁ ଭୟଭୀତ କରି ଯୌନ ନିର୍ଯାତନା ଦେଇଥିଲେ । ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଜଣକ ସେହି ଗ୍ରାମକୁ କାଠ କାମ କରିବା ପାଇଁ ଆସି ସେଠାରେ ରହୁଥିଲେ। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକା ଜଣକ କେନ୍ଦୁଝର ଜିଲ୍ଲା ରାଇସୁଆଁ ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ପାଠ ପଢୁଥିଲେ ଦଶହରା ଛୁଟି ରେ ଘରକୁ ଆସିଥିଲା । ଦଶହରା ଛୁଟି ଶେଷ ହେବା ପରେ ଗତ ୪ ତାରିଖରେ ତାଙ୍କ ବାପା ତାଙ୍କୁ ବିଦ୍ୟାଳୟରେ ଛାଡ଼ି ଆସିଥିଲେ। ତେବେ ୫ ତାରିଖ ଦିନ ନାବାଳିକାଙ୍କ ଦେହ ଅସୁସ୍ଥ ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା ସମୟରେ ନାବାଳିକାଙ୍କ ସହ ଯୌନ ନିର୍ଯାତନା ଦେଇଥିବା ଜାଣି ପାରି ଡାକ୍ତରଙ୍କ ପକ୍ଷରୁ କେନ୍ଦୁଝର ଟାଉନ ଥାନାରେ ଜିରୋ ଏଫ୍ ?ଆଇଆର୍ ରୁଜୁ କରାଯାଇଥିଲା। ଘଟଣାସ୍ଥଳ ଠାକୁରମୁଣ୍ଡା ଥାନା ଅଞ୍ଚଳରେ ହୋଇଥିବାରୁ ପରବର୍ତ୍ତୀ ସମୟରେ ମାମଲାଟି ଠାକୁରମୁଣ୍ଡା ଥାନାକୁ ହସ୍ତାନ୍ତର କରାଯାଇଥିଲା। ଗତ ୮ ତାରିଖରେ ଠାକୁରମୁଣ୍ଡା ଥାନାରେ କେସ୍ ନମ୍ବର ୧୬୧/୨୦୨୬ରେ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ରାଇରଙ୍ଗପୁର ପୁଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଲିକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କ ପରିଚୟ ଚିହ୍ନଟ କରିବା ସହ ତାଙ୍କ ଅବସ୍ଥିତି ସମ୍ପର୍କରେ ସୂଚନା ପାଇ ଝାଡ଼ଖଣ୍ଡ ରାଜ୍ୟର ଗିରିଡିହି ଜିଲ୍ଲାରୁ ତାଙ୍କୁ ଗିରଫ କରିଛି ।

ଗୋଲାମୁଣ୍ଡା ପଞ୍ଚାୟତ ସମିତିର ଶେଷ ବୈଠକ

ଗୋଲାମୁଣ୍ଡା, (ମହାଭାରତ): ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ଆଜି ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭା ରେ ସମ୍ପାଦକ ଭାବରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ,ତହସିଲଦାର ଚନ୍ଦନ କୁମାର ନାୟକ,ଏବିଡିଓ ବିଜୟ କୁମାର ନାଏକ, ଲୋକସଭା ସାଂସଦ ଙ୍କ ପ୍ରତିନିଧି ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକରେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆଇନ ଶୃଙ୍ଖଳା, ପାନୀୟ ଜଳ, ସାମାଜିକ ମଙ୍ଗଳ ସୁରକ୍ଷା, ଉଦ୍ୟାନ କୃଷି, ବିଜୁଳି, ଜାତୀୟ ରାଜପଥ, ପ୍ରାଣୀଧନ, ଗମନାଗମନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ ଓ ମହିଳା ସଶକ୍ତିକରଣ, କୃଷି, ଉଦ୍ୟାନ ବିଭାଗୀ,ମତ୍ସ୍ୟ ଓ ପ୍ରାଣୀଧାନ ବିଭାଗ ସମ୍ବନ୍ଧୀୟ ଅନେକ ଅଭିଯୋଗ ପରିଲିକ୍ଷିତ ହୋଇଥିଲା ।

ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ-୨୦୨୭ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଯୁବୋତ୍ସବ ଅନୁଷ୍ଠିତ



ଗଜପତି, (ମହାଭାରତ): ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂକଳ୍ପ-୨୦୨୭' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଯୁବୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା ପ୍ରତିଭା ଓ ସୃଜନଶୀଳତାର ବିକାଶ ପାଇଁ ଏଭଳି ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପାରଳାଖେମୁଣ୍ଡି ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲ୍ ?ଗୁନୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ମୁନୀନ୍ଦ୍ର ହୋନନଗା, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ବରିଷ୍ଠ କ୍ରୀଡ଼ାବିତ୍ କିଶୋର ରଥ, ସାମଜିକ କର୍ମୀ ଶ୍ରୀ ହୃଷିକେଶ ଗୌଡ଼ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଯୁବ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିବା ସହ ଯୁବୋତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଯୁବୋତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳର ମହାବିଦ୍ୟାଳୟ ଗୁଡ଼ିକରୁ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଗୋଷ୍ଠୀଗତ ଲୋକନୃତ୍ୟ, ଗୋଷ୍ଠୀଗତ ଲୋକଗୀତ, କାହାଣୀ ଲିଖନ, ଚିତ୍ରକଳା, କବିତା ଲିଖନ ଓ ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସେବା, ଜନଭାଗିଦାରୀ ଓ ସାମାଜିକ ଦାୟିତ୍ୱବୋଧର ଭାବନାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ସହ- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଏକ ସାମୂହିକ ସଂକଳ୍ପ ନେବାକୁ ପ୍ରେରିତ କରିବା । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ବିଜେତାମାନେ ଆଗାମୀ ରାଜ୍ୟସ୍ତରୀୟ ଯୁବୋତ୍ସବରେ ଗଜପତି ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ଏହି ଯୁବୋତ୍ସବ ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ନେତୃତ୍ୱ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ଚେତନାକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ।

ପିକଅପ୍ ଗାଡ଼ି ଚକା ଫାଟି ଓଲଟିଲା ଅଳ୍ପକେ ବର୍ତ୍ତିଲେ ଚାଳକ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ତୁରୁମୁଙ୍ଗା ଥାନା କେନ୍ଦେଇପଶି ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ବୈଦ୍ୟୁତିକ ସାମଗ୍ରୀ ବୋଝେଇ ଏକ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।ସୂଚନା ଅନୁସାରେ, ବିଦ୍ୟୁତ୍ ତାର, ଆଙ୍ଗେଲ୍ ଓ ଟ୍ରାନ୍ସଫର୍ମର ସାମଗ୍ରୀ ଧରି ଏକ ବୋଲେରୋ ପିକଅପ୍ କେନ୍ଦୁଝରରୁ ପାଟଣା ଅଭିମୁଖେ ଯାଉଥିଲା। ତେବେ କେନ୍ଦେଇପଶି ପେଟ୍ରୋଲ ପମ୍ପ ନିକଟରେ ହଠାତ୍ ଗାଡ଼ିଟିର ପଛ ଚକା ଫାଟି ଯାଇଥିଲା। ଫଳରେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ପିକଅପଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା।

ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମୂଷାଖୋରୀ ଠାରେ ଟ୍ରାକ୍ଟର ଦୁର୍ଘଟଣା ଜଣେ ମୃତ ଜଣେ ଗୁରୁତର ହୋଇଛନ୍ତି । ସୂଚନା ପ୍ରକାଶ ରତନପୁର ଗ୍ରାମର ଦୁଇଜଣ ଚନ୍ଦନ ନାଏକ ଓ ପପୁ ଦଳେଇ ମିଶି ସାଇକେଲ ଯୋଗେ ମୂଷାଖୋରୀରୁ କାମ ସାରି ନିଜ ଘର ରତନପୁର କୁ ଫେରୁଥିବା ବେଳେ ମୂଷାଖୋରୀ ଛକ ନିକଟରେ ଏକ ଟ୍ରାକ୍ଟର ପଛ ପଟୁ ଚନ୍ଦନ ନାଏକ ଓ ପପୁ ଦଳେଇ କୁ ସାଇକେଲ ସହ ଧକ୍କା ଦେଇ ଥିଲା। ଫଳରେ ପପୁ ଦଳେଇ ସାଇକେଲ ରୁ କିଛି ଦୂରକୁ ଛିଟି କି ପଡ଼ିଥିବା ବେଳେ ଚନ୍ଦନ ନାଏକ ଟ୍ରାକ୍ଟର ଆଗ ରେ ଚାପି ହୋଇ ଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଦୁଇଜଣ ଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ରୁ ଚନ୍ଦନ ନାଏକ କୁ ମୃତ ଘୋଷଣା କରି ଥିବା ବେଳେ ଆହତ ପପୁ ଦଳେଇ କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନାନ୍ତର କରାଯାଇ ଛି। ପାଟଣା ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ସ୍ଥଳ ଯାଇ ତଦନ୍ତ ଚଳାଇଛି।

ଉଦଯାପନୀ ହେଲା ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା

କାକଟପୁର(ମହାଭାରତ) :ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ମାଆ ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ନଭେମ୍ବର ୧ ତାରିଖରୁ ସାତ ଦିନ ଧରି ଚାଲିଥିବା ମୁକ୍ତମଞ୍ଚ ନାଟକ ପରିବେଷଣ ୭ତାରିଖରେ ଉଦଯାପିତ ହୋଇଯାଇଛି। ପ୍ରଥମ ରାତ୍ରିରେ ଅନୁଷ୍ଠାନର ସଦସ୍ୟ ମାନଙ୍କ ଦ୍ୱାରା ନାଟକ ପୁଅ ଜନ୍ମ କରି ପାପ କରିଚି ପରିବେଷଣ କରାଯିବା ପରେ ୨ତାରିଖରୁ ଛଅଟି ନାଟ୍ୟ ଅନୁଷ୍ଠାନକୁ ନେଇ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା।ନିମାପଡା, ଘାଟିକିଆ, ଭାଣପୁର ଖୋର୍ଦ୍ଧା, ସୁନ୍ଦରପଦା, ପାରାଦ୍ୱୀପ, ଭୁବନେଶ୍ୱର ନାଟ୍ୟ ସଂସଦ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ଶେଷ ଦିନରେ ବିଜେତା ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା, ଯୁଗ୍ମ ବିଜେତା ପାରାଦ୍ୱୀପ ଓ ଖୋର୍ଦ୍ଧା ବାଣପୁରକୁ ଟ୍ରଫି ସହ ୪୦ହଜାର ଟଙ୍କା ଓ ତୃତୀୟ ବିଜେତା ଭୁବନେଶ୍ୱର ଘାଟିକିଆକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ କରାଯାଇ ମୁଖ୍ୟ ଅତିଥି ଅସ୍ତରଙ୍ଗ ଅଞ୍ଚଳର ଯୁବ ଉଦ୍ୟୋଗି ଜଗନ୍ନାଥ ବେଉରାଙ୍କ କରକମଳରେ ଦୁଇ ବିଚାର ପତି ହେମି ସାମଲ ଏବଂ ଲାଲା ବିରେନ ରାୟ ଙ୍କ ଦ୍ୱାରା ଘୋଷିତ ଚମ୍ପିୟାନ ଟିମ ଭାବରେ ସୁନ୍ଦର ପଦା ଟିମ କୁ ଦୀତୀୟ ଟିମ ଭାବେ ଭାଣପୁର ଏବଂ ଗୋବିନ୍ଦ ପୁର କୁ ତୃତୀୟ ଟିମ ଘାଟିକିଆ ଟିମ କୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସଭାପତି ଚିତ୍ରେସେନ ପ୍ରଧାନ, ଉପ ସଭାପତି ମନୋଜ ବିଶ୍ୱାଳ, ସମ୍ପାଦକ ଦିଲ୍ଲିପ ଦାସ, ସହ ସମ୍ପାଦକ ସମୀର କର, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକି, ,ବରିଷ୍ଠ ଉପଦେଷ୍ଟା ନିରଞ୍ଜନ ଦାସ, ପୂର୍ବତନ ସଭାପତି ତରୁଣ ତପନ ସ୍ୱାଇଁ,ବିଚିତ୍ରା ନନ୍ଦ ସ୍ୱାଇଁ, ପ୍ରତାପ ବିଶ୍ୱାଳ ଙ୍କ ସମେତ ପ୍ରତ୍ୟେକ ସଭ୍ୟ ମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ ।

ମା' ଶ୍ୟାମା କାଳୀଙ୍କ ପୂଜା ଉପଲକ୍ଷେ ବହୁ ଚର୍ଚ୍ଚିତ ପାରିବାରିକ ସାମାଜିକ ନାଟକ 'ଆସିଛି ଏକା ଯିବି ମୁଁ ଏକା"



ନୂଆଗାଁ (ମହାଭାରତ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ମହୀପୁର, ବାହାଡାଝୋଲା ଆଦି ସ୍ଥାନରେ ମା' ଶ୍ୟାମା କାଳୀଙ୍କ ପୂଜା ବହୁ ଆଡମ୍ବରରେ ପାଳିତ ହୋଇଥିବା ବେଳେ ନୂଆଗାଁ ସଦରମହକୁମାରେ ପ୍ରତି ବର୍ଷ ମା' ଶ୍ୟାମା କାଳୀଙ୍କ ପୂଜା ଉପଲକ୍ଷେ ନୂଆଗାଁ ବଣିକ ସଂଘ ଆନୁକୂଲ୍ୟରେ ଦାଶରଥି ନାଟ୍ୟ ସଂସଦ ତାର ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆସୁଥିଲା ବେଳେ କିନ୍ତୁ ଚଳିତ ବର୍ଷ ମଧ୍ୟ ଧୁମଧାମରେ ମା' ଶ୍ୟାମା କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବଣିକ ସଂଘ ତରଫରୁ ମା' ଙ୍କ ପୂଜା ହୋଇ ଆସୁଅଛି।ପାରମ୍ପରିକ ରୀତିନୀତି ଅନୁଯାୟୀ ମଧ୍ୟ ରାତ୍ରିରେ ପୂଜାର୍ଚ୍ଚନା ସାରି ନୂଆଗାଁ ବିରୂପାକ୍ଷେଶ୍ୱର ମନ୍ଦିର ନିକଟସ୍ଥ ପୁଷ୍କରିଣୀରୁ ଜଳଧରି ଶତାଧିକ ମାନସିକ ଧାରି କଳସ ମୁଣ୍ଡେଇ ପୂଜା ମଣ୍ଡପ ନିକଟକୁ ପହଞ୍ଚି କଳସ ସ୍ଥାପନ କରିଥିଲେ।ସେଠାରେ ବ୍ରାହ୍ମଣ ବେଦ ମନ୍ତ୍ର ପାଠ, ହୋମଯଜ୍ଞ କରି ମା' ଙ୍କ ପୂଜା ଆରମ୍ଭ କରିଥିଲେ।ସୋମବାର ଠାରୁ ବୁଧବାର ପର୍ଯ୍ୟନ୍ତ ତିନିଦିନ ଧରି ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମାନେ ମନ ଭରି ଉପଭୋଗ କରିଥିଲେ।ପ୍ରଯୋଜକ ହୃଦୟାନନ୍ଦ ଶାସମଲ ଏବଂ ନାଟ୍ୟ ନିର୍ଦ୍ଦେଶକ ଟୁଲୁ ଦାସ ଙ୍କ ନିର୍ଦ୍ଦେଶନାରେ ବୁଧବାର ତଥା ଦ୍ୱିତୀୟ ରଜନୀରେ ଦାଶରଥି ନାଟ୍ୟ ସଂସଦ ଦ୍ୱାରା ସ୍ଥାନୀୟ କଳାକାର ମାନଙ୍କୁ ନେଇ ମଞ୍ଚସ୍ଥ କରିଥିଲା ଦର୍ଶକ ଙ୍କ ମନକୁ ଛୁଇଁଲା ଭଳି ବହୁ ଚର୍ଚ୍ଚିତ ପାରିବାରିକ ସାମାଜିକ ନାଟକ 'ଆସିଛି ଏକ ଯିବି ମୁଁ ଏକା' । କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା,ନୟାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ,ପୂର୍ବତନ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ,ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲିପ କୁମାର ଦଳବେହେରା,ଢେଙ୍କେଣା ସରପଞ୍ଚ ତଥା ବ୍ଲକ ବିଜେଡ଼ି ସଭାପତି ଯୁଗଳ କିଶୋର ସାହୁ,ନୂଆଗାଁ ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ସମାଜସେବୀ ପ୍ରକାଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।ବିଭିନ୍ନ ଅଞ୍ଚଳରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକେ ସମାଗମ ହୋଇଥିଲେ।

ଅସ୍ତରଙ୍ଗ ମାଟିରେ ପୂଜା ପାଉଛନ୍ତି ମା ଶ୍ୟାମାକାଳୀ



ଅସ୍ତରଙ୍ଗ (ମହାଭାରତ) :ପାର୍ବଣ ରତୁ ରେ ମା ଦୁର୍ଗା ଙ୍କ ପରେ ଧରାବତାରଣ କଲେ ମା ଲକ୍ଷ୍ମୀ କିନ୍ତୁ ଏବେ ସହର ଠୁ ଗ୍ରାମ ପ୍ରତ୍ୟେକ ପୁର ପଲ୍ଲୀ ରେ ପୂଜା ପାଉଛନ୍ତି ମା ଶ୍ୟାମାକାଳୀ, କାର୍ତ୍ତିକ ମାସ ଅମାବାସ୍ୟା ତିଥି ରେ ମା ଙ୍କର କଳସ ଯାତ୍ରା କରାଯିବା ପରେ ଅଭିଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ମା ଙ୍କ ନିକଟରେ ସୂର୍ଯ୍ୟ ପୂଜା, କଳସ ସ୍ଥାପନ ପରେ ଘଟ ରେ ଜୀବନ୍ୟାସ ଓ ପରେ ମା ଙ୍କ ମୁଖ ଖୋଲା ଯାଇ ମା ଙ୍କୁ ଷୋଡଶ ଉପଚାର ପୂଜା ରେ ପୂଜା କରାଯାଇଛି, ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଗ୍ରାମ ରେ ପୂଜା ପାଉଛନ୍ତି ମା ବାରାହୀ ଭଗବତୀ । ଐତିହାସିକ ତଥ୍ୟ ରହିଛି ମା ଏଠି ରାଜା ଙ୍କ ସମୟ ରୁ ପୂଜା ପାଇ ଆସୁଛନ୍ତି ଯାହା ମାଦଳା ପାଞ୍ଜି ଅନୁସାରେ ମଧ ରହିଛି ବୋଲି କିଛି ଜ୍ଞାନୀ ଗୁଣି ପଣ୍ଡିତ ମାନେ କୁହନ୍ତି, ମା ଙ୍କ ନିକଟରେ ଅସ୍ତରଙ୍ଗ ଗ୍ରାମବାସୀ ଙ୍କ ତରଫରୁ ୧୮ବର୍ଷ ହେବ ମା ଶ୍ୟାମା କାଳୀ ଙ୍କ ପୂଜା କରାଯାଇଆସୁଛି, ଚଳିତ ବର୍ଷ ମା ଙ୍କ ନିକଟରେ ଶ୍ରଦ୍ଧା ର ସହ ଗ୍ରାମବାସୀ ମାନେ ମା ଙ୍କ ନିକଟରେ ଫଳମୂଳ ଠୁ ଆରମ୍ଭ କରି ନାନାଦି ଭୋଗ ଲଗାଇବା ସହ ମା ଙ୍କ ନିକଟରେ ଧୂପ ଦୀପ ଦେଇ ଆଶିଷ ଭିକ୍ଷା କରିଛନ୍ତି, ଅଭିଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ମା ଙ୍କ ନିକଟରେ ତିନି ଦିନ ଧରି ଚଣ୍ଡୀପାଠ, ବିଷ୍ଣୁ ବନ୍ଦନା, ସୂର୍ଯ୍ୟ ପୂଜା ଓ କାଳୀ ଚାଳିଶା ପାଠ ହେବା ସହ ଯଜ୍ଞ କୁଣ୍ଡ ରେ ଅହୋରାତ୍ର ଘୃତାହୃତି ପ୍ରଦାନ କରାଯାଉଛି, ଆଲୋକିତ ତୋରଣ କୁ ମା ଙ୍କ ମଣ୍ଡପ ଅତ୍ୟନ୍ତ ଶୋଭନୀୟ ହୋଇଥିବାବେଳେ ମନ୍ତ୍ର ଧୋନି ରେ ସମ୍ପୂର୍ଣ୍ଣ ପୂଜା ମଣ୍ଡପ ସହ ଅସ୍ତରଙ୍ଗ ଅଞ୍ଚଳ ରେ ପବିତ୍ର ବାତାବରଣ ସୃଷ୍ଟି ହୋଇଛି, ଛୋଟ ଠୁ ବୟସ୍କ ପ୍ରତ୍ୟେକ ଲୋକ ମା ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ମା ଙ୍କ ଆଶିଷ ଭିକ୍ଷା କରୁଛନ୍ତି, ଅସ୍ତରଙ୍ଗ ଅଞ୍ଚଳ ଏକ ଭାଇଚାରା ର ଅଞ୍ଚଳ, ଦଳଗତ ଜାତିଗତ ନିର୍ବିଶେଷରେ ପ୍ରତ୍ୟେକ ଲୋକ ଏଠି ପାର୍ବଣ ପୂଜା କୁ ମହାଆନନ୍ଦ ରେ ପାଳନ କରନ୍ତି, ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ପରେ ଏହି ଅସ୍ତରଙ୍ଗ ମାଟି ରେ ମା ଶ୍ୟାମାକାଳୀ ଙ୍କ ପୂଜା ଧୂମଧାମ ରେ ପାଳିତ ହୁଏ, ବାଜା, ଘଣ୍ଟ ଘଣ୍ଟି ଧୋନି ସହ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳ ରେ ପାର୍ବଣ ର ରତୁ ସମ୍ପୂର୍ଣ୍ଣ ନିଆରା ବୋଲି ବୁଦ୍ଧିଜୀବୀ ମାନେ ମତ ପରିପ୍ରକାଶ କରିଛନ୍ତି, ପାର୍ବଣ ରତୁ ରେ ଏହି ଅଞ୍ଚଳ ରେ ଭାଇଚାରା ର ସ୍ୱତନ୍ତ୍ର ଦୃଶ୍ୟ ସାମ୍ନାକୁ ଆସେ ତାହା ସହ ଏକ ପ୍ରକାର ଭାବମୟ ଆଧାତ୍ମିକ ପରିବେଶ ସୃଷ୍ଟି ହୁଏ,ଚଳିତ ପୂଜା ରେ ସୁବ୍ରତ ପରିଡା ଓ ତାଙ୍କ ଧର୍ମପତ୍ନୀ ମମତା ପରିଡା କର୍ତ୍ତା କର୍ତ୍ତୀ ଭାବେ ଥିବା ବେଳେ ସଭାପତି ହିମାଂଶୁ ନାୟକ ଙ୍କ ନେତୃତ୍ୱ ରେ ପ୍ରତ୍ୟେକ ସଭ୍ୟ ଶାନ୍ତିଶୃଙ୍ଖଳା ରେ ପୂଜା କାର୍ଯ୍ୟ କୁ ପରିଚାଳନା କରିଛନ୍ତି।

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୁକ୍ତ ଫେରାର

କରଞ୍ଜିଆ,(ମହାଭାରତ)ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଜଣେ ନଅ ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଏକ ଗମ୍ଭୀର ବିଷୟ ସାମ୍ନାକୁ ଆସିଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏନେଇ କେନ୍ଦୁଝର ଟାଉନ ଥାନାରେ ପ୍ରଥମେ ଅଭିଯୋଗ ହୋଇଥିଲା। ପରେ ଘଟଣାଟି ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଘଟିଥିବାରୁ ମାମଲାଟି ଠାକୁରମୁଣ୍ଡା ଥାନାକୁ ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ଠାକୁରମୁଣ୍ଡା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ଥାନା ଅଞ୍ଚଳର ଜଣେ ନଅ ବର୍ଷୀୟ ନାବାଳିକା କେନ୍ଦୁଝର ଜିଲ୍ଲାର ରାଇସୁଆଁ ଅଞ୍ଚଳର ଏକ ଘରୋଇ ଆବାସିକ ବିଦ୍ୟାଳୟରେ ରହି ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ। ଦଶହରା ଛୁଟି ଅବସରରେ ସେ ଘରକୁ ଆସିଥିଲେ।

ସେପଟେମ୍ବର ୧ ତାରିଖ ଦିନ ନାବାଳିକା ଘରେ ଏକୁଟିଆ ଥିବା ସମୟରେ ବାହାର ରାଜ୍ୟରୁ ଆସି ଗ୍ରାମରେ କାଠ କାଟିବା କାମ କରୁଥିବା କିଛି ବ୍ୟକ୍ତି ତାଙ୍କ ସହ ଯୌନ ନିର୍ଯାତନା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ନାବାଳିକାଙ୍କୁ ଭୟଭୀତ କରାଯାଇ ଏ ବିଷୟରେ କାହାରି କୁ ନଜଣାଇବାକୁ ଧମକ ଦିଆଯାଇଥିବା କୁହାଯାଉଛି। ଫଳରେ ନାବାଳିକା ଘରେ ଏହି ଘଟଣା ସମ୍ପର୍କରେ କାହାକୁ ଜଣାଇପାରିନଥିଲେ। ଦଶହରା ଛୁଟି ସମାପ୍ତ ହେବା ପରେ ଗତ ୬ ତାରିଖରେ ନାବାଳିକାଙ୍କ ପିତା ତାଙ୍କୁ ବିଦ୍ୟାଳୟରେ ଛାଡ଼ି ଆସିଥିଲେ। ତେବେ ପରଦିନ ଅର୍ଥାତ୍ ୭ ତାରିଖରେ ନାବାଳିକାଙ୍କ ଶାରୀରିକ ଅସୁସ୍ଥତା ଦେଖାଦେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା ସମୟରେ ନାବାଳିକାଙ୍କ ସହ ଯୌନ ନିର୍ଯାତନା ସମ୍ବନ୍ଧୀୟ ଘଟଣା ଘଟିଥିବା ଜଣାପଡ଼ିବା ପରେ ଏହା ଗୁରୁତର ରୂପ ନେଇଥିଲା। ଡାକ୍ତରଙ୍କ ପକ୍ଷରୁ ମେଡିକୋ-ଲିଗାଲ୍ କେସ୍ ସମ୍ବନ୍ଧୀୟ ସୂଚନା ଦିଆଯାଇଥିବା ଜଣାପଡ଼ିଛି। ପ୍ରାଥମିକ ଭାବେ ଜିରୋ ରୁଜୁ ହେବା ପରେ ଘଟଣାଟି ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଘଟିଥିବାରୁ ମାମଲାଟିକୁ ଠାକୁରମୁଣ୍ଡା ଥାନାକୁ ହସ୍ତାନ୍ତର କରାଯାଇଛି। ସେହି ଆଧାର ରେ ଠାକୁରମୁଣ୍ଡା ଥାନା ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏକ ନଅ ବର୍ଷର ଶିଶୁ ଏଭଳି ଅଭିଯୋଗର ଶିକାର ହେବା ଅତ୍ୟନ୍ତ ଦୁଃଖଦ ଘଟଣା। ଅଭିଯୁକ୍ତଙ୍କୁ ଶୀଘ୍ର ଚିହ୍ନଟ କରି ଆଇନ ଅନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରିବା ସହ ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କରିବା ଦାବି ହେଉଛି।

ଘରଉପରେ ବାଣପଡ଼ି ଜଳିଗଲା ୨ବଖରା ଘର
ଲକ୍ଷାଧିକ ଟଙ୍କାର ସମ୍ପତି ଜଳିପୋଡି ପାଉଁଶ

ଆଳି:(ମହାଭାରତ) : କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଦେମାଳ ଗାଁରେ ରବିବାର ବିଳମ୍ବିତ ରାତିରେ ଜଣଙ୍କ ଘର ଉପରେ ବାଣଝୁଲ ପଡ଼ି ୨ବଖରା ଚାଳଛପର ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି।ଘରେ ଥିବା ସମସ୍ତ ଆସବାବପତ୍ର ମଧ ନିଆଁରେ ଜଳି ପାଉଁଶ ହୋଇଯାଇଛି।ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଘଟଣାରୁ ପ୍ରକାଶ ଯେ ଗତକାଲି ରବିବାର ରାତିରେ ଦେମାଳ ଗାଁର ନାରାୟଣ ନାୟକଙ୍କ ପରିବାର ସଦସ୍ୟମାନେ ଦୀପାବଳୀ ଉତ୍ସବ ପାଳନ କରି ଖାଇପିଇ ସେମାନଙ୍କ ଘରେ ଶୋଇଥିଲେ। ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏ ସମୟରେ ହଠାତ୍ ଘର ଜଳୁଥିବାର ପଡୋଶୀ ଦେଖିବାକୁ ପାଇଥିଲେ।ପାଟିକରି ଡାକିବାରୁ ନାରାୟଣଙ୍କ ପରିବାର ଲୋକେ ଘରୁ ବାହାରି ଆସିଥିଲେ।ଗାଁ ଲୋକେ ଘରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ।କେହି କିଛି ବୁଝିବା ପୂର୍ବରୁ ଘରଟି ସମ୍ପୂର୍ଣ୍ଣ ଭାବରେ ଜଳିଯାଇଥିଲା।ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ଏବଂ ଘରୋଇ ସାମଗ୍ରୀ ସହିତ ରେଫ୍ରିଜରେଟର, ୱାସିଂ ମେସିନ୍, ଗ୍ୟାସ୍ ସିଲିଣ୍ଡର, ୱାଟର ଫିଲ୍ଟ, ରୋଷେଇ ସାମଗ୍ରୀ ପୋଡିଜଳି ନଷ୍ଟ ହୋଇଯାଇଛି। ଏଥିରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣ ଫୁଟାଇବା ଯୋଗୁଁ ବାଣଝୁଲ ପଡ଼ି ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଗାଁ ଲୋକମାନେ ତୁରନ୍ତ ନାରାୟଣଙ୍କ ପରିବାରକୁ ଡାକି ତାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀକୁ ମଧ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ବିଳମ୍ବରେ ପହଞ୍ଚିବା ଯୋଗୁଁ ବେଳକୁ ଦୁଇଟି ଚାଳ ଘର ଓ ଆସବାବପତ୍ର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ବୋଲି ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡ ପରେ ନାରାୟଣଙ୍କ ପରିବାର ଅସହାୟ ହୋଇପଡ଼ିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦେମାଳ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

ଭୀମଭୋଇ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ଠାରେ ବୁଧବାର ଦିନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଜାତୀୟ ଶିକ୍ଷା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏଥିରେ ରେଢ଼ାଖୋଲ ଅଧକ୍ଷ ପ୍ରଫେସର ଅମୂଲ୍ୟ କୃଷ୍ଣ ପାଢ଼ୀ ଏହି ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ସହିତ ରାଷ୍ଟ୍ର ନିର୍ମାଣ ଓ ସାମାଜିକ ପରିବର୍ତ୍ତନରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ପ୍ରାଧ୍ୟାପକ ଶ୍ରୀ ଅରୁଣ କୁମାର ଶାସନୀ ମଧ ଜାତୀୟ ଶିକ୍ଷା ଦିବସର ମହତ୍ତ୍ୱ ଉଲ୍ଲେଖ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଜ୍ଞାନ ଆହରଣ ଓ ଉତ୍କର୍ଷତା ହାସଲ ପାଇଁ ପ୍ରେରଣା ଦେଇଥିଲେ। ପ୍ରଫେସର ମମତା ମହାପାତ୍ର ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନ ଭାରତର ଶିକ୍ଷା ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ମୌଲାନା ଆଜାଦଙ୍କ ଅମୂଲ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଡ. ଭୋଜରାଜ, ଡ. ସରୋଜ ମହାନନ୍ଦ ଓ ଅଧ୍ୟାପିକା ରୋଜାଲିନ ସ୍ୱାଇଁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଶିକ୍ଷାର ଗୁରୁତ୍ୱ, ସମାଜ ଗଠନରେ ଶିକ୍ଷାର ଭୂମିକା ଏବଂ ଦେଶର ପ୍ରଗତିରେ ଶିକ୍ଷାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡ(ମହାଭାରତ): ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ଆଜି ଅପରାହ୍ନ ୩ ଘଟିକା ସମୟରେ ଗଜପତି ଜିଲ୍ଲାର ଉପଲଡ଼ାସ୍ଥିତ ଟି.ଏମ୍. ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଜପତି ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଜାତୀୟ ଆଇନ ସେବା ଦିବସର ମହତ୍ତ୍ୱ, ମାଗଣା ଆଇନ ସହାୟତାର ଆବଶ୍ୟକତା ତଥା ଶିଶୁ ଶ୍ରମିକ ପ୍ରଥାର ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିଶୁ ଶ୍ରମିକ ପ୍ରଥା ଉପରେ ଏକ ହୃଦୟସ୍ପର୍ଶୀ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା। ଏଥିସହିତ ଏହି ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସାଧାରଣ ଜନତାଙ୍କ ମଧ୍ୟରେ ଆଇନ ସେବା ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଜନସାଧାରଣଙ୍କ ଅଂଶଗ୍ରହଣରେ ଏକ ସଚେତନତା ଶୋଭାଯାତ୍ରା ମଧ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି, ଜିଲ୍ଲା ଦୌରାଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଜପତି; ଶ୍ରୀ ବିମଳ ରାଉଳ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଜପତି; ଶ୍ରୀ ସତ୍ୟବ୍ରତ ରଣା, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ, ଗଜପତି; ଶ୍ରୀ ରାଜେଶ କୁମାର ମିଶ୍ର, ସରକାରୀ ଓକିଲ, ଜିଲ୍ଲା ଅଦାଲତ, ଗଜପତି; ଶ୍ରୀ ୱାଇ. ଧର୍ମା ରାଓ, ପ୍ରଧାନ ଶିକ୍ଷକ, ଟି.ଏମ୍. ଉଚ୍ଚ ବିଦ୍ୟାଳୟ, ଉପଲଡ଼ା; ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ, ସମାଜସେବୀ, ପାରଳାଖେମୁଣ୍ଡି ଏବଂ ଶ୍ରୀ ମଣ୍ଡଳ ଲୋକନାଥମ୍, ଆଇନଜୀବୀ, ପାରଳାଖେମୁଣ୍ଡି ବାର୍ ଆସୋସିଏସନ୍ ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ଆଇନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଆଇନ ସେବାର ସୁଯୋଗ ସମସ୍ତଙ୍କ ନିକଟରେ ପହଞ୍ଚାଇବା ସହିତ ଶିଶୁ ଶ୍ରମିକ ପ୍ରଥା ଭଳି ସାମାଜିକ କୁପ୍ରଥାର ମୂଳୋତ୍ପାଟନ ଏବଂ ଏକ ନ୍ୟାୟଭିତ୍ତିକ ସମାଜ ଗଠନ ଦିଗରେ ସାମୂହିକ ଉଦ୍ୟମର ଆହ୍ୱାନ ଦିଆଯାଇଥିଲା।

ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ୨ ଛାତ୍ରୀ ପାଇଲେ ସ୍ୱର୍ଣ୍ଣ ପଦକ



ଓଡ଼ଗାଁ,(ମହଭାରତ): ରାଜ୍ୟସ୍ତରୀୟ ଶିବିର 'ଚେତନା 'ରେ ଓଡଗାଁ ବ୍ଲକ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ୨ଛାତ୍ରୀ ଆଲିଶା ପ୍ରିୟଦର୍ଶିନୀ ବେହେରା ଓ ସଂଧ୍ୟାରାଣୀ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ଭୁବନେଶ୍ୱରରେ ଥିବା ଓଡିଶା ଭାରତ ସ୍କାଉଟ ଗାଇଡ଼ର ମୁଖ୍ୟ କାର୍ଯ୍ୟାଳୟରେ ନଭେମ୍ବର ୧୦ରୁ ୧୪ ଯାଏଁ ଅନୁଷ୍ଠିତ ହେଉଥିବା ଚେତନା ଶିବିରରେ ଆଜି ଅନୁଷ୍ଠିତ ଅଦରକାରୀ ଜିନିଷରୁ ସୁନ୍ଦର ବସ୍ତୁ ତିଆରି ପ୍ରତିଯୋଗିତାରେ ପଲିଥିନ ପ୍ରତିବଦଳେ କାଗଜରେ ପ୍ରସ୍ତୁତ ତଥା ଟିସୁ କାଗଜରେ ତିଆରି ଫୁଲ ବୁକେ, କାଗଜ କପରେ ପ୍ରସ୍ତୁତ ଗୃହସଜ୍ଜା ଉପକରଣ,ଅଠାରେ ଝରଣା ଓ ଟେବଲ ଲ୍ୟାମ୍ପ,ଭଙ୍ଗା ଡବାରେ ପେନ ଷ୍ଟାଣ୍ଡ,ଛୋଟ ଆଇନାରେ ପ୍ରସ୍ତୁତ ପ୍ରଭୁ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କ ଛବି ଭଳି ୩୫ଟି ଉପକରଣ ପ୍ରସ୍ତୁତ କରି ଅନୁଷ୍ଠାନର ମୁଖ୍ୟ କମିଶନର ଡ଼ଃ କାଳିପ୍ରସାଦ ମିଶ୍ରଙ୍କ ଠାରୁ ଏହି ପୁରସ୍କାର ପାଇଥିଲେ।ଖାଲି ସେତିକି ନୁହେଁ ମାତ୍ର ୧୪ ବର୍ଷ ବୟସରେ ୧୪ରୁ ଅଧିକ ନିଜେ ଲେଖିଥିବା କବିତା ମଧ୍ୟରୁ ଭାରତ ସ୍କାଉଟ ଗାଇଡ଼ ଅନୁଷ୍ଠାନର ବିଭିନ୍ନ ସେବାମୂଳକ କାର୍ଯ୍ୟାବଳିକୁ ଛାତ୍ରୀ ଆଲିଶା ସର୍ବ ସମ୍ମୁଖରେ ଗାଇ ଶ୍ରୀମିଶ୍ରଙ୍କ ଦ୍ୱାରା ବହୁ ପ୍ରଶଂସିତ ହୋଇଥିଲେ।ସ୍ୱର୍ଣ୍ଣପଦକ ହାସଲପରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ,ସନ୍ତୋଷ କୁମାର ସାହୁ ଓ ରାଧାମୋହନ ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସେନାପତି ୨ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନୂଆ ପଞ୍ଜୀକରଣ

କଟକ(ମହାଭାରତ): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି । ଏହି ଯୋଜନାରେ ପୂର୍ବରୁ ସାମିଲ ହୋଇନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନେ ନିଜର ଆବେଦନଅନ୍ ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ । ଏଥିନିମନ୍ତେ ବିଭାଗ ପକ୍ଷରୁ ନଭେମ୍ବର ୯ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ପୋର୍ଟାଲ ଖୋଲା ରହିବ । ଆବେଦନ କରିବାକୁ ଇଚ୍ଛୁକ ସାମ୍ବାଦିକମାନେ ବିଭାଗର ନିର୍ଦ୍ଧାରିତ ନିୟମାବଳୀ ଓ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସହ ଅନଲାଇନରେ ଆବେଦନ କରିବେ। କଟକ ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବାକୁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି । ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସେମାନଙ୍କ ପରିବାରକୁ ଚିକିତ୍ସା ଜନିତ ଆର୍ଥିକ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ପଦକ୍ଷେପ ।

ଜାତୀୟ ଆଇନ ସେବା ଦିବସ ପାଳିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ତାଲୁକ ଆଇନୀ ସେବା କମିଟି ପକ୍ଷରୁ ଜାତୀୟ ଆଇନୀ ସେବା ଦିବସ ପାଳିତ ହୋଇ ଯାଇଛି । ତାଲୁକ ଆଇନୀ ସେବା କମିଟି ଅଧ୍ୟକ୍ଷା ତଥା ଜେଏମଏଫସି ଶ୍ରୀମତୀ ଦେବମାଳିନୀ ଐଶ୍ୱରୟା ଙ୍କ ଅଧ୍ୟକ୍ଷତା ରେ ସ୍ଥାନୀୟ ସରିଗଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷା ତଥା ଜେଏମଏଫସି ଙ୍କ ସହ ଆଇନଜୀବୀ ଦିଲୀପ କୁମାର ପଣ୍ଡା, ଆଲୋକ ସେନାପତି ଓ ବେଣୁଧର ନାଏକ ଯୋଗ ଦେଇ ଜାତୀୟ ଆଇନ ସେବା ଦିବସ ସମ୍ପର୍କ ରେ ବର୍ଣନା କରିବା ସହ ଜନସାଧାରଣ ଙ୍କୁ ଆଇନୀ ସେବା ପ୍ରାଧିକରଣ ପକ୍ଷରୁ ଦିଆଯାଉଥିବା ଆଇନୀ ସେବା ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ପାରାଲିଗାଲ ଭଲେଣ୍ଟିୟର ସୀମା ପ୍ରଧାନ,ସୌଦାମିନୀ ପ୍ରଧାନ ଙ୍କ ସହ ସରିଗଣ୍ଡା ଗ୍ରାମର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ ।

ମୋଦି କ୍ୟାବିନେଟରେ ବଡ଼ ନିଷ୍ପତ୍ତି

ମେଟ୍ରୋ ରେଳ ପ୍ରକଳ୍ପର ପ୍ରସାରକୁ ମଞ୍ଜୁରୀ ପ୍ରଦାନ

ନୂଆଦିଲ୍ଲୀ,୧୧।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର (ନଭେମ୍ବର ୧୧, ୨୦୨୬) ଦିନ କେନ୍ଦ୍ର କ୍ୟାବିନେଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ଟି ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଥିରେ ପ୍ରଥମ ବଡ଼ ନିଷ୍ପତ୍ତି ହେଉଛି ନର୍ଥ ଏବଂ ସାଉଥ ବ୍ଲକର କୋଠାଗୁଡ଼ିକର ଉପଯୁକ୍ତ ବ୍ୟବହାର କରି 'ଯୁଗେ ଯୁଗୀନ ଭାରତ ସଂଗ୍ରହାଳୟ'ର ବିକାଶ ପାଇଁ ୩,୨୩୦ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି। ଏହା ଜରିଆରେ ଭାରତର ସାଂସ୍କୃତିକ ବୈଚିତ୍ର୍ୟକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯିବ।



ଦ୍ୱିତୀୟ ନିଷ୍ପତ୍ତିରେ ମନ୍ତ୍ରିମଣ୍ଡଳ ନୋଏଡ଼ାର ସେକ୍ଟର-୫୧ ରୁ ଗ୍ରେଟର ନୋଏଡ଼ାର ସେକ୍ଟର-୪ ପର୍ଯ୍ୟନ୍ତ ୨,୩୯୦ କୋଟି ଟଙ୍କା ବ୍ୟୟରେ ପ୍ରାୟ ୮.୫ କିଲୋମିଟର ଲମ୍ବା ମେଟ୍ରୋ ରେଳ ପ୍ରକଳ୍ପର ପ୍ରସାରକୁ ମଞ୍ଜୁରୀ ପ୍ରଦାନ କରିଛି।

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ତୃତୀୟ ନିଷ୍ପତ୍ତି କୃଷକମାନଙ୍କ କଲ୍ୟାଣ ନିମନ୍ତେ ନିଆଯାଇଛି, ଯେଉଁଥିରେ ରବି ସିଜିନରେ ସାର (ଫର୍ଟିଲାଇଜର) ସବ୍ସିଡି ପାଇଁ ୬୨,୩୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଚତୁର୍ଥ ନିଷ୍ପତ୍ତିରେ ମନ୍ତ୍ରିମଣ୍ଡଳ ମୁଦ୍ରା ଯୋଜନା ଅଧୀନରେ ଅତି କ୍ଷୁଦ୍ର ଏକକ (କ୍ଷସମକ୍ସକ୍ସ କଭସପ୍ସଷ) ଗୁଡ଼ିକ ପାଇଁ କ୍ରେଡିଟ ଗ୍ୟାରେଣ୍ଟି ପାଣ୍ଠିକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରଖିବାକୁ ମଞ୍ଜୁରୀ ଦେଇଛି, ଯେଉଁଥିପାଇଁ ସରକାର ୫,୦୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ କରିଛନ୍ତି ଏବଂ ପଞ୍ଚମ ନିଷ୍ପତ୍ତିରେ ଷ୍ଟାଣ୍ଡ-ଅପ ଇଣ୍ଡିଆ ଯୋଜନା ମାଧ୍ୟମରେ ଯେଉଁ ଏସସି-ଏସଟି ଏବଂ ମହିଳାମାନେ ଉଦ୍ୟମୀ ହେବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ୪,୧୧୧ କୋଟି ଟଙ୍କାର କ୍ରେଡିଟ ଗ୍ୟାରେଣ୍ଟି ପାଣ୍ଠିକୁ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରଖିବାର ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ବୁଧବାର (ନଭେମ୍ବର ୧୧, ୨୦୨୬) ଦିନ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର ସୂଚନା ସାମ୍ନା ଖୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ଯୁଗେ ଯୁଗୀନ ଭାରତ ମ୍ୟୁଜିୟମ, ନର୍ଥ ଏବଂ ସାଉଥ ବ୍ଲକରେ ଯେଉଁ ସ୍ଥାନଗୁଡ଼ିକ ଖାଲି ହୋଇଯାଇଛି ଏବଂ କର୍ତ୍ତବ୍ୟ ଭବନ କିମ୍ବା ସେବା ତୀର୍ଥକୁ ସ୍ଥାନାନ୍ତରିତ ହୋଇସାରିଛି, ସେଠାରେ ଭାରତର ପରମ୍ପରା ଏବଂ ସଂସ୍କୃତିକୁ ନେଇ ସମଗ୍ର ଦେଶର ଯେଉଁ ସଭ୍ୟତାଗତ ଯାତ୍ରା ରହିଛି, ତାହାକୁ ଏକ ସୁନ୍ଦର ଉପାୟରେ ପ୍ରଦର୍ଶିତ କରାଯିବ।' ସେ ଆହୁରି ମଧ୍ୟ କହିଛନ୍ତି, 'ଯଦି ଆମେ ବିଶ୍ୱର ସବୁଠାରୁ ବଡ଼ ସଂଗ୍ରହାଳୟଗୁଡ଼ିକର ତୁଳନା କରିବା, ତେବେ ସେଥିରେ ସବୁଠାରୁ ବଡ଼ ହେଉଛି ଲୁଭର ମ୍ୟୁଜିୟମ (ଖକ୍ସଙ୍କଝକ୍ସର ଗଙ୍କସ୍ୱରଙ୍କଝ), ଯାହାକି ୭୩,୦୦୦ ବର୍ଗ ମିଟର ଅଞ୍ଚଳରେ ବିସ୍ତାରିତ। ଦ୍ୱିତୀୟଟି ହେଉଛି ବ୍ରିଟିଶ ମ୍ୟୁଜିୟମ, ଯାହା ୭୦ ହଜାର ବର୍ଗ ମିଟର ଏବଂ ହର୍ମିଟେଜ (ଐରକ୍ସଙ୍କସପ୍ସବଶର) ୬୬,୮୦୦ ବର୍ଗ ମିଟର ଅଞ୍ଚଳରେ ବିସ୍ତାରିତ, କିନ୍ତୁ ଭାରତରେ ଯେଉଁ 'ଯୁଗେ ଯୁଗୀନ' ସଂଗ୍ରହାଳୟ ନିର୍ମାଣ ହେବାକୁ ଯାଉଛି, ତାହା ୧ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମାଣ କରାଯିବ।'

ବିଷାକ୍ତ ବାୟୁରେ ଅଣନିଃଶ୍ୱାସୀ ଦିଲ୍ଲୀ

- ପ୍ରଦୂଷଣ କମାଇବାକୁ ପ୍ରଶାସନର ପଦକ୍ଷେପ
- ରାସ୍ତାକୁ ଓହ୍ଲାଇଲା ଆଣ୍ଟି-ସ୍ମଗ୍ ଗାଡ଼ି
- ବାୟୁ ପ୍ରଦୂଷଣ ରୋକିବାକୁ ଜଳ ସିଞ୍ଚନ
- ସକାଳେ ଦିଲ୍ଲୀରେ ଇଛଓ ୨୯୯ ରେକର୍ଡ

ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି ଦିଲ୍ଲୀ ବାସିନ୍ଦା। ସକାଳ ୬ଟାରେ ଦିଲ୍ଲୀର ଇଛଓ ୨୯୯ ରେକର୍ଡ ହୋଇଥିବାବେଳେ ନୋଏଡାରେ ୨୭୬ ଏବଂ ଗୁରୁଗ୍ରାମରେ ୨୯୫ ରହିଛି। ଦିଲ୍ଲୀର ଆନନ୍ଦ ବିହାର ଅଞ୍ଚଳରେ ଇଛଓ ୩୦୩ ଛୁଇଁଛି।

ନୂଆଦିଲ୍ଲୀ,୧୧।୧୧: ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ବୁଲିଲା ଆଣ୍ଟି-ସ୍ମଗ୍ ଭେଇକିଲ୍। ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ହ୍ରାସ କରିବା ଲାଗି ପ୍ରଶାସନ ପକ୍ଷରୁ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ୍ ପକ୍ଷରୁ ଆଣ୍ଟି-ସ୍ମଗ୍ ଭେଇକିଲ୍ ମାଧ୍ୟମରେ ପାଣି ସିଞ୍ଚନ କରାଯାଉଛି। ଦିଲ୍ଲୀର ୧୦ ଜନପଥ ଏବଂ ୧୧ ମୂର୍ତ୍ତି ଅଞ୍ଚଳରେ ଆଣ୍ଟି-ସ୍ମଗ୍ ଗନ୍ ଦ୍ୱାରା ପାଣି ସ୍ପ୍ରେ କରାଯାଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ସେହିପରି ଇଓଓଗଝ ନିକଟସ୍ଥ ରିଙ୍ଗ୍ ରୋଡ୍‌ରେ ମଧ୍ୟ ଆଣ୍ଟି-ସ୍ମଗ୍ ଗନ୍ ଜରିଆରେ ପାଣି ସିଞ୍ଚନ କରାଯାଉଛି। ବାୟୁମଣ୍ଡଳରେ ଧୂଳିକଣା ଓ ପ୍ରଦୂଷଣର ମାତ୍ରା କମାଇବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରାଯାଇଛି। ଦିଲ୍ଲୀର ବାୟୁର ଗୁଣବତ୍ତାରେ ସୁଧାର ଆଣିବା ପାଇଁ ପ୍ରଶାସନ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଆଜି ସକାଳୁ ସକାଳୁ ବିଷାକ୍ତ ବାୟୁରେ ଅନ୍ୟପଟେ ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ-ଘଉଜରେ ଲାଗୁ ହୋଇଛି ଏଜଇଚ-୩ କଟକଣା। ନିର୍ମାଣ କାର୍ଯ୍ୟଠାରୁ ଆରମ୍ଭ କରି ଯାନବାହନ ଚଳାଚଳ ଉପରେ ରହିଛି ବିଭିନ୍ନ କଟକଣା।



ଏୟାର ଇଣ୍ଡିଆ ବିମାନକୁ ହାଇଜାକ ଧମକ

ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୧୧।୧୧: ଟେକ ଅଫ ପୂର୍ବରୁ ଏୟାର ଇଣ୍ଡିଆ ବିମାନକୁ ହାଇଜାକ ଧମକ। କୋଲକାତାରୁ ମୁମ୍ବାଇକୁ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ଏୟାର ଇଣ୍ଡିଆ ବିମାନ ଭିତରୁ ମିଳିଛି ହାଇଜାକ ଲେଖାଥିବା ଗୋଟିଏ କାଗଜ। ଏହା ମିଳିବା ପରେ ପାଇଲଟ ତତ୍କାଳ ଏୟାର ଟ୍ରାଫିକ କଣ୍ଟ୍ରୋଲ ବା ଏଟିସିକୁ କରିଛନ୍ତି ଅବଗତ। ସୁରକ୍ଷା ଦୃଷ୍ଟିରୁ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ଏଥିସହ ଏହାକୁ ଗୋଟିଏ ଏକାନ୍ତ ସ୍ଥାନରେ ରଖି ଯାଞ୍ଚ କରାଯାଇଛି। ବିମାନ ମଧ୍ୟରେ ଥିବା ସମସ୍ତ ଯାତ୍ରୀଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ହାଇଜାକ ଆଲର୍ଟ ଯୋଗୁ ବିମାନବନ୍ଦରରେ ମଧ୍ୟ ହଇଚଇ ଦେଖିବାକୁ ମିଳିଛି। ଆଜି ସକାଳ ୧୦.୨୦ରେ ଏୟାର ଇଣ୍ଡିଆର ଏଆଇ ୭୭୨ ବିମାନ କୋଲାକତାରୁ ମୁମ୍ବାଇ ଅଭିମୁଖେ ଉଡ଼ାଣ କରିବାର ଥିଲା। ବିମାନରେ ୯୩ ଜଣ ଯାତ୍ରୀଙ୍କୁ ମିଶାଇ ମୋଟ ୧୦୫ ଜଣ। ବିମାନଟି ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଟଏଲେଟ ଭିତରୁ ମିଳିଥିଲା ଗୋଟିଏ କାଗଜ ଖଣ୍ଡ। ବିମାନକୁ ୧୧.୧୦ରେ ଅପହରଣ କରାଯିବ ବୋଲି ଏଥିରେ ଲେଖାଯାଇଥିବା ଦେଖି ସମସ୍ତେ ଚକିତ ହୋଇଯାଇଥିଲେ। ପାଇଲଟଙ୍କ ପାଖରେ ଏହି ଖବର ପହଞ୍ଚିବା ମାତ୍ରେ ସେ ତୁରନ୍ତ ଏସମ୍ପର୍କରେ ଏଟିସିକୁ ଖବର ଦେଇଥିଲେ। ଖବର ମିଳିବା ମାତ୍ରେ ଉଡ଼ାଣ ପାଇଁ ଏଟିସି ପକ୍ଷରୁ ଅନୁମତି ଦିଆଯାଇ ନଥିଲା। ପ୍ରଥମେ ବିମାନରେ ଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣା ଯାଇଥିଲା। ଏହାପରେ ବିମାନକୁ ଆଇସୋଲେସନ ବେ'କୁ ନେଇ ଯାଞ୍ଚ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସମ୍ଭାବ୍ୟ ହାଇଜାକ ସମ୍ପର୍କରେ କୌଣସି ବି ପ୍ରମାଣ ମିଳିନାହିଁ। ତଥାପି ସୁରକ୍ଷା ଦୃଷ୍ଟିରୁ ବିମାନ ବନ୍ଦରରେ ଆଲର୍ଟ ଜାରି କରାଯାଇଛି। ବିମାନ ଉଡ଼ାଣ ମଧ୍ୟ ସ୍ଥଗିତ ରହିଛି। ସୁରକ୍ଷା ଓ ବିମାନବନ୍ଦର କର୍ତ୍ତୃପକ୍ଷ ଘଟଣାର ଯାଞ୍ଚ କରୁଛନ୍ତି। ହେଲେ ଏଯାଏ କେଉଁ ପରିସ୍ଥିତିରେ ହାଇଜାକ ଲେଖାଥିବା ପେପର ସ୍ଲିପ୍ ବିମାନକୁ ଆସିଲା ଓ ଏହା ପଛରେ କୌଣସି ଯାତ୍ରୀ ରହିଛନ୍ତି କି ନାହିଁ, ସେକଥା ଜଣାପଡ଼ିନାହିଁ।



ନୂଆ ଭାରିଆଣ୍ଟକୁ ନେଇ ବଢ଼ିଲା ଚିନ୍ତା

୨୦ରୁ ଅଧିକ ଦେଶରେ ବ୍ୟାପିଲା

ନୂଆଦିଲ୍ଲୀ,୧୧।୧୧: ପୁଣି ଫେରିଲା କରୋନା ଭୟ । ନୂଆ ଭାରିଆଣ୍ଟକୁ ନେଇ ବଢ଼ିଲା ଚିନ୍ତା । କେତେ ମାରାତ୍ମକ ନୂଆ ଭାରିଆଣ୍ଟ । ଟିକା ପ୍ରଭାବହୀନ ହେବ କି ? କରୋନାର ନୂଆ ଭାରିଆଣ୍ଟ ମିଳିଛି । ଏହି ଭାରିଆଣ୍ଟର ନାମ ହେଉଛି ପିଜେ ୨.୧ । ଏହି ଭାରିଆଣ୍ଟ ପ୍ରଥମେ ମେ ୨୦୨୬ ରେ କାନାଡାର ଅନଟାରିଓରେ ଚିହ୍ନଟ ହୋଇଥିଲା । ଏହା ପରେ ଏହା ଅନେକ ଦେଶରେ ଦେଖିବାକୁ ମିଳିଛି । ଉତ୍ତର ଆମେରିକା, ୟୁରୋପ, ଏସିଆ ଏବଂ ଓସେନିଆର କିଛି ଅଂଶରେ ଏହି ଭାରିଆଣ୍ଟ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ପ୍ରାୟ ୨୦ ଦେଶରେ ନୂଆ ଭାରିଆଣ୍ଟ ମାଡି ମାଡ଼ି ଚାଲିଛି । ମାନବ କୋଷରେ ଏହାର ଅନୁପ୍ରବେଶ ଏବଂ ଆଣ୍ଟିବଡି ପ୍ରତି ଏହାର ପ୍ରତିକ୍ରିୟାକୁ ନେଇ ବିଶେଷଜ୍ଞମାନେ ଚିନ୍ତିତ ଅଛନ୍ତି ।



ଅକ୍ଟୋବର ୨୦୨୬ରେ, ଏହା ସହ ଜଡିତ ଅନୁସନ୍ଧାନ ଜର୍ଣ୍ଣାଲ୍ ଅଫ୍ ଇନଫେକ୍ସନରେ ପ୍ରକାଶିତ ହୋଇଥିଲା । ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ଚଓ୨.୧ ର ରିସେପ୍ଟର ୫୨ ସହିତ ବାନ୍ଧିବାର କ୍ଷମତା ବୃଦ୍ଧି ପାଇପାରେ, ଯାହା କରୋନାଭାଇରସ୍ କୁ ମାନବ କୋଷରେ ପ୍ରବେଶ କରିବାରେ ସାହାଯ୍ୟ କରେ । ତଥାପି, ଏହି ଅନୁସନ୍ଧାନରେ ଅନ୍ୟ ଭାରିଆଣ୍ଟ ତୁଳନାରେ ଟିକା ନିର୍ମିତ ଆଣ୍ଟିବଡି ପ୍ରତିରୋଧର ପ୍ରମାଣ ମିଳିଲା ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚାଇ ଦେଇଛି ଯେ, କୋଭିଡ୍-୧୯ ର ଲକ୍ଷଣ ଫ୍ଲୁ ଏବଂ ଅନ୍ୟାନ୍ୟ ଶ୍ୱାସକ୍ରିୟା ସଂକ୍ରମଣ ସହିତ ସମାନ ହୋଇପାରେ । ଏହା କେବଳ ଲକ୍ଷଣ ଉପରେ ଆଧାର କରି ରୋଗର କାରଣ ଚିହ୍ନଟ କରିବା କଷ୍ଟକର କରିଥାଏ । ଗବେଷଣାରୁ କ'ଣ ଜଣାପଡ଼ିଛି- ଚଓ୍.୨.୧ ଝଇଜଝ-ଉକ୍ଟଠ-୨ ସହିତ ଜଡିତ । ଏହି ଭୂତାଣୁ ହିଁ କୋଭିଡ୍-୧୯ ସୃଷ୍ଟି କରେ । ଗବେଷକମାନେ ଏହାକୁ ଏକ ସଲେଟେସନ୍ ଭାରିଆଣ୍ଟ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଏକ ଭୂତାଣୁ ପାଇଁ ବ୍ୟବହୃତ ଏକ ଶବ୍ଦ ଯାହା ଧୀରେ ଧୀରେ ପରିବର୍ତ୍ତନ ହାସଲ କରିବା ପରିବର୍ତ୍ତେ ଅପେକ୍ଷାକୃତ ଅଧିକ ସଂଖ୍ୟକ ଜିନ୍ ପରିବର୍ତ୍ତନ ସହିତ ଉତ୍ପନ୍ନ ହୁଏ ।

ଟ୍ରେନ୍ ଦୁର୍ଘଟଣା: ୫ ବଗି ଲାଇନଚ୍ୟୁତ

ନୂଆଦିଲ୍ଲୀ,୧୧।୧୧: କୋଲକାତାରୁ ମିଜୋରାମ ଯାଉଥିବା ଏକ ଯାତ୍ରୀବାହୀ ରେଳଗାଡ଼ିର ପାଞ୍ଚଟି ବଗି ଆଜି ସକାଳେ ଆସାମରେ ଲାଇନଚ୍ୟୁତ ହୋଇଛି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ମାତ୍ର କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରେନର ନାଁ କୋଲକାତା-ସାଇରାଙ୍ଗ ଏକ୍ସପ୍ରେସ। ଆଜି ସକାଳ ୬:୫୪ ମିନିଟ୍‌ରେ ଆସାମର ଦିଗାରୁ ରେଳଷ୍ଟାସନ ନିକଟରେ ଏହାର ୫ ବଗି ଲାଇନଚ୍ୟୁତ ହୋଇଥିଲା। ରେଳବାଇ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଏହି ଏକ୍ସପ୍ରେସ ଟ୍ରେନ ଅନ୍ୟ ଏକ ଟ୍ରେନ୍‌କୁ ଯିବା ପାଇଁ ବାଟ ଛାଡ଼ିବାକୁ ଚେଷ୍ଟା କରୁଥିବାବେଳେ ଲୋକୋ ପାଇଲଟ୍ ଏହାର ଗତିକୁ ନିୟନ୍ତ୍ରଣ କରିପାରି ନଥିଲେ। ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଯାତ୍ରୀମାନଙ୍କୁ ଏକ ବିକଳ୍ପ ଟ୍ରେନ୍‌ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନିଆଯାଉଛି ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ସେହିପରି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ରେଳ ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

ଭଉଣୀକୁ ବଞ୍ଚାଇବାକୁ ଡେଇଁଲେ ୩ ଭାଇ

ଜଳାଶୟରେ ବୁଡ଼ି ୪ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୧।୧୧: ଅସାବଧାନତାରୁ ଘଟିଲା ଭୟଙ୍କର ଅଘଟଣ। ପାଣି ଆଣିବାକୁ ଯାଇ ଜଳାଶୟରେ ଖସିପଡ଼ିଲା ୧୪ ବର୍ଷୀୟା ନାବାଳିକା। ଭଉଣୀକୁ ବଞ୍ଚାଇବା ପାଇଁ ଜଣକ ପରେ ଜଣେ ଜଳାଶୟ ଭିତରକୁ ଡେଇଁପଡ଼ିଲେ ଦୁଇ ଭାଇ ଓ ଜଣେ ସମ୍ପର୍କୀୟ ଭାଇ। ହେଲେ ଉଦ୍ଧାର କରିବାକୁ ଯାଇ ନିଜେ ମୃତ୍ୟୁର ଫାଶରେ ପଡ଼ିଗଲେ। ଶେଷରେ ଗୋଟିଏ ପରିବାରର ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଏଭଳି ହୃଦୟବିଦାରକ ଘଟଣା ରାଜସ୍ଥାନର ବିକାନେର ଜିଲ୍ଲାରେ ଘଟିଛି। ସୂଚନା ଅନୁସାରେ, ବୁଧବାର ଦିନ ପ୍ରାୟ ୧୨ଟା ୧୫ ମିନିଟ୍ ସମୟରେ ଛତରଗଡ଼ ଥାନା ଅନ୍ତର୍ଗତ ଚକ୍ ୯ ଇଡଗ ଅଞ୍ଚଳରେ ଏହି ଅଘଟଣ ଘଟିଥିଲା। ନିକଟସ୍ଥ ଏକ ଗାଁରେ ରହୁଥିବା ୧୪ ବର୍ଷୀୟା ଝିଅଟି ଘର କାମ ପାଇଁ ପାଣି ଆଣିବାକୁ ଚାଷ ଜମିରେ ଥିବା ଜଳାଶୟ ନିକଟକୁ ଯାଇଥିଲା। ପାଣି ଆଣୁଥିବା ସମୟରେ ହଠାତ୍ ତା'ର ଗୋଡ଼ ଖସିଯିବାରୁ ସେ ଜଳାଶୟ ଭିତରେ ପଡ଼ିଯାଇଥିଲା।

ରାଷ୍ଟ୍ରପତିଙ୍କ ବଡିଗାର୍ଡଙ୍କୁ ଗୁଳିମାଡ଼

__ନୂଆଦିଲ୍ଲୀ,୧୧।୧୧:__ ଦୀପାବଳିରେ ବାଣ ଫୁଟାକୁ ନେଇ ଆରମ୍ଭ ହୋଇଥିବା ବଚସା ଉଗ୍ର ରୂପ ନେଇଛି। ଉତ୍ତରପ୍ରଦେଶର ବାଗପତ୍ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ବଡିଗାର୍ଡ ଭାବେ ନିଯୁକ୍ତ ଜଣେ ଯବାନଙ୍କ ମୁଣ୍ଡକୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ରେ ଗୁରୁତର ଆହତ ଯବାନଙ୍କ ନାମ ସୌରଭ ତୋମାର। ତାଙ୍କୁ ମିରଟର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଏବେ ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଦୀପାବଳି ରାତିରେ ସୌରଭ ନିଜ ଭାଇ ବିନୀତ ଓ ମିଣ୍ଟୁଙ୍କ ସହ ଘର ବାହାରେ ବାଣ ଫୁଟାଉଥିଲେ। ଏହି ସମୟରେ ଗାଁର ଧୀରଜ ଓ ତାଙ୍କ ଭାଇ ମୋନୁ ଓରଫ ପ୍ରବୀଣଙ୍କ ସହ ସେମାନଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ଦେଖୁ ଦେଖୁ ଏହି ବଚସା ଉଗ୍ର ରୂପ ନେଇଥିଲା। ଅଭିଯୋଗ ଅନୁଯାୟୀ, ଧୀରଜ ଏକ ଦେଶୀ ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଗୁଳିଟି ପ୍ରଥମେ ଏକ କାନ୍ଥରେ ବାଜିବା ପରେ ସୌରଭଙ୍କ କାନ ପଛପଟେ ମୁଣ୍ଡରେ ବାଜିଥିଲା। ଏହା ପରେ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଧୀରଜଙ୍କ ଭାଇ ମୋନୁ ଏକ ଠେଙ୍ଗା ଧରି ଆସି ବିନୀତଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମିଣ୍ଟୁ ମଧ୍ୟ ଠେଙ୍ଗାରେ ମୋନୁଙ୍କୁ ଆକ୍ରମଣ କରିଥିଲେ।

୬୬ ସୈନିକଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ,୧୧।୧୧: ଯୁଦ୍ଧକ୍ଷେତ୍ରରୁ ପଳାୟନ, ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଏବଂ ସାମରିକ ଗୋଳାବାରୁଦର ଅପବ୍ୟବହାର ଅଭିଯୋଗରେ ୬୬ ଜଣ ସୈନିକଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛି କଙ୍ଗୋର ଏକ ସାମରିକ ଅଦାଲତ। ସ୍ଥାନୀୟ ଗଣମାଧ୍ୟମ ରେଡିଓ ଓକାପିର ରିପୋର୍ଟ ଅନୁଯାୟୀ, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ପୂର୍ବ ଭାଗରେ ଥିବା ଉତ୍ତର କିଭୁ ପ୍ରଦେଶର ଓ୍ୱାଲିକାଲେ ସହରରେ ଏହି ସାମରିକ ବିଚାର ପ୍ରକ୍ରିୟା ଚାଲିଥିଲା। ଦୀର୍ଘ ୧୨ ଦିନ ଧରି ଶୁଣାଣି ପରେ ୬୬ ଜଣ ସୈନିକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଏହି ମାମଲାରେ ଅନ୍ୟ ୪ ଜଣ ସୈନିକ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଆଉ ଜଣଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ମିଳିଛି। ସୂଚନା ଅନୁଯାୟୀ, ଅକ୍ଟୋବର ୨୦ ତାରିଖରେ ଏହି ସୈନିକମାନଙ୍କୁ ଗିରଫ କରାଯାଇଥିଲା। ଫ୍ରଣ୍ଟ ଫର୍ ଦ ରିଫାଉଣ୍ଡେସନ୍ ଅଫ୍ ଦ ନେସନ୍ ନାମକ ବିଦ୍ରୋହୀ ସଂଗଠନର ଯୋଦ୍ଧାଙ୍କ ସହ ଲଢ଼େଇ ସମୟରେ ସୈନିକମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇଥିବା ଅଭିଯୋଗ ହୋଇଥିଲା। ଏଥିସହ ବରିଷ୍ଠ ଅଧିକାରୀଙ୍କ ଆଦେଶ ନମାନିବା ଏବଂ ଗୋଳାବାରୁଦର ଅପଚୟ କରିବା ଭଳି ଅଭିଯୋଗ ମଧ୍ୟ ରହିଥିଲା।


ଜମ୍ମୁ-କଶ୍ମୀରରେ ଆତଙ୍କୀ ହମଲା

୧୫ ସେକେଣ୍ଡରେ ଚାଲିଲା ୩୦ ରାଉଣ୍ଡ ଗୁଳି



ନୂଆଦିଲ୍ଲୀ,୧୧।୧୧: ଜମ୍ମୁ-କଶ୍ମୀରର କୁଲଗାମରେ ଆତଙ୍କବାଦୀ ହମଲା। ସିଆରପିଏଫ ଚେକ ପୋଷ୍ଟ ଉପରେ ଆତଙ୍କବାଦୀମାନେ କରିଛନ୍ତି ଆଖିବୁଜା ଗୁଳିମାଡ଼। ବାଇକରେ ଆସିଥିବା ୨ ଜଣ ଆତଙ୍କବାଦୀ କରିଥିବା ହମଲାର କିଛି ଦୃଶ୍ୟ ଓ ଗୁଳିମାଡ଼ର ଶବ୍ଦ ସିସିଟିଭିରେ କଏଦ ହୋଇଛି। ମୀର ବଜାର ନିକଟ ଅଖରନ ସ୍ଥିତ ଯବାନଙ୍କ ଚେକପୋଷ୍ଟକୁ ଟାର୍ଗେଟ କରି ଆତଙ୍କବାଦୀମାନେ ମାତ୍ର ୧୫ ସେକେଣ୍ଡରେ ୩୦ ରାଉଣ୍ଡ ଗୁଳି ଚଳାଇଥିବା ସିସିଟିଭିରୁ ସ୍ପଷ୍ଟ ହୋଇଛି। ସିସିଟିଭିରେ କଏଦ ହୋଇଥିବା ଶବ୍ଦରୁ ଜଣାପଡୁଛି ଯେ ପ୍ରଥମେ ୧୫ ସେକେଣ୍ଡରେ ୩୦ ରାଉଣ୍ଡ ଗୁଳି ଚାଲୁଛି। ଏହାପରେ ଆହୁରି ୧୦ରୁ ୧୨ ରାଉଣ୍ଡ ଗୁଳି ଚାଲୁଥିବା ଜଣାପଡ଼ିଛି। ଗୁଳିମାଡ଼ ଯୋଗୁ ଛୋଟ ଛୋଟ ପଥର ଖଣ୍ଡ ଓ ଅନ୍ୟାନ୍ୟ ଜିନିଷ କ୍ୟାମେରା ସାମ୍ନାରେ ଖସୁଥିବା ବି ଦେଖାଯାଉଛି। ଗୁଳିମାଡ଼ ସମୟରେ ପ୍ରଥମେ ଜଣେ ସିଆରପିଏଫ ଯବାନଙ୍କୁ ଦେଖିବାକୁ ମିଳୁଛି। ସେ ବନ୍ଦ ଥିବା କିଛି ଦୋକାନ ସାମ୍ନାରେ ବସିଛନ୍ତି। ତାଙ୍କ ଡାହାଣ ପଟୁ ସମ୍ଭବତଃ ଗୁଳିମାଡ଼ ହେଉଥିବା ଜଣାପଡ଼ିବା କ୍ଷଣି ଆଉ ଜଣେ ଯବାନ କ୍ୟାମେରା ଫ୍ରେମକୁ ଆସୁଛନ୍ତି। ଦୁଇ ଜଣ ଯାକ ଗୁଳିମାଡ଼ର ଶବ୍ଦ ଆସୁଥିବା ଦିଗକୁ ମେସିନ ଗନ ଧରି ଦୌଡୁଥିବା ଦେଖାଯାଉଛି। କିଛି ଲୋକ ଚିତ୍କାର କରିବା ଓ ଆକ୍ରମଣକାରୀଙ୍କୁ କାଉଣ୍ଟର କରିବାକୁ ଉଦ୍ୟମ କରୁଥିବା ଶୁଣାଯାଉଛି। ସିଆରପିଏଫ ପକ୍ଷରୁ କୁହାଯାଇଛି ଯେ ପୂରା ଘଟଣା ଦିନ ୨.୧୫ରେ ଘଟିଛି। ଅଜଣା ଦୁର୍ବୃତ୍ତମାନେ ସିଆରପିଏଫ କର୍ମଚାରୀଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଛନ୍ତି। ଆହତ ଯବାନଙ୍କୁ ଅନନ୍ତନାଗର ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆତଙ୍କବାଦୀ ହମଲାରେ ହେଡ୍ କନଷ୍ଟେବଲ ସୋମବୀର ସିଂହ, କନଷ୍ଟେବଲ ରାକେଶ ଦାସ ଓ ସନ୍ତୋଷ ଚନ୍ଦ୍ର ଆହତ ହୋଇଛନ୍ତି। ରାକେଶଙ୍କ ଗୋଡ଼ରେ ଗୁଳି ମାଡ଼ ହୋଇଥିବା ବେଳେ ଚନ୍ଦ୍ରଙ୍କ ତଳି ପେଟ ଓ ପିଠିରେ ଆଘାତ ଲାଗିଛି। ସେହିପରି ସୋମବୀରଙ୍କ ବାମ ବାହୁରେ ଗୁଳି ଲାଗିଛି। ସମସ୍ତେ ବିପଦ ମୁକ୍ତ ଥିବା ସିଆରପିଏଫ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆର୍ଜେଣ୍ଟିନାର ବାୟୁ ଓ ନୌସେନାକୁ ଆତଙ୍କୀ ସଂଗଠନ ଘୋଷଣା କଲା ଇରାନ



ନୂଆଦିଲ୍ଲୀ,୧୧।୧୧: ଯେସାକୁ ତେସା ନୀତି ଆପଣାଇଛି ଇରାନ। ବୁଧବାର ଇରାନର ବୈଦେଶିକ ମନ୍ତ୍ରଣାଳୟ ଆର୍ଜେଣ୍ଟିନାର ନୌସେନା ଓ ବାୟୁ ସେନାକୁ ବିଧିବଦ୍ଧ ଭାବେ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛି। ଅର୍ଥାତ ଆର୍ଜେଣ୍ଟିନାର ସେନା ଅଧିକାରୀ ଓ ଯବାନମାନେ ଇରାନ ଦୃଷ୍ଟିରେ ଏଣିକି ଆତଙ୍କବାଦୀ। ସେମାନଙ୍କ ସହ ଇରାନ ଆତଙ୍କବାଦୀ ଭାବେ ହିଁ ବ୍ୟବହାର କରିବ। ଇରାନ ପୂର୍ବରୁ ଆର୍ଜେଣ୍ଟିନା ମଧ୍ୟ ସମାନ ପଦକ୍ଷେପ ନେଇଥିଲା। ମାର୍ଚ୍ଚ ଶେଷ ଭାଗରେ ଇରାନର ଇସଲାମିକ ରିଭ୍ୟୁଲେସନାରୀ ଗାର୍ଡ କ୍ରପ୍ସକୁ ଗୋଟିଏ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା। ଆଇଆରଜିସି ଲେବାନନର ବିଦ୍ରୋହୀ ଗୋଷ୍ଠୀ ହେଜବୁଲ୍ଲାକୁ ସମର୍ଥନ କରୁଥିବାରୁ ଆର୍ଜେଣ୍ଟିନା ଏପରି ପଦକ୍ଷେପ ଗ୍ରହଣ କରିଥିଲା। ଆର୍ଜେଣ୍ଟିନାର କହିବା କଥା ଯେ ହେଜବୁଲା ପକ୍ଷରୁ ୧୯୯୪ରେ ରାଜଧାନୀ ବୁଏନୋସ ଆଇରେସ ଥିବା ଏଏମଆଇଏ ଇହୁଦୀ ସଂପ୍ରଦାୟକ କେନ୍ଦ୍ର ଉପରେ ହମଲା କରାଯାଇଥିଲା। ଏଥିରେ ୮୫ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଥିଲେ। ହେଜବୁଲ୍ଲା ଏତେ ବଡ଼ ଆକ୍ରମଣ କରିଥିଲେ ହେଁ ଇରାନର ଆଇଆରଜିସି ଏହାକୁ ସମର୍ଥନ କରୁଛି। ତେଣୁ ଦେଶ ପକ୍ଷରୁ ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା। ଆର୍ଜେଣ୍ଟିନାର ଏପରି ପଦକ୍ଷେପକୁ କଡ଼ା ଭାଷାରେ ନିନ୍ଦା କରିଥିବା ଇରାନ ଏବେ ଯେସାକୁ ତେସା ନୀତି ଆପଣାଇଛି। ୨୦୧୯ରେ ଇରାନ ଗୋଟିଏ ଆଇନ ପାରିତ କରିଥିଲା। ଏଥିରେ କୁହାଯାଇଥିଲା ଯେ ଯଦି କୌଣସି ଦେଶ ଇରାନର ସାମରିକ ବଳକୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିବ, ତା'ହେଲେ ତେହରାନ ଉକ୍ତ ଦେଶ ବିରୋଧରେ ଯେକୌଣସି ପଦକ୍ଷେପ ନେଇପାରିବ। ଏବେ ଏହି ନିୟମ ଅନୁସାରେ ଇରାନ ପକ୍ଷରୁ ଆର୍ଜେଣ୍ଟିନାର ନୌସେନା ଓ ବାୟୁସେନାକୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛି।

ପରମାଣୁ ସୂଚନା ପାଇଁ ଆମେରିକାର ୨୦ ମିଲିୟନ ଡଲାର ପୁରସ୍କାର ଘୋଷଣା

- ଜାତିସଂଘ,ଆଇଏଇଏକୁ ନିନ୍ଦା କରିବାକୁ ଅନୁରୋଧ କଲା ଇରାନ

ତେହେରାନ,୧୧।୧୧: ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇଁ ୨୦ ନିୟୁତ ଡଲାର ପର୍ଯ୍ୟନ୍ତ ଆମେରିକାର ପୁରସ୍କାର ଘୋଷଣାକୁ ନିନ୍ଦା କରିବାକୁ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଜାତିସଂଘ ଏବଂ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)କୁ ଅନୁରୋଧ କରି ଚେତାବନୀ ଦେଇଛନ୍ତି ଯେ, ଏହି ପଦକ୍ଷେପ ଦେଶର ପରମାଣୁ ପ୍ରତିଷ୍ଠାନ ଏବଂ ବୈଜ୍ଞାନିକମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଇରାନର ସରକାରୀ ଇସଲାମିକ୍ ରିପବ୍ଲିକ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ, ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ଆଇଏଇଏ ନିର୍ଦ୍ଦେଶକ ରାଫେଲ ଗ୍ରୋସିଙ୍କୁ ଲେଖିଥିବା ଏକ ଚିଠିରେ ଆରାଘଚି ଏହି ଘୋଷଣାକୁ ଘୃଣ୍ୟ ବୋଲି ବର୍ଣ୍ଣନା କରି ଏହାକୁ କଡ଼ା ସ୍ୱରରେ ନିନ୍ଦା କରିବାକୁ ଅନୁରୋଧ କରିଛନ୍ତି।

ସେ କହିଛନ୍ତି ଯେ, ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟର ରିୱାର୍ଡସ ଫର୍ ଜଷ୍ଟିସ୍ ପ୍ରୋଗ୍ରାମ ମାଧ୍ୟମରେ ଘୋଷଣା କରାଯାଇଥିବା ଏବଂ ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ଦ୍ୱାରା ପୁନଃପ୍ରକାଶିତ ଏହି ପ୍ରସ୍ତାବରେ ପରମାଣୁ ପ୍ରତିଷ୍ଠାନ, ଉପକରଣ, ବୈଜ୍ଞାନିକ ଏବଂ କର୍ମଚାରୀଙ୍କ ବିଷୟରେ ସୂଚନା ଲୋଡ଼ାଯାଇଥିଲା ଏବଂ ସୂଚନା ପ୍ରଦାନକାରୀଙ୍କର ସୁରକ୍ଷିତ ସମ୍ଭାବ୍ୟ ସ୍ଥାନାନ୍ତର ପାଇଁ କୁହାଯାଇଥିଲା। ସେ ଓ୍ୱାସିଂଟନ ଉପରେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିରୋଧରେ ଗୁପ୍ତଚରମାନଙ୍କୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରି ଚେତାବନୀ ଦେଇଛନ୍ତି ଯେ, ଏଭଳି ପଦକ୍ଷେପ ପରମାଣୁ ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ହତ୍ୟା, ଅନ୍ତର୍ଘାତ ଏବଂ ଅନ୍ୟାନ୍ୟ ସୁରକ୍ଷା ବିପଦର ସମ୍ମୁଖୀନ କରିପାରେ। ଆରାଘଚି ଯୁକ୍ତି ଦେଇଛନ୍ତି ଯେ, ଆଇଏଇଏ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ପରମାଣୁ ପ୍ରତିଷ୍ଠାନ ବିଷୟରେ ଗୋପନୀୟ ସୂଚନା ଖୋଜିବା ଏଜେନ୍ସିର ମନିଟରିଂ ସିଷ୍ଟମର ବିଶ୍ୱସନୀୟତା ଏବଂ ଅଖଣ୍ଡତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ଶୀର୍ଷ ୧୦ ଟେଷ୍ଟ ମାନ୍ୟତାରେ ରହମତ

ନୂଆଦିଲ୍ଲୀ୧୧।୧୧: ଆଇସିସି ପୁରୁଷ ଟେଷ୍ଟ୍ ବ୍ୟାଟର୍ ମାନ୍ୟତାର ଶ୍ରେଷ୍ଠ ୧୦ରେ ସ୍ଥାନ ପାଇବାରେ ଆଫଗାନିସ୍ତାନର ପ୍ରଥମ ଖେଳାଳି ହୋଇଛନ୍ତି ରହମତ ଶାହ। ସାରଜାରେ ଖେଳାଯାଇଥିବା ଜିମ୍ବାୱେ ବିପକ୍ଷ ଟେଷ୍ଟ୍‌ରେ ୧୭୩ ରନ୍‌ର ଚମତ୍କାର ପାଳି ଖେଳିବା ପରେ ୬ଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି ସେ। ଏହା ମଧ୍ୟ ତାଙ୍କ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ମାନ୍ୟତା। ରହମତଙ୍କ ଏହା ପଞ୍ଚମ ଟେଷ୍ଟ୍ ଶତକ



ଏବଂ ଚଳିତ ବର୍ଷର ଦ୍ୱିତୀୟ ଶତକ। ଏହି ପାଳି ବଳରେ ସେ ଭାରତୀୟ ଅଧିନାୟକ ଶୁବମନ ଗିଲ୍, ଦକ୍ଷିଣ ଆଫ୍ରିକାର ଏଡେନ ମାର୍କରାମ ଓ ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ୍‌ଙ୍କୁ ପଛରେ ପକାଇଛନ୍ତି। ଗିଲ୍ ଓ ପନ୍ତ ଗୋଟିଏ ଲେଖାଏଁ ସ୍ଥାନ ତଳକୁ ଖସିଛନ୍ତି। ପନ୍ତ ୭୧୩ ପଏଣ୍ଟ ସହ ଅଷ୍ଟମ ଓ ଗିଲ୍ ୬୯୭ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛନ୍ତି। ଯଶସ୍ୱୀ ଜୈସୱାଲ ୧୩ତମ ସ୍ଥାନରେ ଅଛନ୍ତି। ଜିମ୍ବାୱେର କ୍ରେଗ୍ ଏରଭିନ୍‌ଙ୍କ ମାନ୍ୟତାରେ ମଧ୍ୟ ଉନ୍ନତି ଘଟିଛି। ଅମୀମାଂସିତ ରହିଥିବା ଆଫଗାନିସ୍ତାନ-ଜିମ୍ବାୱେ ଟେଷ୍ଟ୍‌ର ଦ୍ୱିତୀୟ ପାଳିରେ ସେ ଅପରାଜିତ ୨୦୬ ରନ୍ କରିଥିଲେ। ଫଳରେ ୯ଟି ସ୍ଥାନ ଉପରକୁ ଉଠି ୪୮ତମ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶ-ୱେଷ୍ଟଇଣ୍ଡିଜ୍ ଦୁଇ ଟେଷ୍ଟ୍ ବିଶିଷ୍ଟ ଶୃଙ୍ଖଳା ପରେ ୱେଷ୍ଟଇଣ୍ଡିଜ୍‌ର ଜୋମେଲ୍ ୱାରିକାନ୍ ୧୧ଟି ସ୍ଥାନ ଉପରକୁ ଉଠି ବୋଲରଙ୍କ ମାନ୍ୟତାରେ ଯୁଗ୍ମ ୧୯ତମ ସ୍ଥାନ ହାସଲ କରିଛନ୍ତି। ଏହି ଶୃଙ୍ଖଳାରେ ସେ ୧୬ଟି ୱିକେଟ୍ ନେଇଥିଲେ। ଦିନିକିଆ ମାନ୍ୟତାରେ ଭାରତର ଅକ୍ଷର ପଟେଲ୍ ୨୧ତମ, ଆର୍ଶଦୀପ ସିଂହ ୩୧ତମ ଓ ଗୁରନୂର ବ୍ରାର୍ ୪୮ତମ ସ୍ଥାନକୁ ଉଠିଛନ୍ତି। ନ୍ୟୁଜିଲାଣ୍ଡର ଜାକବ୍ ଡଫି ଓ କାଇଲ୍ ଜାମିସନ୍ ମଧ୍ୟ ଦିନିକିଆ ବୋଲର୍ ମାନ୍ୟତାରେ ଉନ୍ନତି କରିଛନ୍ତି।

ଦିନିକିଆ ଓ ଟେଷ୍ଟ ଶୃଙ୍ଖଳା ଲାଗି ଭାରତୀୟ ଦଳ ୨ ଭାଗ

ଶ୍ରେୟସଙ୍କ ଦଳ ତୌରଙ୍ଗା, ଗିଲ୍ ବାହିନୀ ୱେଲିଂଟନ୍ ଗଲେ

ହାମିଲଟନ୍୧୧।୧୧: ଏଠାରେ ଖେଳାଯିବାକୁ ଥିବା ଘରୋଇ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆ ବର୍ଷା ଯୋଗୁଁ ବାତିଲ ହେବା ପରେ ଭାରତୀୟ ଦଳ ୨ ଭାଗ ହୋଇଯାଇଛି। ଦିନିକିଆ ଶୃଙ୍ଖଳାର ଅବଶିଷ୍ଟ ୨ ମ୍ୟାଚ୍ ଲାଗି ଭାରତୀୟ ଦଳ ତୌରଙ୍ଗାର ମାଉଣ୍ଟମୌଙ୍ଗନଇ ଗସ୍ତ କରିଥିଲା ବେଳେ ଟେଷ୍ଟ୍ ଶୃଙ୍ଖଳା ଲାଗି ପ୍ରସ୍ତୁତ ହେବାକୁ ଅନ୍ୟ ଏକ ଦଳ ୱେଲିଂଟନ ଯାଇଛନ୍ତି। ଶେଷ ଦୁଇ ଦିନିକିଆ ମାଉଣ୍ଟମୌଙ୍ଗନୁଇର ବେ ଓଭାଲରେ ଚଳିତ ମାସ ୧୩ ଓ ୧୫ ତାରିଖରେ ଖେଳାଯିବ। ଏହି ଶୃଙ୍ଖଳା ପରେ ନଭେମ୍ବର ୧୯ରୁ ୱେଲିଂଟନ୍‌ର ବାସିନ୍ ରିଜର୍ଭରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆରମ୍ଭ ହେବ।

ପ୍ରଥମ ୩ ଦିନିକିଆରେ ନେତୃତ୍ୱ ନେଇଥିବା ଶୁବମନ ଗିଲ୍‌ଙ୍କ ବଦଳରେ ଶେଷ ଦୁଇ ଦିନିକିଆରେ ପୂର୍ଣ୍ଣକାଳୀନ ଟ୍ୱେଣ୍ଟି-୨୦ ଅଧିନାୟକ ଶ୍ରେୟସ ଆୟର ନେତୃତ୍ୱ ନେବେ। ଇଶାନ କିଶନ ତାଙ୍କର ଡେପୁଟି ରହିବେ। ଏହି ଚତୁର୍ଥ ଓ ପଞ୍ଚମ ଦିନିକିଆ ଦଳରେ ତିଳକ ବର୍ମା, ଯଶ ଠାକୁର ଓ କୁମାର କୁଶଗ୍ରା ଯୋଗଦେବେ। ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ବିଜୟୀ ଦଳରେ ସଦସ୍ୟ ଥିବା ତିଳକ ୨୦୨୫ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷ ଥର ଲାଗି ଖେଳିଥିଲେ। ଯଶ ଓ କୁଶଗ୍ରା ପ୍ରଥମ ଥର ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଦିନିକିଆ ଦଳ ସହ ରହିଛନ୍ତି।

ପ୍ରଥମ ୩ ଦିନିକିଆ ଦଳରେ ଥିବା ଗିଲ୍, କେଏଲ୍ ରାହୁଲ ଓ ଅଂଶୁଲ କମ୍ବୋଜ ଟେଷ୍ଟ୍ ଶୃଙ୍ଖଳା ଲାଗି ୱେଲିଂଟନ ଗସ୍ତ କରିଛନ୍ତି। ପ୍ରଥମ ଦିନିକିଆ ଦଳରେ






ଥିବା ନୀତୀଶ କୁମାର ରେଡ୍ଡୀ ମଧ୍ୟ ଟେଷ୍ଟ୍ ଦଳରେ ସଦସ୍ୟ ରହିଛନ୍ତି। ଦଳ ସହ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକ, ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମର୍କେଲଙ୍କ ସହ କିଛି ଅଧିକାରୀ ରହିବେ। ଶେଷ ଦିନିକିଆର ମାତ୍ର କିଛି ଦିନ ପରେ ଟେଷ୍ଟ୍ ଶୃଙ୍ଖଳା ଖେଳାଯିବାକୁ ଥିବାରୁ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍ସିପ୍ ଫାଇନାଲ୍ ସ୍ଥାନ ପାଇଁ ଭାରତ ଲାଗି ଏହି ଟେଷ୍ଟ୍ ଶୃଙ୍ଖଳା ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରମୁଖ ଖେଳାଳିଙ୍କୁ ସତେଜ ରଖିବା ଲାଗି ବିସିସିଆଇ ଏଭଳି ପନ୍ଥା ଅବଲମ୍ବନ କରିଛି।

ସଂପ୍ରତି ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିଲା ବେଳେ ଦିନିକିଆ ଶୃଙ୍ଖଳାରେ ୨-୦ରେ ଆଗରେ ରହିଛି। ଭାରତୀୟ ଦଳ (ଚତୁର୍ଥ ଓ ପଞ୍ଚମ): ଶ୍ରେୟସ ଆୟର (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ତିଳକ ବର୍ମା, ଇଶାନ କିଶନ (ଉପଅଧିନାୟକ ଓ ୱିକେଟ୍‌କିପର), ଅକ୍ଷର ପଟେଲ, ନମନ ଧୀର, ଆକ୍ୱିବ ନବି, ଗୁରନୂର ବ୍ରାର, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, କୁମାର କୁଶଗ୍ରା (ୱିକେଟ୍‌କିପର), ମହମ୍ମଦ ସିରାଜ, ଯଶ ଠାକୁର, କୁଲଦୀପ ଯାଦବ।

ପର୍ତ୍ତୁଗାଲ ଦଳରେ କନିଷ୍ଠ ରୋନାଲ୍‌ଡୋ

ଲିସବନ,୧୧।୧୧: କ୍ରିଷ୍ଟିଆନୋ ରୋନାଲଡୋ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ଅବସର ନେବାର ଗୋଟିଏ ସପ୍ତାହ ପରେ ତାଙ୍କ ବଡ଼ ପୁଅ ପର୍ତ୍ତୁଗାଲ ପାଇଁ ଖେଳିବାକୁ ଯାଉଛନ୍ତି। କନିଷ୍ଠ କ୍ରିଷ୍ଟିଆନ ରୋନାଲ୍‌ଡୋ ୧୭ ବର୍ଷରୁ କମ୍ ପର୍ତ୍ତୁଗାଲ୍ ଦଳରେ ସ୍ଥାନ ପାଇଛନ୍ତି। ସେ ବୁଧବାର ଆଣ୍ଡୋରେ ବିପକ୍ଷରେ ଖେଳାଯିବାକୁଥିବା ୟୁଫା ୧୭ ବର୍ଷରୁ କମ୍ ପ୍ରତିଯୋଗିତାରେ ପଦାର୍ପଣ କରିବେ। ଏହାପରେ



ଏହାପରେ ବୁଲଗେରିଆ ଓ ସର୍ବିୟା। ବିପକ୍ଷରେ ଖେଳିବେ। ଏହି ମ୍ୟାଚ୍‌ଗୁଡ଼ିକରେ ସେ ନିଜର ଛାପ ଛାଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ୧୬ ବର୍ଷୀୟ କନିଷ୍ଠ ରୋନାଲ୍‌ଡୋ ସଂପ୍ରତି ସାଉଦି କ୍ଲବ୍ ଅଲ୍ ନାସରର କନିଷ୍ଠ ଦଳରୁ ଖେଳୁଛନ୍ତି। ଏହି କ୍ଲବ୍‌ରୁ ତାଙ୍କ ବାପା ୨୦୨୩ରୁ ଖେଳି ଆସୁଛନ୍ତି। ରୋନାଲ୍‌ଡୋଙ୍କଠୁ ଡେଙ୍ଗା ଥିବା ୬ଫୁଟ୍ ୩ ଇଞ୍ଚ ଉଚ୍ଚର ଏହି ଷ୍ଟ୍ରାଇକର୍ ଗୋଲ୍ କରିବାର ବାପାଙ୍କ ଭଳି କଳା ରଖିଛନ୍ତି। ରୋନାଲ୍‌ଡୋ ୧୮ ବର୍ଷ ବୟସରେ ୨୦୦୩ରେ ବରିଷ୍ଠ ବର୍ଗରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ପୁଅ ଏବେ କନିଷ୍ଠ ଦଳରେ ସ୍ଥାନ ପାଇ ଏହି ଆଶା ରଖିଛନ୍ତି। ୨୩୪ ମ୍ୟାଚ୍ ଖେଳି ୧୪୬ ଗୋଲ୍ ସ୍କର୍ କରିଥିବା 'ସିଆର୍‌୭' ଭାବେ ପରିଚିତ ୪୧ ବର୍ଷୀୟ ରୋନାଲ୍‌ଡୋ ଚଳିତ ମାସ ୫ ତାରିଖରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ଅବସର ନେଇଥିଲେ।

ସୋମାୟାଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଉଦ୍ଧାର

ବେଙ୍ଗାଲୁରୁ୧୧।୧୧:: ପୂର୍ବତନ ଭାରତୀୟ ହକି ଅଧିନାୟକ ଏମ୍ ଏମ୍ ସୋମାୟାଙ୍କ ଚୋରି ହୋଇଥିବା ୧୯୮୦ ମସିହା ମସ୍କୋ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ସମେତ ସମସ୍ତ ମୂଲ୍ୟବାନ ସାମଗ୍ରୀକୁ ଉଦ୍ଧାର କରିଛି ବେଙ୍ଗାଲୁରୁ ପୁଲିସ। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଚୋରି ହୋଇଥିବା ୮ଟି ପଦକ, କ୍ୟାମେରା, କୋଡାଗୁ






ଖଣ୍ଡା ଓ ଅଲିମ୍ପିକ୍ କିଟ୍ ବ୍ୟାଗ୍ ସହ ଅପରାଧରେ ବ୍ୟବହୃତ ଦୁଇଚକିଆ ଯାନକୁ ମଧ୍ୟ ପୁଲିସ ଜବତ କରିଛି। ବୁଧବାର ଏହି ସଫଳତା ପାଇଁ ବେଙ୍ଗାଲୁରୁ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି ସୋମାୟା। ସେ କହିଛନ୍ତି, ଚୋରି ହୋଇଥିବା ପଦକଗୁଡ଼ିକ ଫେରି ପାଇବା ପରେ ତାଙ୍କୁ ପୁଣି ଥରେ ସେହି ପଦକ ଜିତିବାର ଅନୁଭୂତି ହେଉଛି। ଏହି ପଦକଗୁଡ଼ିକ ତାଙ୍କ ଦୀର୍ଘ ବର୍ଷର କଠିନ ପରିଶ୍ରମ ଓ ସଂଘର୍ଷର ସ୍ମୃତି ବହନ କରୁଛି।

ସେ କହିଛନ୍ତି, ହକି ଏକ ସୌଖିନ ଖେଳ ଥିବା ସମୟରେ ଏହି ପଦକଗୁଡ଼ିକ ଜିତିଥିଲେ। ସେତେବେଳେ ଖେଳାଳିଙ୍କ ପାଇଁ କୌଣସି ଆର୍ଥିକ ପୁରସ୍କାର ନଥିଲା। ପଦକ ହିଁ ସେମାନଙ୍କ ପରିଶ୍ରମର ଏକମାତ୍ର ସ୍ୱୀକୃତି ଥିଲା। ବିଶେଷ କରି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ତାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ସୂଚନାଯୋଗ୍ୟ ଯେ ଅକ୍ଟୋବର ୨୮ ତାରିଖରେ ଇନ୍ଦିରାନଗର ଥାନା ଅଧୀନ ଏଚ୍‌ଏଏଲ୍ ତୃତୀୟ ଷ୍ଟେଜ୍‌ସ୍ଥିତ ସୋମାୟାଙ୍କ ବାସଭବନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

ପୁଲିସ ରାଜାଜୀନଗରରୁ ଦୁଇଟି ପଦକ ଏବଂ ହୋସକୋଟେରୁ ଅବଶିଷ୍ଟ ୬ଟି ପଦକ ସହ ଅନ୍ୟ ସାମଗ୍ରୀ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ପଦକ ମଧ୍ୟରେ ୧୯୮୦ ମସ୍କୋ ଅଲିମ୍ପିକ୍ସର ସ୍ୱର୍ଣ୍ଣ, ୧୯୮୨ ଏସୀୟ କ୍ରୀଡ଼ାର ରୌପ୍ୟ, ୧୯୮୬ ସିଓଲ୍ ଏସୀୟ କ୍ରୀଡ଼ାର କାଂସ୍ୟ ଏବଂ ୧୯୮୨ ଆମଷ୍ଟରଡାମ୍ ଚାମ୍ପିଅନ୍ସ ଟ୍ରଫିର କାଂସ୍ୟ ପଦକ ରହିଛି। ଏହାବ୍ୟତୀତ ଇଟାଲୀର ଲୋୟାନୋ ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ, ୧୯୮୪ ଲସ୍ ଏଞ୍ଜେଲସ୍ ଓ ୧୯୮୮ ସିଓଲ୍ ଅଲିମ୍ପିକ୍ସର ଅଂଶଗ୍ରହଣ ପଦକ ଏବଂ ଗୁରୁ ଗୋବିନ୍ଦ ସିଂହଙ୍କ ୩୦୦ତମ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ପ୍ରଦତ୍ତ ଏକ ରୌପ୍ୟ ପଦକ ମଧ୍ୟ ରହିଛି।

ଡବ୍ଲ୍ୟୁଟିଏ ଫାଇନାଲ୍ସ ସେମିରେ ନୋସ୍କୋଭା

ଇଣ୍ଡିଆନ୍‌ୱେଲ୍ସ୧୧।୧୧: : ବର୍ଷର ଶେଷ ଟେନିସ ପ୍ରତିଯୋଗିତା ଚଳିତ ଡବ୍ଲ୍ୟୁଟିଏ ଫାଇନାଲ୍ସର ସେମିଫାଇନାଲ୍‌ରେ ଚେକ୍‌ଗଣରାଜ୍ୟର ଲିଣ୍ଡା ନୋସ୍କଭା ସ୍ଥାନ ପକ୍କା କରିଛନ୍ତି। ବୁଧବାର ନୋସ୍କଭା ସିଧାସଳଖ ୬-୩, ୬-୩ ସେଟ୍‌ରେ ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରି ଏହା ନିଶ୍ଚିତ କରିଥିଲେ। ବିଶ୍ୱର ଏକ ନମ୍ବର ଏଲିନା



ରିବାକିନା ଅସୁସ୍ଥତା କାରଣରୁ ଏହି ପ୍ରତିଯୋଗିତାରୁ ଓହରି ଯାଇଥିଲେ। ଫଳରେ ତାଙ୍କ ସ୍ଥାନରେ ୱିମ୍ବଲଡନ୍ ବିଜୟିନୀ ନୋସ୍କଭା ସାମିଲ ହେବା ସହ ଡବ୍ଲ୍ୟୁଟିଏ ପଦାର୍ପଣରେ ସେମିଫାଇନାଲ୍‌ରେ ପହଞ୍ଚି ବଡ଼ ସଫଳତା ଅର୍ଜନ କରିଛନ୍ତି।

ଅନ୍ୟଏକ ଗ୍ରୁପ୍-୧ ମ୍ୟାଚ୍‌ରେ ଆମେରିକାର ଜେସିକା ପେଗୁଲା ୬-୨, ୭-୫ ସେଟ୍‌ରେ ୟୁକ୍ରେନ୍‌ର ମାର୍ତା କୋସ୍ଟ୍ୟୁକ୍‌ଙ୍କୁ ହରାଇଛନ୍ତି। ଏହି ପରାଜୟ ସହ କୋସ୍ଟ୍ୟୁକ୍ ସେମିଫାଇନାଲ୍‌ର ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଏହି ଗ୍ରୁପରେ ଗଫ୍ ଓ ପେଗୁଲା ସଂପ୍ରତି ଗୋଟିଏ ଲେଖାଏଁ ବିଜୟ ଓ ପରାଜୟ ପାଇଛନ୍ତି। ଗୁରୁବାର ଶେଷ ଗ୍ରୁପ୍ ମ୍ୟାଚ୍ ପରେ ନୋସ୍କଭାଙ୍କ ସହ ଏହି ଗ୍ରୁପ୍‌ରୁ କିଏ ସେମିଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବ ନିଶ୍ଚିତ ହେବ।

ଏମ୍‌ସିଏ 'ବାଟୋଗ୍ରାଫି'ରେ ପ୍ରଦର୍ଶିତ ହେବ ସଚିନଙ୍କ ୨୬ ଐତିହାସିକ ବ୍ୟାଟ୍

ମୁମ୍ବାଇ: ଭାରତୀୟ କିଂବଦନ୍ତି କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ୨୬ଟି ଐତିହାସିକ ବ୍ୟାଟ୍ ସହ କିଛି ସ୍ମରଣୀୟ ସାମଗ୍ରୀ ମୁମ୍ବାଇସ୍ଥିତ ଏମ୍‌ସିଏ ଶରଦ ପାୱାର କ୍ରିକେଟ୍ ସଂଗ୍ରାହଳୟରେ ପ୍ରଦର୍ଶିତ ହେବ। 'ବ୍ୟାଟୋଗ୍ରାଫି' ନାମକ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀରେ ସଚିନଙ୍କ କ୍ରିକେଟ୍ ଯାତ୍ରାର କାହାଣୀକୁ ସେହି ବ୍ୟାଟ୍‌ଗୁଡ଼ିକ ମାଧ୍ୟମରେ ବର୍ଣ୍ଣନା କରିଯିବ। ଏଥିରେ



ସଚିନ ହାସଲ କରିଥିବା ୧୦୦ ଶତକରେ ଅନ୍ତର୍ଭୁକ୍ତ କିଛି ବ୍ୟାଟ୍ ସହ ତାଙ୍କ କ୍ରୀଡ଼ାଜୀବନ ସହ ଜଡ଼ିତ ଅନ୍ୟାନ୍ୟ ସାମଗ୍ରୀ (ହେଲମେଟ୍, ଗ୍ଲୋଭ୍ସ, ପ୍ୟାଡ୍) ମଧ୍ୟ ରହିବ।

ଏସବୁ ସଚିନ ଉପହାର ଭାବେ ଏମ୍‌ସିଏକୁ ପ୍ରଦାନ କରିବେ। ଫଳରେ ଦର୍ଶକମାନେ ସଚିନଙ୍କ ବିଭିନ୍ନ ମାଇଲଖୁଣ୍ଟର ଇତିହାସ ବିଷୟରେ ସୂଚନା ପାଇପାରିବେ ବୋଲି ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ) ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି। ଏହି ସଂଗ୍ରାହଳୟ ଚଳିତ ମାସ ୧୬ ତାରିଖରେ ଉଦ୍‌ଘାଟିତ ହେବ। ୧୩ ବର୍ଷ ତଳେ ଏହି ତାରିଖରେ ସଚିନ ନିଜର ୨୦୦ତମ ଟେଷ୍ଟ୍ ଘରୋଇ ପଡ଼ିଆ ୱାଙ୍ଖେଡେରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହି ସ୍ମୃତି ଉଜ୍ଜୀବିତ ରଖିବା ଲାଗି ଏମ୍‌ସିଏ ଏଭଳି ଯୋଜନା କରିଛି।

ପାୟଲ ନାଗ ପାଇଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି

ଭୁବନେଶ୍ୱର୧୧।୧୧: ଓଡ଼ିଶାର ପାରା କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ମହିଳା ପାରା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ପାରା ତୀରନ୍ଦାଜ ପାୟଲ ନାଗ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆଜି କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ପାୟଲଙ୍କୁ ସମ୍ବର୍ଦ୍ଧିତ



କରିବା ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିସନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ କହିଛନ୍ତି ଯେ, ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ପାୟଲ ନାଗ ରୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ପାୟଲଙ୍କ ଏହି ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ପ୍ରଦାନ କରିଛି। ପାୟଲଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି ବୋଲି ସଚିବ ଭୂପେନ୍ଦ୍ର ସିଂହ ପୁନିଆ ମତପ୍ରକାଶ କରିଛନ୍ତି।

ଓଡ଼ିଶା ପୁରୁଷ କ୍ରିକେଟ୍ ଦଳରେ ବଲାଙ୍ଗିରର ୩ ଖେଳାଳି

ଓମକାର ମହାନ୍ତି, ଯୋଗେଶ୍ୱର ବାଗ ଓ ସିଦ୍ଧେଶ୍ୱର ବାଗଙ୍କୁ ମିଳିଲା ସୁଯୋଗ

ବଲାଙ୍ଗିର,୧୧।୧୧: ଚଳିତ ବର୍ଷ ଓଡ଼ିଶା ପୁରୁଷ କ୍ରିକେଟ୍ ଦଳରେ ବଲାଙ୍ଗିର ଜିଲ୍ଲାର ତିନି ଜଣ ପ୍ରତିଭାବାନ ଯୁବ କ୍ରିକେଟର ସ୍ଥାନ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଓମକାର ମହାନ୍ତି, ଯୋଗେଶ୍ୱର ବାଗ ଓ ସିଦ୍ଧଶ୍ୱର ବାଗ ।

ବଲାଙ୍ଗିରର ଓମକାର ମହାନ୍ତି ଆସନ୍ତା ନଭେମ୍ବର ୧୪ ତାରିଖରୁ କୋଲକାତାଠାରେ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ନଭେମ୍ବର ୧୪ରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ ।

ସେହିପରି ବଲାଙ୍ଗିରର ଯୁବ ଖେଳାଳି ଯୋଗେଶ୍ୱର ବାଗ ଓଡ଼ିଶା ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇ କୁଚ୍ ବିହାର ଟ୍ରଫିର ଦୁଇଟି ମ୍ୟାଚ୍ ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ନଭେମ୍ବର ୨୬ ତାରିଖରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମଠାରେ ଗୋଆ ବିପକ୍ଷରେ ଓଡ଼ିଶା ଦଳ ଖେଳିବାକୁ ଥିବାବେଳେ ଡିସେମ୍ବର ୩ ତାରିଖରେ ବରଗଡ଼ର ବିକାଶ ଷ୍ଟାଡିୟମଠାରେ ପଶ୍ଚିମବଙ୍ଗ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।



ଅନ୍ୟପକ୍ଷରେ ଯୋଗେଶ୍ୱର ବାଗଙ୍କ ସାନଭାଇ ତଥା ବଲାଙ୍ଗିର ଜିଲ୍ଲାର ଆଉ ଜଣେ ଉଦୀୟମାନ କ୍ରିକେଟର ସିଦ୍ଧଶ୍ୱର ବାଗ ମଧ୍ୟ ଓଡ଼ିଶା ୧୬ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ସେ ଆସନ୍ତା ନଭେମ୍ବର ୧୪ ତାରିଖରୁ କର୍ଣ୍ଣାଟକଠାରେ ଆରମ୍ଭ ହେବାକୁ ଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦୁଇଟି ମ୍ୟାଚ୍ ପାଇଁ ମନୋନୀତ ହୋଇଛନ୍ତି ।

ବଲାଙ୍ଗିର ଜିଲ୍ଲାର ତିନି ଜଣ ଖେଳାଳି ଏକାସାଙ୍ଗରେ ଓଡ଼ିଶାର ବିଭିନ୍ନ ବୟସ ବର୍ଗ ଓ ସିନିୟର ପୁରୁଷ କ୍ରିକେଟ୍ ଦଳରେ ସ୍ଥାନ ପାଇବା ଖବର ଜିଲ୍ଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ଲହରୀ ସୃଷ୍ଟି କରିଛି ।

ଏହି ଗୌରବମୟ ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ତିନି ଖେଳାଳିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଆଗାମୀ କ୍ରୀଡ଼ା ଜୀବନରେ ଅଧିକ ସଫଳତା କାମନା କରାଯାଇଛି ।

ବଲାଙ୍ଗିର ମାଟିର ଏହି ତିନି ପ୍ରତିଭା ଆଗାମୀ ଦିନରେ ଜାତୀୟ ସ୍ତରରେ ଜିଲ୍ଲା ଓ ଓଡ଼ିଶାର ଗୌରବ ବଢ଼ାନ୍ତୁ ।

ପୂର୍ବାଞ୍ଚଳ ମହିଳା ଟି-୨୦ ଦଳରେ ଓଡ଼ିଶାର ୩ ଖେଳାଳି

କଟକ, ୧୧।୧୧: ବିସିସିଆଇର ଘରୋଇ କ୍ରିକେଟ୍ ଋତୁ ୨୦୨୬-୨୭ ପାଇଁ ଆୟୋଜିତ ହେବାକୁ ଥିବା ସିନିୟର ମହିଳା ଇଣ୍ଟର ଜୋନାଲ ଟି-୨୦ ଟ୍ରଫିରେ ଓଡ଼ିଶାର ଖେଳାଳିମାନେ ସୁଯୋଗ ପାଇଛନ୍ତି। ପୂର୍ବାଞ୍ଚଳ (ଇଷ୍ଟ ଜୋନ୍) ଦଳର ୧୫ ଜଣିଆ ଚୂଡ଼ାନ୍ତ ଦଳରେ ଓଡ଼ିଶାର ତନ୍ମୟୀ ବେହେରା, ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ଶୁଭ୍ରା ଏନ୍. ସ୍ୱାଇଁ ସ୍ଥାନ ପାଇଛନ୍ତି। ସେହିପରି ଅନନ୍ୟା ମିଶ୍ରଙ୍କୁ ଷ୍ଟାଣ୍ଡବାଏ ଖେଳାଳି ଭାବେ ମନୋନୀତ କରାଯାଇଛି।ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆସାମର ଗୁଆହାଟୀଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମନୋନୀତ ତନ୍ମୟୀ ବେହେରା ବ୍ୟାଟର୍ ଭାବେ ଦଳରେ ସ୍ଥାନ ପାଇଥିବାବେଳେ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଶୁଭ୍ରା ଏନ୍. ସ୍ୱାଇଁ ଅଲରାଉଣ୍ଡର୍ ଭାବେ ଦଳକୁ ପ୍ରତିନିଧିତ୍ୱ କରିବେ। ଏହା ସହିତ ଓଡ଼ିଶାର ମଧୁସ୍ମିତା ବେହେରାଙ୍କୁ ଇଷ୍ଟ ଜୋନ୍ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଜି. ପୋଲାମାଙ୍କୁ ଦଳର ଶକ୍ତି ଓ ଶାରୀରିକ ସକ୍ଷମତା ପ୍ରଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ଖେଳାଳି ଓ ପ୍ରଶିକ୍ଷକଙ୍କ ଏହି ମନୋନୟନକୁ ନେଇ ଓଡ଼ିଶା କ୍ରିକେଟ୍ ମହଲରେ ଖୁସି ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ମନୋନୀତ ଖେଳାଳି ଏବଂ ସହାୟକ ପ୍ରଶିକ୍ଷକ ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ନ୍ୟୁଜିଲାଣ୍ଡ ଟେଷ୍ଟ୍ ଦଳ ଘୋଷିତ: ରାଚିନ, କନୱେ ଫେରିଲେ

ୱେଲିଂଟନ୧୧।୧୧: : ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ୍ ଶୃଙ୍ଖଳା ଲାଗି ବୁଧବାର ନ୍ୟୁଜିଲାଣ୍ଡ ଦଳ ଘୋଷିତ ହୋଇଛି। ଆହତ ଯୋଗୁଁ ବାଦ୍ ପଡ଼ିଥିବା ଦୁଇ ତାରକା ବ୍ୟାଟର୍ ରାଚିନ ରବୀନ୍ଦ୍ର, ଡେଭନ କନୱେ ଏବଂ ୱିକେଟକିପର ଟମ୍ ବ୍ଲଣ୍ଡେଲ ଦଳକୁ ଫେରିଛନ୍ତି। ଟ୍ୱେଣ୍ଟି-୨୦ ଶୃଙ୍ଖଳା ପୂର୍ବରୁ ହେଉଥିବା ପ୍ରମୋସନ ସୁଟ୍ ବେଳେ ରବୀନ୍ଦ୍ରଙ୍କ ଡାହାଣ କାନ୍ଧ ଖସି ଯାଇଥିଲା। ଫଳରେ ଭାରତ ବିପକ୍ଷ ପୂରା ଧଳାବଲ୍ ଶୃଙ୍ଖଳାରେ ସେ ଖେଳି ପାରି ନଥିଲେ। ସେହିପରି ପ୍ରଥମ ଦିନିକିଆ ପୂର୍ବ ଅଭ୍ୟାସ ବେଳେ କନୱେ ମସ୍ତିଷ୍କାଘାତ ଯୋଗୁଁ ଦଳରୁ ବାଦ୍ ପଡ଼ିଥିଲେ। ବ୍ଲଣ୍ଡେଲଙ୍କ ଜଙ୍ଘରେ ଆଘାତଜନିତ ସମସ୍ୟା ଦେଖାଯାଇଥିଲା। ଏବେ ଏହି ୩ ଜଣ ଦଳକୁ ଫେରିଛନ୍ତି। ହେଲେ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାକୁ ୨-୧ରେ ଜିତିଥିବା ଦଳର ସଦସ୍ୟ ଥିବା ବେନ୍ ସିଅର୍ସ ଗୋଇଠି ଜନିତ ଓ ଜ୍ୟାକ୍ ଫକ୍ସ ପିଠା ଜନିତ ଆଘାତ ସମସ୍ୟା ଏବଂ ୱିଲ୍ ଓ'ରୁରକି ଖେଳିବା ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମରେ ଥିବାରୁ ପ୍ରତ୍ୟାବର୍ତ୍ତନ କରି ପାରିନାହାନ୍ତି। ତେବେ ଟମ୍ ଲାଥମଙ୍କ ଅଧିନାୟକତ୍ୱରେ ଘୋଷିତ ଦଳକୁ ଜାକବ ଡଫି ଫେରିଛନ୍ତି। ଚଳିତ ମାସ ୧୯ରୁ ପ୍ରଥମ ଟେଷ୍ଟ୍ ୱେଲିଂଟନ୍‌ରେ ଏବଂ ୨୭ରୁ ଖ୍ରୀଷ୍ଟଚର୍ଚ୍ଚରେ ଦ୍ୱିତୀୟ ଟେଷ୍ଟ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଟେଷ୍ଟ୍ ଦଳ: ଟମ୍ ଲାଥମ (ଅଧିନାୟକ), ଟମ ବ୍ଲଣ୍ଡେଲ (ୱିକେଟ୍‌କିପର), ଡେଭନ କନୱେ, ଜାକବ ଡଫି, ମ୍ୟାଟ୍ ହେନରି, କାଇଲ ଜାମିସନ, ଡାରିଲ ମିଚେଲ, ହେନରି ନିକୋଲ୍ସ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ନାଥନ ସ୍ମିଥ, ବ୍ଲେୟର ଟିକ୍ନର, ୱିଲ ୟଙ୍ଗ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,